# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୬/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, July 6/2023 | Page 16 | ₹ 7.00 | RAYAGADA

୪୯ଶ ଭାଗ ୨୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 221 | ମୂଲ୍ୟ ₹୭/-




**୩ ମାସରେ ୩ ଫିଲ୍ମ ରିଲିଜ୍**

ଅଭିନେତ୍ରୀ କଙ୍ଗନା ରଣାଓ୍ୱତ୍‌ଙ୍କ ଆଗାମୀ ୩ ଫିଲ୍ମ ଆସନ୍ତା ୩ ମାସରେ ରିଲିଜ୍ ହେବାକୁ ଯାଉଛି। ନିକଟରେ କଙ୍ଗନା ଫିଲ୍ମ 'ତେଜସ୍'ର ରିଲିଜ୍ ତାରିଖ ଘୋଷଣା କରିଛନ୍ତି।

୧୩

୧୪

**ପ୍ରଥମ ମହିଳା କୋଚ୍**

ଇଂଲିଶ ଫୁଟବଲ ଲିଗରେ ପୁରୁଷ ଦଳ ଫରେଷ୍ଟ ଗ୍ରୀନ୍ ଏହାର ପ୍ରଥମ ମହିଳା କୋଚ୍ ଭାବରେ ହାନ୍ନା ଡିଙ୍ଗଲିଙ୍କୁ ନିଯୁକ୍ତ ଦେଇଛି।



# ଡିଏନ୍ ଗ୍ରୁପ୍ ଉପରେ ଆୟକର ଚଢ଼ାଉ

- କର୍ମଚାରୀଙ୍କଠୁ ୩୦ କୋଟି ଜବତ
- ୨୦ଟି ସ୍ଥାନରେ ଚାଲିଛି ଚଢ଼ାଉ
- ପ୍ରଭାବଶାଳୀ ବ୍ୟକ୍ତିଙ୍କ ଟଙ୍କା ନିବେଶକୁ ନେଇ ଉଠିଲା ପ୍ରଶ୍ନ

**ଭୁବନେଶ୍ୱର,୫।୭(ସତ୍ୟଜିତ୍ ରାଉତ)**

ଓଡ଼ିଶାର ଅନ୍ୟତମ ରିୟଲ୍ ଇଷ୍ଟେଟ୍ କମ୍ପାନୀ ଡିଏନ୍ ଗ୍ରୁପ ଉପରେ ବୁଧବାର ଆୟକର ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଭୁବନେଶ୍ୱର ସମେତ ପ୍ରାୟ ୨୦ଟି ସ୍ଥାନରେ ଥିବା ସଂସ୍ଥାର ବ୍ୟବସାୟିକ ପ୍ରତିଷ୍ଠାନ, ଅଧ୍ୟକ୍ଷ ଜଗଦୀଶ୍ ପ୍ରସାଦ ନାୟକଙ୍କ ସମେତ ନିର୍ଦ୍ଦେଶକ ଓ କର୍ମଚାରୀଙ୍କ ଘର ଉପରେ ଏକକାଳୀନ ଏହି ଚଢ଼ାଉ ଚାଲିଛି। ତେବେ ଭୁବନେଶ୍ୱର ୟୁନିଟ-୪ ଅନ୍ତର୍ଗତ ପୋଷ୍ଟାଲ-ବିଏସ୍ଏନ୍ଏଲ୍ କଲୋନୀରେ ରହୁଥିବା ଡିଏନ୍ ଗ୍ରୁପ୍‌ର କର୍ମଚାରୀ ଚନ୍ଦ୍ରଶେଖର ପଣ୍ଡାଙ୍କ ଠାରୁ ଆୟକର ବିଭାଗ ପ୍ରାୟ ୩୦ କୋଟି ନଗଦ ଟଙ୍କା ଜବତ କରିଛି। ଜଣେ କର୍ମଚାରୀଙ୍କ ଘରୁ ଏତେ ମାତ୍ରାରେ ଟଙ୍କା ଜବତ ହେବା ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଛି। ଡିଏନ୍ ଗ୍ରୁପରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଟଙ୍କା ନିବେଶ ହୋଇଥିବା କୁହାଯାଉଛି। ତେଣୁ ଏହି ଘଟଣାକୁ ନେଇ ଏବେ ରାଜନୀତି ମଧ୍ୟ ଜୋର୍ ଧରିଛି। ସରକାରୀ ଦଳର ପୃଷ୍ଠପୋଷକତାରେ ଡିଏନ୍ ☞ପୃଷ୍ଠା-୪



ଜବତ ଟଙ୍କା

# ୫-ଟି ସଚିବଙ୍କୁ ବିରୋଧ ବଢୁଛି

- ସୋନପୁର ପରେ ବୌଦ୍ଧରେ କାର୍‌କେଡ୍‌କୁ ଅଣ୍ଡାମାଡ଼
- ଭାଜପା, କଂଗ୍ରେସର କଳାପତାକା ପ୍ରଦର୍ଶନ

**ବୌଦ୍ଧ,୫।୭(ଅଜିତ କୁମାର ବାରିକ)**

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତକୁ ବିରୋଧୀ ରାଜନୈତିକ ଦଳଗୁଡ଼ିକର ବିରୋଧ ବଢ଼ିବାରେ ଲାଗିଛି। ମଙ୍ଗଳବାର ସୋନପୁର ଗସ୍ତବେଳେ ୫-ଟି ସଚିବଙ୍କ କାର୍‌କେଡ୍‌କୁ ଅଣ୍ଡାମାଡ଼ ହୋଇଥିବାବେଳେ ବୁଧବାର ବୌଦ୍ଧରେ ସମାନ ଘଟଣା ଘଟିଛି। ଭାଜପା ଓ କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରିବା ସହ ନାନା ବିରୋଧାତ୍ମକ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳୁଛି।



ପାଣ୍ଡିଆନ ବୁଧବାର ବୌଦ୍ଧ ଓ କନ୍ଧମାଳ ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ହେଲେ ୨ ପ୍ରମୁଖ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ପକ୍ଷରୁ କଡ଼ା ବିରୋଧ କରାଯାଇଥିଲା। ☞ପୃଷ୍ଠା-୪

## ବନ କର୍ମଚାରୀଙ୍କ ଶକ୍ତି ବୃଦ୍ଧି: ଚଳାଇପାରିବେ ବନ୍ଧୁକ

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

ବୈଦିକଯୁଗର ସିରିଏଲ୍ କିଲର୍







**ଚାଇନାରେ ବର୍ଷା ବିପ୍ଳବ: ୧୫ ମୃତ**

ଚାଇନାର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଲଗାଣ ବର୍ଷା ଫଳରେ ୧୫ଜଣଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ନିଖୋଜ ଅଛନ୍ତି। ସୋମବାରଠାରୁ ସ୍ଥାନୀୟ ଅଞ୍ଚଳରେ ବର୍ଷା ଲାଗିଛି। ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାଲାଗି ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସରେ ବର୍ଷା ଯୋଗୁ ୪୬୦,୦୦୦ ଜଣ ପ୍ରଭାବିତ ହୋଇଥିବା ବେଳେ ୮୫,୦୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।



## ସଂକ୍ଷେପରେ

### ଡେଟା ପ୍ରୋଟେକ୍ସନ ବିଲ୍ ଚିଠାକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୫ା୭(ପି.ଟି.):** ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ୍ (ଡିପିଡିପି) ବିଲ୍, ୨୦୨୩ର ଚିଠାକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ମିଳିଛି। ଜୁଲାଇ ୨୦ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ଏହାକୁ ଆଗତ କରାଯିବ ବୋଲି ସରକାରଙ୍କ ସୂତ୍ରରୁ ଜଣାପଡ଼ିଛି। ବିଲ୍‌ରେ ଥିବା ନିୟମଗୁଡ଼ିକୁ ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତି ବା ସଂସ୍ଥାକୁ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବ। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ଜାରି କରାଯାଇଥିବା ଚିଠାରେ ଥିବା ଅଧିକାଂଶ ନିୟମକୁ ଏଥିରେ ସାମିଲ କରାଯାଇଛି। ପ୍ରସ୍ତାବିତ ଆଇନରେ ସରକାରୀ ସଂସ୍ଥାଗୁଡ଼ିକୁ ଛଡ଼ାଯାଇନାହିଁ। ବିବାଦ ହେଲେ ଡେଟା ପ୍ରୋଟେକ୍ସନ୍ ବୋର୍ଡ ସମାଧାନ ପାଇଁ ନିଷ୍ପତ୍ତି ନେବ। ନାଗରିକମାନେ ଦେୱାନୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇ କ୍ଷତିପୂରଣ ଦାବି କରିପାରିବେ। ଏହି ଆଇନ କାର୍ଯ୍ୟକାରୀ ହେଲେ ଲୋକେ ସେମାନଙ୍କଠାରୁ ସଂଗୃହୀତ ତଥ୍ୟ, ସେଗୁଡ଼ିକୁ ମହଜୁଦ ରଖିବା ଓ ପ୍ରକ୍ରିୟାକରଣ ଉପରେ ବିବରଣୀ ମାଗିପାରିବେ।

### ତବରେଜ ଅନସାରି ହତ୍ୟା ମାମଲା: ଦୋଷୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

**ରାଞ୍ଚି,୫ା୭:** ଝାଡ଼ଖଣ୍ଡରେ ୨୦୧୯ ଜୁନରେ ତବରେଜ ଅନସାରୀଙ୍କୁ କେତେଜଣ ଯୁବକ ପିଟି ପିଟି ହତ୍ୟା କରିବା ଘଟଣାରେ ଝାଡ଼ଖଣ୍ଡ ସେରାଇକେଲା ଖରସ୍ୱାନ ଜିଲାର ଏକ କୋର୍ଟ ବୁଧବାର ୧୦ ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।


ତବରେଜ ଅନସାରୀ

ଜୁନ୍ ୨୭ରେ ଆଡିଶନାଲ ଡିଷ୍ଟ୍ରିକ୍ଟ ଜଜ୍-୧ ଅମିତ ଶେଖର ମାମଲାର ଶୁଣାଣି କରି ୧୦ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ପ୍ରମାଣ ଅଭାବରୁ ୨ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମୋଟର ସାଇକେଲ ଚୋରି ସନ୍ଦେହରେ କେତେଜଣ ଯୁବକ ତବରେଜଙ୍କୁ ମାଡ଼ ମାରିବା ଦ୍ୱାରା ତାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ନେଇ ଜାରି ହୋଇଥିବା ଏକ ଭିଡିଓ ଅନୁସାରେ ତବରେଜଙ୍କୁ ଜୟ ଶ୍ରୀ ରାମ, ଜୟ ହନୁମାନ ଜୋର ଜବରଦସ୍ତ କୁହାଉଥିବା ଦେଖିବାକୁ ମିଳିଥିଲା। ତବରେଜ ସୁରତରେ ରହି କାମ କରୁଥିବାବେଳେ ଇଦ୍ ପାଳିବାକୁ ଗାଁ ଧାତକିଡିହ ଆସିଥିଲେ।

### ତିସ୍ ହଜାରି କୋର୍ଟ ପରିସରରେ ଫୁଟିଲା ଗୁଳି

**ନୂଆଦିଲ୍ଲୀ,୫ା୭:** ଦିଲ୍ଲୀ ତିସ୍ ହଜାରି କୋର୍ଟ ପରିସରରେ ବୁଧବାର ଦୁଇ ଓକିଲ ଗୋଷ୍ଠୀ ମଧ୍ୟରେ ଝଗଡ଼ାକୁ ନେଇ ଗୁଳି ଫୁଟିଛି। ଘଟଣାରେ କେହି ଆହତ ହୋଇ ନାହାନ୍ତି। ଦିଲ୍ଲୀ ବାର ଆସୋସିଏଶନ୍‌ର ପୂର୍ବତନ ଉପ ସଭାପତି ମନିଶ ଶର୍ମା ଏବଂ ବର୍ତ୍ତମାନର ସମ୍ପାଦକ ଅତୁଲ କୁମାର ଶର୍ମାଙ୍କ ମଧ୍ୟରେ ଏକାଧିକ ମାମଲାକୁ ନେଇ ବିବାଦ ଲାଗି ରହିଥିଲା। ସମାଧାନ ପାଇଁ ମଙ୍ଗଳବାର ରାତିରେ ମନିଶଙ୍କୁ ଅତୁଲ ଓ ଭାଇ ଲଳିତ ଦେଖା କରିବାକୁ ଡାକିଥିଲେ। ସେଠାରେ ୩ ଜଣଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଅତୁଲ ମନିଶଙ୍କୁ ଗୁଳି କରିବାର ଧମକ ଦେଇଥିଲେ। ବୁଧବାର କୋର୍ଟ ପରିସରରେ ସେମାନଙ୍କ ମଧ୍ୟରେ ପୁଣି ଝଗଡ଼ା ହୋଇଥିବାବେଳେ ଗୁଳି ଫୁଟିଥିଲା। ଘଟଣା ସମ୍ପର୍କରେ ମନିଷଙ୍କ ପାଖରେ ସମସ୍ତ ପ୍ରମାଣ ଥିବାବେଳେ କୋର୍ଟ ପରିସରରେ ବିଶୃଙ୍ଖଳା ଘଟାଇଥିବା ଲୋକଙ୍କ ବିରୋଧରେ ଅଭିଯୋଗ ହୋଇଥିବା ସେ କହିଛନ୍ତି।

# ସହଯୋଗୀଙ୍କ ବିନାଶ କରୁଛି ଭାଜପା: ପାୱାର






ମୁମ୍ବାଇର ୱାଇ.ଭି. ଚଭନ ସେଣ୍ଟରରେ ଶରଦ ପାୱାର ଗୋଷ୍ଠୀର ବୈଠକ ବେଳେ ସମର୍ଥକମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଉଛନ୍ତି।

**ମୁମ୍ବାଇ,,୫ା୭**

ଭାରତୀୟ ଜନତା ପାର୍ଟି (ଭାଜପା)ର ପ୍ରତ୍ୟେକ ସହଯୋଗୀ ଦଳର ବିନାଶ ଘଟିଛି। ଗୈରିକ ଦଳକୁ ସମର୍ଥନ କରୁଥିବା ଦଳ ଶେଷରେ ଧ୍ୱଂସ ହୋଇଯାଏ। ତୁମେ ବି ସମଦଶା ଭୋଗିବ ବୋଲି ପୁତୁରା ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ବୁଧବାର ଚେତାବନୀ ଦେଇଛନ୍ତି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର। ନିଜ ସମର୍ଥକମାନଙ୍କୁ ସମ୍ବୋଧିତ କରି ସିନିୟର ପାୱାର କହିଛନ୍ତି, ଯେଉଁମାନେ ଭାଜପା ସହ ହାତ ମିଳାଇ କ୍ଷମତା ଭାଗବଣ୍ଟା କରିଥାନ୍ତି, ସେମାନଙ୍କୁ ଗୈରିକ ଦଳ ଧ୍ୱଂସ କରିଦିଏ। ରାଜନୈତିକ ସହଯୋଗୀଙ୍କୁ ଧୀରେ ଧୀରେ ଦୁର୍ବଳ କରିବା ହେଉଛି ଭାଜପାର ନୀତି। ଏହାର ଅନେକ ଉଦାହରଣ ରହିଛି। ଅକାଳୀ ଦଳ ଭାଜପା ସହ ଅନେକ ବର୍ଷ ଧରି ରହିଥିଲା। ଏବେ ଏହି ଦଳର ଚିହ୍ନବର୍ଣ୍ଣ ହଜିଗଲାଣି। ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ ଓ ବିହାରରେ ମଧ୍ୟ ସମାନ ସ୍ଥିତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକଥା ଆଗୁଆ ବୁଝିପାରି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସହ ମେଣ୍ଟ କଲେ। ଯଦି


ଶରଦ ପାୱାର

ଅଜିତଙ୍କ କୌଣସି ସମସ୍ୟା ଥିଲା, ସେ ମୋ ସହିତ ଆଲୋଚନା କରିପାରିଥାନ୍ତେ। କିନ୍ତୁ ବିଦ୍ରୋହ ଗ୍ରହଣୀୟ ନୁହେଁ ବୋଲି ୱାଇ.ବି. ଚଭନ ସେଣ୍ଟରରେ ଆୟୋଜିତ ବୈଠକରେ ଶରଦ ପାୱାର କହିଛନ୍ତି। ଏହି ଅବସରରେ ଦଳର ୫୩ ବିଧାୟକଙ୍କ ମଧ୍ୟରୁ ୧୭ ଜଣଙ୍କୁ ପରେଡ୍ କରାଯାଇଥିଲା।

ଅଜିତଙ୍କ ମନ୍ତବ୍ୟକୁ ନେଇ ଶରଦ ପାୱାର ଗୋଷ୍ଠୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ କହିଛନ୍ତି, ଏନ୍‌ସିପି ସୁପ୍ରିମୋ ୮୩ ବର୍ଷ ବୟସରେ ମଧ୍ୟ ସିଂହ ଭଳି କାମ କରୁଛନ୍ତି। ପାୱାରଙ୍କ ଝିଅ ତଥା ଏନ୍‌ସିପି

### ୮୩ ବର୍ଷୀୟ ଯୋଦ୍ଧା ଏକାକୀ ଲଢ଼ୁଛନ୍ତି: ଏନ୍‌ସିପି

କାର୍ଯ୍ୟକାରୀ ଅଧକ୍ଷା ସୁପ୍ରିୟା ସୁଲେ କହିଛନ୍ତି, ଆମକୁ ଅସମ୍ମାନ କଲେ ଚଳିବ, କିନ୍ତୁ ବାପାଙ୍କୁ ନୁହେଁ। ଅସଲ ଏନ୍‌ସିପି ଶରଦ ପାୱାରଙ୍କ ସହ ରହିଛି। ନିର୍ବାଚନୀ ପ୍ରତୀକ ମଧ୍ୟ ଆମର। ଭାଜପାବାଲା ଆମକୁ ନାଚୁରାଲ କରପ୍ଟ ପାର୍ଟି ବୋଲି କୁହନ୍ତି। କିନ୍ତୁ ଦରକାର ବେଳେ ସେମାନେ ଏନ୍‌ସିପିଠାରୁ ସହଯୋଗ ନିଅନ୍ତି। ଭାଜପା ହେଉଛି ଦେଶର ସବୁଠୁ ଦୁର୍ନୀତିଗ୍ରସ୍ତ ଦଳ। ଆମର ଲଢ଼େଇ ଭାଜପା ସରକାର ବିରୋଧରେ। ପାୱାରଙ୍କ ସମର୍ଥକମାନେ ଅଜିତଙ୍କ ମନ୍ତବ୍ୟର ଜବାବ ପୋଷ୍ଟରରେ ଦେଇଛନ୍ତି। ମୁମ୍ବାଇର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ପୋଷ୍ଟରରେ ଉଲ୍ଲେଖ କରାଯାଇଛି, ୮୩ ବର୍ଷୀୟ ଯୋଦ୍ଧା ଏକାକୀ ଲଢ଼ୁଛନ୍ତି। ତେବେ ଅଜିତ ଗୋଷ୍ଠୀ ମଧ୍ୟ ନିଜ ପୋଷ୍ଟରରେ ଏନ୍‌ସିପି ପ୍ରତିଷ୍ଠାତାଙ୍କ ଫଟୋକୁ ବ୍ୟବହାର କରିଛନ୍ତି, ଯାହାକୁ ଶରଦ ପାୱାର ନାପସନ୍ଦ କରିଛନ୍ତି।

### ପାୱାର ସାହେବଙ୍କ ବୟସ ହୋଇଗଲାଣି, ମୁଁ ମୁଖ୍ୟମନ୍ତ୍ରୀ ହେବି: ଅଜିତ

୧୯୯୯ରେ ଶରଦ ପାୱାର ଗଢ଼ିଥିବା ଏନ୍‌ସିପି ଏବେ ଭାଙ୍ଗିଯାଇଛି। ଏପରି କି ଦଳକୁ ତାଙ୍କ ହାତରୁ ଛଡ଼ାଇ ନିଆଯାଇଛି। ଏସବୁ କରିଛନ୍ତି ତାଙ୍କ ପୁତୁରା ଅଜିତ ପାୱାର। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ବିଦ୍ରୋହୀ ସାଜି ସିନିୟର ପାୱାରଙ୍କୁ ଏନ୍‌ସିପି ରାଷ୍ଟ୍ରୀୟ ଅଧକ୍ଷ ପଦରୁ ବିଦା କରି ନିଜକୁ ସୁପ୍ରିମୋ ଘୋଷଣା କରିଛନ୍ତି। ବାନ୍ଦ୍ରାସ୍ଥିତ ଏମ୍‌ଇଟି ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ବୁଧବାର ଅଜିତ୍ ଗୋଷ୍ଠୀ ପକ୍ଷରୁ ବିଧାୟକ, ପୂର୍ବତନ ବିଧାୟକ, ଏମ୍‌ପି, କାର୍ଯ୍ୟକାରୀ କମିଟି ସଦସ୍ୟମାନଙ୍କୁ ନେଇ ଏକ ବୈଠକ କରାଯାଇଛି। ଏହି ଅବସରରେ ୬୩ ବର୍ଷୀୟ ଅଜିତ କହିଛନ୍ତି, ପାୱାର ସାହେବ ସମସ୍ତଙ୍କ ଆଗରେ ମୋତେ ଖଳନାୟକ ସଜାଇଦେଇଛନ୍ତି। ତଥାପି ତାଙ୍କ ପ୍ରତି ମୋ ସମ୍ମାନ ରହିଛି। ଆଇଏଏସ୍ ଅଫିସରମାନେ ୬୦ ବର୍ଷରେ ଅବସର ନିଅନ୍ତି, ଭାପା ନେତାଙ୍କ ଅବସର


ଅଜିତ ପାୱାର

ବୟସ ୭୫। ଏଲ୍.କେ. ଆଡ୍‌ଭାନୀ ଓ ମୁରଲୀ ମନୋହର ଜୋଷୀ ଏହାର ଦୃଷ୍ଟାନ୍ତ। ମୁଁ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଛି। ଦିନେ ନା ଦିନେ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବି। ପାୱାର ସାହେବଙ୍କ ବୟସ ୮୩ ବର୍ଷ ହୋଇଗଲାଣି। ତେଣୁ ସେ ନୂଆ ପିଢ଼ିଙ୍କୁ ସୁଯୋଗ ଦେବା ଉଚିତ। ସେ ମୋତେ ଆଶୀର୍ବାଦ ଦିଅନ୍ତୁ। ନିଜ ପ୍ରତି ୪୦ରୁ ଊର୍ଦ୍ଧ୍ୱ ବିଧାୟକ ଏବଂ ଏମ୍‌ଏଲ୍‌ସିଙ୍କ ସମର୍ଥନ ଥିବା ଅଜିତ ଦାବି କରୁଥିବାବେଳେ ବୈଠକରେ ୨୯ ଏନ୍‌ସିପି ଏମ୍‌ଏଲ୍‌ଏ ଉପସ୍ଥିତ ଥିଲେ।

### ଇସିଙ୍କ ନିକଟରେ ପହଞ୍ଚିଲା ଏନ୍‌ସିପି ବିବାଦ

**ନୂଆଦିଲ୍ଲୀ,୫ା୭**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ରେ ଦଳ ନିୟନ୍ତ୍ରଣ କ୍ଷମତାକୁ ନେଇ ଚାଲିଥିବା ବିବାଦ ବୁଧବାର ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ପହଞ୍ଚିଛି। ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରି ବିଦ୍ରୋହୀ ସାଜିଥିବା ତାଙ୍କ ପୁତୁରା ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ପକ୍ଷରୁ ବିଧାୟକ ଏବଂ ଏମ୍‌ପିମାନଙ୍କ ୪୦ଟି ସତ୍ୟପାଠ ଇସିଙ୍କ ନିକଟରେ ଦାଖଲ କରାଯାଇଛି। ଏଥିରେ ଦଳ ଓ ଏହାର ନିର୍ବାଚନୀ ଚିହ୍ନ 'ଘଣ୍ଟା' ବିଦ୍ରୋହୀ ଗୋଷ୍ଠୀକୁ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଶରଦ ପାୱାର ଗୋଷ୍ଠୀ ପକ୍ଷରୁ ମଧ୍ୟ ନିର୍ବାଚନ କର୍ତ୍ତୃପକ୍ଷଙ୍କ ନିକଟରେ ଏକ କେଭିଏଟ୍ ଦାଖଲ କରାଯାଇଛି। ବିବାଦ ପରିପ୍ରେକ୍ଷୀରେ କୌଣସି ରାୟ ଦେବା ପୂର୍ବରୁ ଇସି ପ୍ରଥମେ ଶରଦଙ୍କ ଆବେଦନର ବିଚାର କରନ୍ତୁ ବୋଲି ତାଙ୍କ ଗୋଷ୍ଠୀ ନିବେଦନ କରିଛି। ଇସି ଆଗାମୀ ଦିନରେ ଉଭୟ ପକ୍ଷଙ୍କୁ ଡାକି ଶୁଣାଣି କରିପାରନ୍ତି।




ଫୁକୁଶିମା ଆଣବିକ ଶକ୍ତି କେନ୍ଦ୍ରରୁ ବାହାରୁଥିବା ବିଶୋଧିତ ରେଡିଓଆକ୍ଟିଭ୍ ଜଳକୁ ଜାପାନ ସରକାର ସମୁଦ୍ରରେ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ପ୍ରତିବାଦରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ଏବଂ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ୍‌ଙ୍କ ଭଳି ପୋଷାକ ପିନ୍ଧିଥିବା ସିଓଲର ସିଭିକ୍ ସୋସାଇଟି ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ପାଇଁ ପିଏଚ୍.ଡି. ଜରୁରୀ ନୁହେଁ

**ନୂଆଦିଲ୍ଲୀ,୫ା୭(ପି.ଟି.)**

**ନିଷ୍ପତ୍ତି ବଦଳାଇଲା ୟୁଜିସି**

ଆସିଷ୍ଟାଣ୍ଟ ପ୍ରଫେସର ପଦରେ ନିଯୁକ୍ତି ପାଇଁ ଆଶାୟୀ ପିଏଚ୍.ଡି. କରିଥିବା ଜରୁରୀ ବୋଲି ପୂର୍ବରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନେଇଥିବା ନିଷ୍ପତ୍ତିରେ ପରିବର୍ତ୍ତନ ଆଣିଛନ୍ତି। ଏହି ପଦରେ ପ୍ରତ୍ୟକ୍ଷ ଭାବେ ଅବସ୍ଥାପିତ ହେବା ପାଇଁ ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ (ଏନ୍‌ଇଟି), ଷ୍ଟେଟ୍ ଏଲିଜିବିଲିଟି ଟେଷ୍ଟ (ଏସ୍‌ଇଟି) ଏବଂ ଷ୍ଟେଟ୍ ଲେଭେଲ୍ ଏଲିଜିବିଲିଟି ଟେଷ୍ଟ (ଏସ୍‌ଏଲ୍‌ଇଟି) ଭଳି ପରୀକ୍ଷାଗୁଡ଼ିକୁ ସର୍ବନିମ୍ନ ଯୋଗ୍ୟତା ଭାବେ ରଖାଯାଇଥିବା ୟୁଜିସି ଅଧକ୍ଷ ଏମ୍. ଜଗଦୀଶ କୁମାର ସୂଚନା ଦେଇଛନ୍ତି।

ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ଏଣ୍ଟି-ଲେଭେଲ୍ ପଦବୀ ପାଇଁ ୨୦୧୮ରେ ୟୁଜିସି ପକ୍ଷରୁ କେତେକ ମାପଦଣ୍ଡ ସ୍ଥିର କରାଯାଇଥିଲା। ପ୍ରାର୍ଥୀମାନଙ୍କୁ ସେମାନଙ୍କ ପିଏଚ୍.ଡି. ସମ୍ପୂର୍ଣ୍ଣ କରିବା ପାଇଁ ୩ ବର୍ଷ ଦିଆଯାଉଥିଲା। ଏନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଆସିଷ୍ଟାଣ୍ଟ ପ୍ରଫେସର ପଦ ଲାଗି ପିଏଚ୍.ଡି.କୁ ବାଧ୍ୟତାମୂଳକ କରିବା ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ପାଇଁ ଅନୁକୂଳ ନୁହେଁ।

## ପୁଅ ପାଇଁ ଗାଡ଼ି ଉପରକୁ ଡେଇଁଲେ ମହିଳା

**ଭୋପାଳ,୫ା୭**

ମଧ୍ୟପ୍ରଦେଶ ନରସିଂହପୁର ଗୋଟେଗାଓରେ ପୁଅକୁ ପୋଲିସ ଗିରଫରୁ ବଞ୍ଚାଇବାକୁ ଯାଇ ପୋଲିସ ଗାଡ଼ି ବୋନେଟ୍ ଉପରକୁ ଡେଇଁପଡ଼ିଲେ ମା'। ଗାଁରେ ଚାଲିଥିବା ଡଗ୍ସ କାରବାରରେ ସୋନୁ ସାମିଲ ଥିବା ଜାଣିବା ପରେ ତାଙ୍କୁ ଗିରଫ କରିବାକୁ ପୋଲିସ ଘରେ ପହଞ୍ଚିଥିଲା। ସ୍ୱତନ୍ତ୍ର ପୋଲିସ ଟିମ୍ ସୋନୁ କହର ଓ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରିଥିଲା। ପୋଲିସ ଗାଡ଼ିରେ ଅଭିଯୁକ୍ତଙ୍କୁ ନେଇ ଥାନାକୁ ଯାଉଥିବାବେଳେ ସୋନୁଙ୍କ ମା' ମୋହିନୀ ହଠାତ୍ ପୋଲିସ ଗାଡ଼ି ବୋନେଟ୍ ଉପରକୁ ଡେଇଁପଡ଼ିଥିଲେ। ପାଖାପାଖି ୫୦୦ ମିଟର ଦୂର ମୋହିନୀ ଘୋଷାରି ହୋଇଯାଇଥିଲେ। ଘଟଣାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହୋଇଥିବାବେଳେ ଏ ନେଇ ୩ ପୋଲିସ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

## ଆଦିବାସୀଙ୍କ ଉପରେ ପରିସ୍ରା କରିଥିବା ଭାଜପା କର୍ମୀ ଗିରଫ

**ଭୋପାଳ/ନୂଆଦିଲ୍ଲୀ,୫ା୭**

**ଶିବରାଜ ସରକାରଙ୍କ ଉପରେ ବର୍ଷିଲେ ରାହୁଲ**

ମଧ୍ୟପ୍ରଦେଶ ସିଦ୍ଧି ଜିଲାରେ ଆଦିବାସୀ ଶ୍ରମିକ ପାଲେ କୋଲଙ୍କ ଉପରେ ପରିସ୍ରା କରିଥିବା ଭାଜପା କର୍ମୀ ପ୍ରଭେଶ ଶୁକ୍ଲାଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଗିରଫ କରିଛି। ଜମି ଜବରଦଖଲ ଅଭିଯୋଗରେ ସ୍ଥାନୀୟ ପ୍ରଶାସନ ବୁଧବାର ବୁଲ୍‌ଡୋଜର ଲଗାଇ ତାଙ୍କ ଘର ଭାଙ୍ଗଦେଇଛି। ସେପଟେ ଘଟଣାକୁ ନେଇ ଭଜପା ଉପରେ ବର୍ଷିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଭାଜପା ଶାସନ କାଳରେ ଅନୁସୂଚିତ ଜାତି ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଶ୍ରମିକଙ୍କ ଉପରେ ପରିସ୍ରା କରିବା ଘଟଣା ଭାରତୀୟ ଜନତା ପାର୍ଟିର ଅମାନୁଷିକ କାର୍ଯ୍ୟ ଏବଂ ଦଳିତଙ୍କ ପ୍ରତି ଥିବା ତାଙ୍କ ଘୃଣା ମନୋଭାବକୁ ପଦାରେ ପକାଇଥିବା ସେ କହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଭାଜପା ବିଧାୟକଙ୍କ ସହଯୋଗୀ ଆଦିବାସୀଙ୍କ ଉପରେ ପରିସ୍ରା କରିବା ଅତ୍ୟନ୍ତ ଅମାନବୀୟ ଏବଂ ଘୃଣ୍ୟ। ରାଜ୍ୟରେ ଭାଜପା ଶାସନକୁ ୧୮ ବର୍ଷ ବିତିଯାଇଛି। ଏବେ ସୁଦ୍ଧା ଆଦିବାସୀଙ୍କ ଉପରେ ଅତ୍ୟାଚାର ନେଇ ମୋଟ ୩୦,୪୦୦ ମାମଲା ସାମ୍ନାକୁ ଆସିଛି। ଭାଜପାର ଶାସକମାନେ ଆଦିବାସୀଙ୍କ ହିତ ଉଦ୍ଦେଶ୍ୟରେ ମିଛ ପ୍ରତିଶ୍ରୁତି ଦେଉଛନ୍ତି। ଆଦିବାସୀଙ୍କ ଉପରେ ପରିସ୍ରା କରିବାର ଭିଡିଓ ଭାଇରାଲ ହେବା ପରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ପ୍ରଭେଶଙ୍କୁ ଗିରଫ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ।

## ମରୁଭୂମିରେ ବନ୍ୟା: ୧୨୩ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

**ଜୟପୁର,୫ା୭**

ଗତ ଜୁନ୍‌ରେ ରାଜସ୍ଥାନରେ ରେକର୍ଡ ପରିମାଣର ବର୍ଷା ହୋଇଛି। ରାଜ୍ୟରେ ବର୍ଷା ୧୨୩ ବର୍ଷର ରେକର୍ଡ ଭାଙ୍ଗିଥିବା ମଙ୍ଗଳବାର ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଗତମାସରେ ୧୫.୯ ଏମ୍.ଏମ୍. ବର୍ଷା ରେକର୍ଡ କରାଯାଇଥିବାବେଳେ ହାରାହାରି ୧୮୫% ଅଧିକ ବର୍ଷା ହୋଇଛି। ରାଜ୍ୟରେ ଶେଷଥର ପାଇଁ ୧୯୦୧ରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଥିବା ଜୟପୁର ପାଣିପାଗ ବିଭାଗ ଅଧିକାରୀ ରାଧେଶ୍ୟାମ ଶର୍ମା କହିଛନ୍ତି।



୧୯୯୬ ଜୁନ୍‌ରେ ରାଜ୍ୟରେ ସର୍ବାଧିକ ୧୨୨.୮ ଏମ୍.ଏମ୍. ବର୍ଷା ହୋଇଥିବାବେଳେ ପୂର୍ବ ରାଜସ୍ଥାନରେ ହାରାହାରି ୧୧୮% ଅଧିକ ବର୍ଷା ହୋଇଥିଲା। ସେହି ମାସରେ ପଶ୍ଚିମ ରାଜସ୍ଥାନରେ ୨୮୭% ଅଧିକ ବର୍ଷା ହୋଇଥିଲା। ଚଳିତବର୍ଷର ପ୍ରଥମ ବାତ୍ୟା ବିପର୍ଯ୍ୟୟ ସକାଶେ ଜୁନ୧୬ରୁ ୨୦ ମଧ୍ୟରେ ରାଜସ୍ଥାନର ଜାଲୋର, ପାଲି, ବାଡମେର, ଆଜମେରରେ ପ୍ରବଳ ବର୍ଷା ହୋଇଥିଲା। ସେ ସମୟରେ ଜାଲୋରରେ ସର୍ବାଧିକ ୪୦୦.୫ ଏମ୍.ଏମ୍. ବର୍ଷା ରେକର୍ଡ କରାଯାଇଥିଲା।

ଜୁନ୍‌ରେ ଝଲାୱରକୁ ଛାଡ଼ିଦେଲେ ଅନ୍ୟ ଜିଲାଗୁଡ଼ିକରେ ସାମନ୍ୟ ଓ ପ୍ରବଳ ବର୍ଷା ହୋଇଛି। ଜୁନ୍ ୨୫ରେ ରାଜ୍ୟରେ ମୌସୁମୀ ପ୍ରବେଶ କରିଥିବାବେଳେ ଜୁଲାଇ ୨ ସୁଦ୍ଧା ପଶ୍ଚିମାଞ୍ଚଳର ସବୁ ସ୍ଥାନରେ ବର୍ଷା ହୋଇଥିଲା। ସେହିପରି ଆସନ୍ତା ୭ ତାରିଖରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବର୍ଷା ସମ୍ଭାବନା ରହିଥିବା ଶର୍ମା କହିଛନ୍ତି।

ଧରିତ୍ରୀ
DHARITRI





ପରିବେଶ ସୁରକ୍ଷା ନେଇ ଭୁବନେଶ୍ୱର କଳ୍ପନା ଅଞ୍ଚଳରେ ବୁଧବାର ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରୁଛନ୍ତି। (ଫଟୋ: ବିକାଶ ନାୟକ)

# ଜବାବ ମାଗିଲେ ହାଇକୋର୍ଟ

**ରତ୍ନଭଣ୍ଡାର ଖୋଲିବା ମାମଲା**

- ୪ ପ୍ରତିପକ୍ଷଙ୍କୁ ନୋଟିସ
- ଅଗଷ୍ଟ ୭ରେ ମାମଲାର ପରବର୍ତ୍ତୀ ଶୁଣାଣି

**କଟକ,୫।୭ (କାର୍ତ୍ତିକ ସାହୁ)**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାରେ ୪ ପ୍ରତିପକ୍ଷଙ୍କୁ ହାଇକୋର୍ଟ ବୁଧବାର ନୋଟିସ ଜାରି କରିଛନ୍ତି। ସେମାନେ ହେଲେ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ତଥା ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ମୁଖ୍ୟ ପ୍ରଶାସକ ରଞ୍ଜନ ଦାଶ, ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍ଆଇ) ଡିଜି କିଶୋର ବାସା ଓ ସୁପରିଣ୍ଟେଣ୍ଡେଣ୍ଟ ବି.ଡି. ଗଡ଼ନାୟକ। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣିକରି ମାମଲା ସଂକ୍ରାନ୍ତରେ ଜବାବ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ରତ୍ନଭଣ୍ଡାର ବିପଦସଙ୍କୁଳ ସ୍ଥିତିସମେତ ବିଭିନ୍ନ ସମସ୍ୟା ନେଇ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ପକ୍ଷରୁ ହାଇକୋର୍ଟରେ ଏକ ପିଟିଶନ ଦାୟର ହୋଇଛି। ରାଜ୍ୟ ସରକାର ରତ୍ନଭଣ୍ଡାରର ସୁରକ୍ଷା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣକରୁ ନ ଥିବାରୁ ହାଇକୋର୍ଟ ତାଙ୍କୁ କାରଣ ଦର୍ଶାଇବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ପ୍ରତିପକ୍ଷମାନେ ରତ୍ନଭଣ୍ଡାର ଖୋଲି ଅଳଙ୍କାରଗୁଡ଼ିକର ସବିଶେଷ ତାଲିକା ପ୍ରସ୍ତୁତ କରିବା, ପୂର୍ବତନ ରାଜ୍ୟପାଳ ଭଗବତ ଦୟାଲ ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଢାଞ୍ଚାରେ ରାଜ୍ୟପାଳ କିମ୍ବା ଜଣେ କାର୍ଯ୍ୟରତ ହାଇକୋର୍ଟ ☞ପୃଷ୍ଠା-୪

# ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଡ୍ରେସ୍ କୋଡ୍ ଲାଗୁ ହେଉ

**ଦାବି କଲା ଦଇତାପତି ନିଯୋଗ**

**ପୁରୀ, ୫।୭(ଅଜିତ ମହାନ୍ତି)**

ଶ୍ରୀମନ୍ଦିରରେ ସର୍ବଦା ଧାର୍ମିକ ତଥା ଆଧ୍ୟାତ୍ମିକ ପରିବେଶ ରହିବା ଆବଶ୍ୟକ। ମାତ୍ର ସେଥିରେ ବର୍ତ୍ତମାନ ଆଧୁନିକତାର ଛାପ ଦେଖିବାକୁ ମିଳୁଛି, ଯାହା ଧାର୍ମିକ ଭାବନାକୁ କ୍ଷୁଣ୍ଣ କରୁଛି। ତେଣୁ ଶ୍ରୀମନ୍ଦିରରେ ଭକ୍ତମାନେ ଦର୍ଶନ କରିବା ସମୟରେ ଶାଳୀନତାସମ୍ପନ୍ନ ବେଶଭୂଷା ପରିଧାନ କରିବା ଆବଶ୍ୟକ। ଭାରତର ବିଭିନ୍ନ ପ୍ରତିଷ୍ଠିତ ମନ୍ଦିରରେ ପ୍ରବେଶ ଲାଗି ଡ୍ରେସ୍‌କୋଡ୍ ବ୍ୟବସ୍ଥା ରହିଛି। ବିଶେଷକରି ଦକ୍ଷିଣ ଭାରତରେ ଏହି ଡ୍ରେସ୍‌କୋଡ୍ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇଥାଏ। ସେହି ଅନୁସାରେ ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଡ୍ରେସ୍‌କୋଡ୍ ଲାଗୁ କରାଯାଉ ବୋଲି ଦଇତାପତି ନିଯୋଗ ଦାବି କରିଛି।

ବୁଧବାର ଦଇତାପତି ନିଯୋଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସୁଥିବା ଅନେକ ଭକ୍ତ ସେମାନଙ୍କ ଶାଳୀନତା ରକ୍ଷା କରୁନାହାନ୍ତି। ଆଧୁନିକତାର ବଶବର୍ତ୍ତୀ ହୋଇ ଶାଳୀନତା ରକ୍ଷା କରୁ ନ ଥିବା ଭଳି ପୋଷାକ ପରିଧାନ କରୁଛନ୍ତି, ଯାହା ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଆଘାତ ପହଞ୍ଚାଉଛି। ତେଣୁ ପାଶ୍ଚାତ୍ୟ ପୋଷାକ ପିନ୍ଧି ଆସୁଥିବା ଭକ୍ତଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ☞ପୃଷ୍ଠା-୪

## ୟୁସିସିକୁ ଭାଜପା ସହଯୋଗୀ ଏଆଇଏଡିଏମ୍‌କେର ବିରୋଧ

**ଚେନ୍ନାଇ,୫।୭(ପି.ଟି.):** ଭାଜପାର ଦକ୍ଷିଣ ଭାରତୀୟ ସହଯୋଗୀ ଦଳ ଏଆଇଏଡିଏମ୍‌କେ ଏକକ ଦେୱାନି ସଂହିତା (ୟୁସିସି)କୁ ବିରୋଧ କରିଛି। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେ ମୁଖ୍ୟ କେ. ପାଲାନିସ୍ୱାମୀଙ୍କୁ ବୁଧବାର ଖବରଦାତାମାନେ ପ୍ରଶ୍ନ କରିଥିଲେ, ଭାଜପା ୟୁସିସି ଆଣିବାକୁ ଯାଉଛି। ଆପଣଙ୍କ ଦଳର ଆଭିମୁଖ୍ୟ କ'ଣ। ଏହାର ଉତ୍ତରରେ ପାଲାନିସ୍ୱାମୀ କହିଥିଲେ, ୟୁସିସି ଉପରେ ୨୦୧୯ ଲୋକ ସଭା ନିର୍ବାଚନ ବେଳେ ଦଳୀୟ ଇସ୍ତାହାରର 'ଧର୍ମନିରପେକ୍ଷତା' ପ୍ରସଙ୍ଗରେ ଆମେ ସ୍ପଷ୍ଟ କରିସାରିଛୁ। ଭାରତର ସଂଖ୍ୟାଲଘୁଙ୍କ ଧର୍ମୀୟ ଅଧିକାରଗୁଡ଼ିକୁ ପ୍ରଭାବିତ କରିବା ଭଳି ୟୁସିସି ଆଣିବା ପାଇଁ ସମ୍ବିଧାନର ସଂଶୋଧନ ନ କରିବାକୁ କେନ୍ଦ୍ରକୁ ଅନୁରୋଧ କରୁଛୁ। ଭାଜପା ୟୁସିସି ଆଣି କାର୍ଯ୍ୟକାରୀ କଲେ ତାକୁ ଆମେ ବିରୋଧ କରିବୁ ବୋଲି ପାଲାନିସ୍ୱାମୀ କହିଛନ୍ତି।

# ବନ କର୍ମଚାରୀଙ୍କ ଶକ୍ତି ବୃଦ୍ଧି: ଚଳାଇପାରିବେ ବନ୍ଧୁକ

**ଭୁବନେଶ୍ୱର,୫।୭(ଅନିଲ ଦାସ)**

ଦୀର୍ଘଦିନର ଦାବି ପରେ ରାଜ୍ୟ ସରକାର ବନ କର୍ମଚାରୀଙ୍କୁ ବନ୍ଧୁକ ଚାଳନା କରିବା ପାଇଁ କ୍ଷମତା ପ୍ରଦାନ କରିଛନ୍ତି। ଏନେଇ ବୁଧବାର ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବନ କର୍ମଚାରୀମାନେ କର୍ତ୍ତବ୍ୟ ପାଳନ ସମୟରେ ଜଙ୍ଗଲ ସୁରକ୍ଷା ଏବଂ ଆତ୍ମରକ୍ଷା ପାଇଁ ବନ୍ଧୁକରୁ ଗୁଳିଚାଳନା କରିପାରିବେ। ଜଙ୍ଗଲ ଭିତରେ ପାଟ୍ରୋଲିଂ ସମୟରେ ଶିକାରୀ ଓ ମାଫିଆଙ୍କ ବିରୋଧରେ ଲଢ଼ିବାକୁ ବନ କର୍ମଚାରୀଙ୍କୁ ଏହା ଶକ୍ତି ଯୋଗାଇବ। ସିଆର୍‌ପିସି ୧୯୭୩ର ଧାରା ୧୯୭ ଉପଧାରା ୩ ଅନୁଯାୟୀ ଫରେଷ୍ଟ ଗାର୍ଡ, ଫରେଷ୍ଟର, ଡେପୁଟି ଫରେଷ୍ଟ ରେଞ୍ଜ ଅଫିସର, ଫରେଷ୍ଟ ରେଞ୍ଜ ଅଫିସର, ଆସିଷ୍ଟାଣ୍ଟ କଞ୍ଜରଭେଟର, ସବ୍‌ଡିଭିଜନାଲ ଫରେଷ୍ଟ ଅଫିସର, ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ, ଡେପୁଟି ଡାଇରେକ୍ଟର, ଡିଭିଜନାଲ ଫରେଷ୍ଟ ଅଫିସର, ରିଜିଓନାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ, ଫିଲ୍ଡ ଡାଇରେକ୍ଟର ଏବଂ ଅନ୍ୟ ବନ କର୍ମଚାରୀଙ୍କ ପାଇଁ ଏହା ଲାଗୁ କରାଯିବ। ଏହି ଅଧିକାର ପାଇବାପରେ ବନ କର୍ମଚାରୀଙ୍କୁ କୌଣସି ଗୁଳିକାଣ୍ଡ ପାଇଁ ପୋଲିସ ତୁରନ୍ତ ଗିରଫ କରିପାରିବ ନାହିଁ। ଘଟଣାର ଜଣେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଦ୍ୱାରା ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସୂଚନାଯୋଗ୍ୟ, କିଛି ସପ୍ତାହ ଅନ୍ତରରେ ଶିମିଳିପାଳରେ ଶିକାରୀ ଗୁଳିରେ ୨ଜଣ ବନ କର୍ମଚାରୀ ମୃତ୍ୟୁ ଘଟଣା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶୀଲ କୁମାର ପୋପ୍‌ଲି କହିଛନ୍ତି, ପୂର୍ବରୁ ବନ କର୍ମଚାରୀଙ୍କ ପାଖରେ ବନ୍ଧୁକ ଥିଲା, କିନ୍ତୁ ଚାଳନା କରିବା କ୍ଷମତା ପ୍ରଦାନ କରାଯାଇ ନ ଥିଲା। ଯଦି କୌଣସି ବନ କର୍ମଚାରୀ ଆତ୍ମରକ୍ଷା ପାଇଁ ଗୁଳିଚାଳନା କରୁଥିଲେ ତେବେ ଉକ୍ତ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ନୂଆ ନିଷ୍ପତ୍ତି ଅନୁଯାୟୀ, ସିଆର୍‌ପିସି ୧୯୭ ଧାରା ଅନୁଯାୟୀ ବନ କର୍ମଚାରୀଙ୍କୁ ସୁରକ୍ଷା ଦୃଷ୍ଟିରୁ ବନ୍ଧୁକ ଚାଳନା ଲାଗି ଅନୁମତି ଦିଆଯାଇଛି। ବନ କର୍ମଚାରୀମାନେ ବହୁଦିନ ଧରି ଏହି ଦାବି କରି ଆସୁଥିଲେ। ଏହାକୁ ଦୃଷ୍ଟିରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ମଧ୍ୟ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ସ୍ୱାଗତ କରିଛି। ସଂଘର ସଭାପତି ଜଗବନ୍ଧୁ ପାତ୍ର କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ, ମାତ୍ର ଶିକାରୀ ଏବଂ ବନ ମାଫିଆଙ୍କ ବିଷୟରେ ସୂଚନା ଦେବା ଓ ଧରିବା ପାଇଁ ସଂଘ ପକ୍ଷରୁ ପ୍ରତ୍ୟେକ ଡିଭିଜନରେ ଷ୍ଟ୍ରାଇକିଂ ଫୋର୍ସ କରିବାକୁ ଦାବି କରାଯାଇଛି। ସରକାର ଏ ଦିଗରେ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଏଥିସହିତ ଅନ୍ୟାନ୍ୟ ଦାବି ଉପରେ ମଧ୍ୟ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଦାବି ପୂରଣ ନ ହେଲେ ଆସନ୍ତା ୧୦ରୁ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

# ଖସିଲା ପଲସ୍ତରା: ୬ ଛାତ୍ରୀଛାତ୍ର ଆହତ, ଶିକ୍ଷୟିତ୍ରୀ ଗୁରୁତର

## ଆଠମଲ୍ଲିକ ଝିଲ୍ଲୀମୁଣ୍ଡା ଅଙ୍ଗନୱାଡ଼ି କେନ୍ଦ୍ରରେ ଅଘଟଣ

**ବଇଣ୍ଠା,୫।୭(ପରିକ୍ଷିତ ସାହୁ)**

୫ ବର୍ଷ ହେଲା ଅଙ୍ଗନୱାଡି ଛାତରୁ ପାଣି ଗଳୁଛି। କାନ୍ଥ ମଧ୍ୟ ଫାଟି ଯାଇଛି। ତେଣୁ ଏପରି ବିପଦପୂର୍ଣ୍ଣ କୋଠରିରେ କୁନି କୁନି ପିଲାଙ୍କୁ ନ ବସାଇବାକୁ ସତର୍କ କରିଥିଲେ ସରପଞ୍ଚ। ହେଲେ ଏଥିପ୍ରତି ସିଡିପିଓ କିମ୍ବା ବିଡିଓ କେହି ବି ଦୃଷ୍ଟି ଦେଲେ ନାହିଁ। ଫଳରେ ବୁଧବାର ଘଟିଗଲା ଅଘଟଣ। ପିଲା ଓ ଦିଦିଙ୍କ ମୁଣ୍ଡ ଉପରେ ଖସିପଡ଼ିଲା ପଲସ୍ତରା। ମୁଣ୍ଡ ଫାଟି ଯାଇଥିବାରୁ ଗୁରୁତର ହୋଇଛନ୍ତି ଦିଦି। ଆହତ ହୋଇଛନ୍ତି ୬ ଛାତ୍ରୀଛାତ୍ର।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପେଡ଼ିପଥର ପଞ୍ଚାୟତରେ ଥିବା ଝିଲ୍ଲୀମୁଣ୍ଡା ଅଙ୍ଗନୱାଡି କେନ୍ଦ୍ରର ଛାତରୁ ପଲସ୍ତରା ଖସି ଶିକ୍ଷୟିତ୍ରୀ ସୁଭାଷିନୀ ରଣା ଗୁରୁତର ହୋଇଛନ୍ତି। ୩ ଛାତ୍ରୀ ଓ ୩ ଛାତ୍ର ଆହତ ହୋଇଛନ୍ତି। ସେମାନେ ହେଲେ ଅନନ୍ୟା ବେହେରା, କରନ ସାହୁ, ତପସ୍ୱିନୀ ବେହେରା, ସାଇରାମ ସାହୁ, ମିଲନ ସାହୁ ଓ ଶୁଭମ ଭୋଇ। ସମସ୍ତଙ୍କୁ ପ୍ରଥମେ ନିକଟସ୍ଥ ବଇଣ୍ଠା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ଛାତ୍ରୀଛାତ୍ରମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ଗୁରୁତର ଶିକ୍ଷୟିତ୍ରୀ ସୁଭାଷିନୀଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଝିଲ୍ଲୀମୁଣ୍ଡା ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଘଟଣାରୁ ପ୍ରକାଶ, ଝିଲ୍ଲୀମୁଣ୍ଡା ଗ୍ରାମର ୨୪ ଛାତ୍ରୀଛାତ୍ର ଏହି ଅଙ୍ଗନୱାଡ଼ି କେନ୍ଦ୍ରରେ ପାଠ ପଢ଼ନ୍ତି। ପୂର୍ବାହ୍ନ ୯ଟା ବେଳେ ☞ପୃଷ୍ଠା-୪

## ସ୍କୁଲଛାତରୁ ଖସିଲା ପ୍ଲାଷ୍ଟର

**ଛୁଟିଦିନ ଥିବାରୁ ବର୍ତ୍ତିଲେ ଛାତ୍ରୀଛାତ୍ର**

**ଲହୁଣୀପଡ଼ା,୫।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଖୁଣ୍ଟଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହ ଛାତରୁ ରବିବାର ପ୍ଲାଷ୍ଟର ଖସିଛି। ଉକ୍ତ ଶ୍ରେଣୀ ଗୃହରେ ନବମ ଶ୍ରେଣୀ ଛାତ୍ରୀଛାତ୍ର ଶିକ୍ଷାଗ୍ରହଣ କରିଥାନ୍ତି। ତେବେ ରବିବାର ଛୁଟି ଥିବାରୁ ଛାତ୍ରୀଛାତ୍ରମାନେ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଛନ୍ତି। ଉକ୍ତ ସ୍କୁଲ ☞ପୃଷ୍ଠା-୪

## ଅଚେତ ଛାତ୍ରଙ୍କୁ ତାଲା ପକାଇ ପଳାଇଲେ ଶିକ୍ଷକ

**୩ ଘଣ୍ଟା ପରେ ଉଦ୍ଧାର ହେଲେ**

**ବୈଶିଙ୍ଗା, ୫।୭(ରତନ ଦାଶ)**

ସହପାଠୀଙ୍କ ମାଡ଼ରେ ଅଚେତ ହୋଇପଡ଼ିଥିବା ଜଣେ ଛାତ୍ରଙ୍କୁ ବିଦ୍ୟାଳୟ ଛୁଟି ପରେ ଶିକ୍ଷକ ତାଲା ପକାଇ ପଳାଇବା ଓ ୩ ଘଣ୍ଟା ପରେ ସେ ଉଦ୍ଧାର ହେବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଶଇତପୁର ପଞ୍ଚାୟତର କୁରାଡ଼ିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଏହି ଘଟଣା ଘଟିଛି। ଏନେଇ ଛାତ୍ରଙ୍କ ବାପା ଥାନାରେ ଏତଲା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଖେଳଛୁଟି ସମୟରେ କୁରାଡ଼ିକ ଗ୍ରାମର ବସନ୍ତ ମହାନ୍ତଙ୍କ ତୃତୀୟ ଶ୍ରେଣୀରେ ପଢୁଥିବା ପୁଅ କୃଷ୍ଣଚନ୍ଦ୍ରଙ୍କୁ କେତେକ ସହପାଠୀ ଓ ଉପର କ୍ଲାସର ପିଲା କୌଣସି କାରଣକୁ ନେଇ ମାରପିଟ କରିଥିଲେ। ମାଡ଼ ଖାଇ କୃଷ୍ଣଚନ୍ଦ୍ର ☞ପୃଷ୍ଠା-୪

# ଉତ୍ତରଦାୟିତ୍ୱରୁ ଖସିବା ପାଇଁ 'ଅନ୍ତର୍ଘାତୀ ସିଦ୍ଧାନ୍ତ'ର ପ୍ରଚାର

**ବାହାନଗା ଟ୍ରେନ୍ ଦୁର୍ଘଟଣା: କେନ୍ଦ୍ରକୁ ଜୟରାମଙ୍କ ଟାର୍ଗେଟ**

**ନୂଆଦିଲ୍ଲୀ,୫।୭(ପି.ଟି.)**

୨୯୪ ଯାତ୍ରୀଙ୍କ ଜୀବନ ନେଇଥିବା ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ପ୍ରସଙ୍ଗରେ ଉତ୍ତରଦାୟିତ୍ୱରୁ ଖସିଯିବା ପାଇଁ ରେଳ ମନ୍ତ୍ରଣାଳୟ 'ଅନ୍ତର୍ଘାତୀ ସିଦ୍ଧାନ୍ତ'ର ପ୍ରଚାର ଚଳାଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଦେଶରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ଗୁଡ଼ିକର ଉଦ୍‌ଘାଟନ ଚାଲିଥିବାବେଳେ କେନ୍ଦ୍ର ସରକାରଙ୍କ 'ଭୁଲ୍ ପ୍ରାଥମିକତା' ଯୋଗୁ ବାଲେଶ୍ୱର ଟ୍ରେନ୍ ଟ୍ରାଜେଡି ଘଟିଲା। କେନ୍ଦ୍ର ହେଡ୍‌ଲାଇନ୍ ମ୍ୟାନେଜମେଣ୍ଟରେ ବ୍ୟସ୍ତ ରହିଛି ବୋଲି ଜୟରାମ ଟୁଇଟ୍ କରିଛନ୍ତି। ଭୁଲ୍ ସଙ୍କେତ ଯୋଗୁ ୩ଟି ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନେଇ କମିଶନର ଅଫ୍ ରେଲୱେ ସେଫ୍ଟିଙ୍କ ଉଚ୍ଚସ୍ତରୀୟ ତଦନ୍ତରୁ ଜଣାପଡ଼ିବା ପରେ ଜୟରାମଙ୍କ ଏହି ମନ୍ତବ୍ୟ ଗୁରୁତ୍ୱ ବହନ କରେ। ଜୟରାମ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିଜ ଉତ୍ତରଦାୟିତ୍ୱରୁ ଖସିଯିବା ପାଇଁ ଅନ୍ତର୍ଘାତୀ ସିଦ୍ଧାନ୍ତର ପରିକଳ୍ପନା ଓ ପ୍ରଚାର ଚଳାଇଛନ୍ତି। ଲୋକେଶନ୍ ବକ୍ସର ୱାୟରିଂରେ ଥିବା ଏକ ତ୍ରୁଟିକୁ ସିଗ୍‌ନାଲ ☞ପୃଷ୍ଠା-୪

# ସବୁଠୁ ଉତ୍ତପ୍ତ ମାସ ହୋଇପାରେ ଜୁଲାଇ

**୩ ତାରିଖର ହାରାହାରି ବୈଶ୍ୱିକ ତାପମାତ୍ରା ୧୭ ଡିଗ୍ରୀ ସେଲସିୟସ୍‌କୁ ବୃଦ୍ଧି**

**ୱାଶିଂଟନ୍,୫।୭**

ଗତ ସୋମବାର ବିଶ୍ୱର ସବୁଠୁ ଉତ୍ତପ୍ତ ଦିନ ଭାବେ ରେକର୍ଡ କରାଯାଇଥିବା ବିଶେଷଜ୍ଞମାନେ କହିଛନ୍ତି। ଗ୍ରୀଷ୍ମପ୍ରବାହ ବଢୁଥିବା ଯୋଗୁ ଜୁଲାଇ ସବୁଠୁ ଉତ୍ତପ୍ତ ମାସ ହୋଇପାରେ ବୋଲି ବୈଜ୍ଞାନିକଙ୍କ ପକ୍ଷରୁ ସତର୍କ କରାଯାଇଛି। ଆମେରିକା ସରକାରଙ୍କ ଦ୍ୱାରା ପରିଚାଳିତ ନ୍ୟାଶନାଲ ସେଣ୍ଟର୍ସ ଫର୍ ଏନ୍‌ଭାଇରନମେଣ୍ଟାଲ ପ୍ରେଡିକ୍ସନ (ଏନ୍‌ସିଇପି) ରିପୋର୍ଟ ଅନୁସାରେ ଜୁଲାଇ ୩ ତାରିଖର ହାରାହାରି ବୈଶ୍ୱିକ ତାପମାତ୍ରା ୧୭.୦୧ ଡିଗ୍ରୀ ସେଲସିୟସ୍‌କୁ ବୃଦ୍ଧି ଘଟିଛି। ଏହାପୂର୍ବରୁ ୨୦୧୬ ଅଗଷ୍ଟରେ ଏହା ୧୬.୯୨ ଡିଗ୍ରୀ ସେଲସିୟସ୍ ଥିଲା ବୋଲି ଜଣାପଡ଼ିଛି।

ଊନବିଂଶ ଶତାବ୍ଦୀ ପରଠାରୁ ଜୁଲାଇ ୩ରେ ବୈଜ୍ଞାନିକଙ୍କ ଦ୍ୱାରା ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ବିଶେଷଜ୍ଞଙ୍କ ମତରେ ମନୁଷ୍ୟକୃତ କାରଣ ଯୋଗୁ ପ୍ରଚୁର ମାତ୍ରାରେ ଅଙ୍ଗାରକାମ୍ଳ ନିର୍ଗମନ ଏବଂ ଏଲ୍ ନିନୋର ମିଶ୍ରଣ ଯୋଗୁ ଦୈନିକ ତାପମାତ୍ରା ବୃଦ୍ଧି ପାଉଛି। ଆଗାମୀ ଦିନରେ ଏଲ୍ ନିନୋ ପ୍ରଭାବ ବଢ଼ିବାକୁ ଥିବାବେଳେ ବୈଶ୍ୱିକ ତାପମାତ୍ରାରେ ବୃଦ୍ଧି ଘଟିବା ଆଶଙ୍କା ରହିଛି। ଚଳିତବର୍ଷ ଆରମ୍ଭରୁ ଉଭୟ ସ୍ଥଳଭାଗ ଏବଂ ସମୁଦ୍ର ତାପମାତ୍ରା କ୍ରମାଗତ ବଢୁଥିବା ଲକ୍ଷ୍ୟ କରାଯାଉଛି। ସ୍ପେନ୍‌ରେ ବସନ୍ତ ଋତୁକାଳୀନ ତାତି ରେକର୍ଡ ପରମାଣରେ ବୃଦ୍ଧି କରିଥିବାବେଳେ ଅନେକ ଏସୀୟ ଦେଶରେ ସାମୁଦ୍ରିକ ଗ୍ରୀଷ୍ମପ୍ରବାହ ଦେଖିବାକୁ ମିଳିଛି। ସେହିପରି ଚାଇନାର ଅନେକ ଅଞ୍ଚଳର ତାପମାତ୍ରା ୩୫ଡିଗ୍ରୀ ସେଲସିୟସ୍‌ରୁ ଊର୍ଦ୍ଧ୍ୱ ରହିଛି। ଦକ୍ଷିଣ ଆମେରିକାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ବଢୁଥିବା ତାପମାତ୍ରା ଯୋଗୁ ଭାରତରେ ମଧ୍ୟ ତାତି ଓ ମରୁଡ଼ି ପରିସ୍ଥିତି ଉପୁଜିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବୈଜ୍ଞାନିକଙ୍କ ମତରେ ଚଳିତ ମାସରେ ଏଲ୍ ନିନୋ ସ୍ଥିତି ଲାଗିରହିବ, ☞ପୃଷ୍ଠା-୪



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେଡ଼ି ଘେରତାଣି ଭଣ୍ଡାରି ପାତର
ସେ ଘର ବୁଡ଼ିବା କେତେ ମାତର।**

ଯେଉଁ ଘରେ କାର୍ଯ୍ୟ କରୁଥିବା ଦାସୀଟି ସମୟକ୍ରମେ ଘରଣୀ ପାଲଟିଯାଏ ସେ ଘରର ସମସ୍ତ ସୁଖ ଶିରୀ ନଷ୍ଟ ହୋଇଯାଏ ବୋଲି ଦେଖିବାକୁ ମିଳିଥାଏ। ଠିକ୍ ସେହିଭଳି ଯେଉଁଠି ଭଣ୍ଡାରି ନିଜ କୌଳିକ ବୃତ୍ତିକୁ ଛାଡ଼ି ମନ୍ତ୍ରଦାତା କାମ କରେ ସେ ଘରର ଅବନତି ଅବଶ୍ୟମ୍ଭାବୀ ବୋଲି ଜଣାଯାଇଥାଏ। ତେଣୁ ଅଯୋଗ୍ୟ ବ୍ୟକ୍ତିଙ୍କ ହାତରେ କୌଣସି ଗୁରୁଦାୟିତ୍ୱ ଦିଆଗଲେ ତାହାର ପରିଣତି ଭୟାବହ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚଇତେ ନିମ ପଉଷେ ଖଇ
ବଇଦ ଆଗରେ ମାରିବ ହାଇ।**

ଚୈତ୍ର ମାସରେ ନିମପତ୍ର ଓ ନିମକି ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ସେହିପରି ପୌଷ ମାସରେ ଖଇ ଖାଇବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଡିଏନ୍ ଗ୍ରୁପ୍ ଉପରେ...

ପ୍ରଥମ ପୃଷ୍ଠାରୁ...

ଗ୍ରୁପ୍ ତା'ର ସାମ୍ରାଜ୍ୟ ବିସ୍ତାର କରୁଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁସାରେ, ଚନ୍ଦ୍ରଶେଖର ରହୁଥିବା କ୍ୱାର୍ଟର ନଂ.୧୨୨ ତାଙ୍କ ବାପାଙ୍କ ନାମରେ ଥିଲା, ଯିଏ ପୂର୍ବରୁ ବିଏସ୍‌ଏନ୍‌ଏଲ୍‌ରେ ଚାକିରି କରୁଥିଲେ। ହେଲେ ବାପା ଓ ମା'ଙ୍କ ମୃତ୍ୟୁ ପରେ ଉକ୍ତ କ୍ୱାର୍ଟରକୁ ଚନ୍ଦ୍ରଶେଖର ଛାଡ଼ି ନ ଥିବା ସୂଚନା ମିଳିଛି। ତେବେ ଉକ୍ତ ବାସଭବନ ନିକଟରେ ଥିବା ଅନ୍ୟ ଏକ କ୍ୱାର୍ଟର(ନଂ.୧୦୪)ରେ ଚନ୍ଦ୍ରଶେଖରଙ୍କ କୁନା ସିଂ ନାମକ ଜଣେ ସମ୍ପର୍କୀୟ ରହୁଛନ୍ତି। ଉଭୟ କ୍ୱାର୍ଟରରେ ବୁଧବାର ପୋଲିସ ଉପସ୍ଥିତିରେ ଆୟକର ବିଭାଗ ପକ୍ଷରୁ ଏକକାଳୀନ ଏହି ଚଢ଼ାଉ କରାଯାଇଥିଲା। ପୋଷ୍ଟାଲ-ବିଏସ୍‌ଏନ୍‌ଏଲ୍ କଲୋନୀସ୍ଥିତ ଚନ୍ଦ୍ରଶେଖରଙ୍କ ଘରକୁ ଆୟକର ଟିମ୍ ଅଧିକ ଯାଞ୍ଚ କରିଥିଲା। ତେବେ କ୍ୱାର୍ଟର ନଂ.୧୦୪କୁ ଯାଞ୍ଚ କରିବା ସମୟରେ ଆୟକର ଟିମ୍ ୩ଟି ଟ୍ରଙ୍କ୍ ଓ ଗୋଟିଏ ଆଟାଚ୍ ପାଇଥିଲେ। ସେଗୁଡ଼ିକୁ ଖୋଲିବା ପରେ ପ୍ରାୟ ୩୦ କୋଟି ଟଙ୍କା ଥିବା ଜଣାପଡ଼ିଥିଲା। ଉକ୍ତ ଟଙ୍କା ସମେତ କମ୍ପାନୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍, ବ୍ୟାଙ୍କ ପାସ୍‌ବୁକ୍ ଆଦି ମଧ୍ୟ ଆୟକର ବିଭାଗ ବିଭିନ୍ନ ସ୍ଥାନରୁ ଜବତ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ଚଢ଼ାଉ ଜାରି ରହିଥିବାବେଳେ ଅନ୍ୟ କର୍ମଚାରୀ ଓ ନିର୍ଦ୍ଦେଶକଙ୍କ ପାଖରେ ଏଭଳି ଟଙ୍କା ଥିବା ମଧ୍ୟ ଆୟକର ବିଭାଗ ସନ୍ଦେହ କରୁଛି। ତେବେ ଜଣେ କର୍ମଚାରୀଙ୍କ ଘରୁ ଏଭଳି ବିପୁଳ ପରିମାଣରେ ଟଙ୍କା ମିଳିବାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଢ଼ାଉ ଜାରି ରହିଥିବାରୁ ଏନେଇ ଆୟକର ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ସେପଟେ ସଂସ୍ଥାର କର୍ମଚାରୀଙ୍କ ସମେତ ମାଲିକଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଅନେକ ଟଙ୍କା ଜମା ରହିଥିବା ଆୟକର ବିଭାଗ ସନ୍ଦେହ କରୁଛି। ଏପରିକି ୨ରୁ ୩ ଦିନ ଧରି ଏହି ଚଢ଼ାଉ ଜାରି ରହିବ ବୋଲି ମଧ୍ୟ କୁହାଯାଉଛି। ଚଢ଼ାଉରେ ଆୟକର ବିଭାଗ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଛନ୍ତି। ତେବେ ବଡ଼ କଥା ହେଲା, ଡିଏନ୍ ଗ୍ରୁପରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଟଙ୍କା ନିବେଶ ହୋଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଆୟକର ଚଢ଼ାଉରେ ବହୁ ପରିମାଣରେ ଟଙ୍କା ମିଳିବାକୁ ନେଇ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି। ଏନେଇ ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଖବରଦାତା ସମ୍ମିଳନୀରେ ସରକାରଙ୍କୁ ଟାର୍ଗେଟ୍ କରି କହିଛନ୍ତି, ଡିଏନ୍ ଗ୍ରୁପର ବ୍ୟବସାୟିକ ଉତ୍‌ଥାନ ପଛରେ କାହାର ଆଶୀର୍ବାଦ ଅଛି? ଯେଉଁ ଲୋକ କଳା ଟଙ୍କା ରଖୁଛନ୍ତି ଏବଂ ଯେଉଁ ଲୋକଙ୍କ ନାଁରେ ଟିକସ ଫାଙ୍କିବା ଅଭିଯୋଗ ରହିଛି। ତାହା ଉପରୁ ରହସ୍ୟ ଉଠିବା ଦରକାର। ବିଶେଷକରି ଏଭଳି ସଂଦିଗ୍ଧ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏତେ ନିକଟତର ହେଉଛନ୍ତି କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ଏନେଇ ଡିଏନ୍ ଗ୍ରୁପ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ରାଜଧାନୀରେ ଏକାଧିକ ପ୍ରତିଷ୍ଠାନ

ଡିଏନ୍ ଗ୍ରୁପ୍‌ର ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ପ୍ରତିଷ୍ଠାନ ରହିଛି। ଏଥି ମଧ୍ୟରେ ଶପିଂ ମଲ୍, ହୋଟେଲ୍, ବାସଭବନ ପ୍ରକଳ୍ପ, ଶିକ୍ଷାନୁଷ୍ଠାନ ଆଦି ବହୁ ସଂସ୍ଥା ରହିଛି। ୨୦୧୮ରୁ ଭୁବନେଶ୍ୱର ପାତ୍ରପଡ଼ାଠାରେ ଏହି ସଂସ୍ଥାର ଡିଏନ୍ ରେଗାଲିଆ ମଲ୍ ରହିଛି। ରାଜଧାନୀର ପ୍ରମୁଖସ୍ଥାନରେ ଏହି ଗ୍ରୁପ୍‌ର ବିଭିନ୍ନ ପ୍ରତିଷ୍ଠାନ ରହିଛି। ଏଥିସହ ଭୁବନେଶ୍ୱର ଉକକଣ୍ଠ ସୁନ୍ଦରପୁରରେ ଏହି ସଂସ୍ଥାର 'ଦ ଉଇସ୍‌ଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲ' ମଧ୍ୟ ରହିଛି। ଏପରିକି ବିଭିନ୍ନ ସ୍ଥାନରେ ୫ରୁ ଊର୍ଦ୍ଧ୍ୱ ରେସିଡେନ୍‌ସିଆଲ୍ ପ୍ରୋଜେକ୍ଟ ମଧ୍ୟ ଏହି ସଂସ୍ଥା ପକ୍ଷରୁ କରାଯାଇଛି। ଅନ୍ୟପକ୍ଷରେ ଡିଏନ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜଗଦିଶ୍ ପ୍ରସାଦ ନାୟକଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ୫ଟି ସଚିବ ଏବଂ ମୁଖ୍ୟଶାସନ ସଚିବଙ୍କ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି।

## ୫-ଟି ସଚିବଙ୍କୁ...



୫-ଟି ସଚିବଙ୍କ ଗସ୍ତକୁ କଂଗ୍ରେସ (ଉପର) ଓ ଭାଜପା ପକ୍ଷରୁ ବିରୋଧ।

ସଚିବ ପାଣ୍ଡିଆନ ସକାଳେ କନ୍ଧମାଳ ବ୍ଲକର ଆମ୍ବଗାଁ ଜନତା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସଭାକୁ ଯାଉଥିବା ବେଳେ ଭାଜପା ପକ୍ଷରୁ ପ୍ରଥମେ ବହୁ ସଂଖ୍ୟକ ଦଳୀୟ କର୍ମୀ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ନାରା ଦେଇ ପାଣ୍ଡିଆନ ଗୋ ବ୍ୟାକ୍ ବୋଲି କହିଥିଲେ। ଏହି ସମୟରେ ଦଳ ପକ୍ଷରୁ କଳାପତାକା ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ ପକ୍ଷରୁ ମଧ୍ୟ ଆମ୍ବଗାଁରେ କଳାପତାକା ପ୍ରଦର୍ଶନ କରାଯାଇଥିଲା। ସଚିବ କନ୍ଧମାଳ ବ୍ଲକରେ କାର୍ଯ୍ୟକ୍ରମ ସାରି ବୌଦ୍ଧ ଗସ୍ତ କରିଥିଲେ। ସେଠାରେ ପହଞ୍ଚିବାର କିଛି ସମୟ ପୂର୍ବରୁ ସଭାସ୍ଥଳ ନିକଟସ୍ଥ ଜିଲା ସଂଗ୍ରହାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ହଠାତ୍ ଆସି ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ପାଣ୍ଡିଆନ ଗୋ ବ୍ୟାକ୍, ଗଣତନ୍ତ୍ର ହତ୍ୟାକାରୀ ମୁଖ୍ୟମନ୍ତ୍ରୀ ବୋଲି ନାରା ଦେଇଥିଲେ। ସେଠାରେ କଂଗ୍ରେସ କର୍ମୀମାନେ ହାତରେ କଳାପତାକା ଧରି ଦେଖାଇଥିଲେ। ପୋଲିସ କଂଗ୍ରେସ କର୍ମୀମାନଙ୍କୁ ସେଠାରୁ ଉଠାଇନେଇ ଥାନାରେ ଅଟକ ରଖିଥିବା ବେଳେ ସଚିବ ଗଲା ପରେ ଛାଡ଼ିଥିଲା। ସଚିବ ବୌଦ୍ଧ ସହରର ଚନ୍ଦ୍ରଚୂଡ଼ ମନ୍ଦିରଠାରେ ନିର୍ମାଣାଧୀନ ଆଳତି ଘାଟ ପରିଦର୍ଶନରେ ଯାଉଥିବା ବେଳେ କେତେଜଣ କାର୍‌କେଡ୍‌କୁ ଅଣ୍ଡାମାଡ଼ ହୋଇଥିବା ଦେଖିବାକୁ ମିଳିଛି।

## ଅଣ୍ଡା ଦୋକାନ ବନ୍ଦକୁ ନେଇ ଚର୍ଚ୍ଚା

ମଙ୍ଗଳବାର ସୁବର୍ଣ୍ଣପୁର ଜିଲାରେ ୫-ଟି ସଚିବଙ୍କ ଗସ୍ତ ବେଳେ ତାଙ୍କ ଗାଡ଼ିକୁ ଆମ୍ ଆଦ୍‌ମୀ ପାର୍ଟିର କେତେଜଣ କର୍ମୀ ଅଣ୍ଡାମାଡ଼ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ବୁଧବାର ୫-ଟି ସଚିବଙ୍କ ବୌଦ୍ଧ ଜିଲା ଗସ୍ତ ସମୟରେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସର୍ତ୍ତକତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସଚିବଙ୍କ ଗସ୍ତ ରାସ୍ତାରେ ଥିବା ଅଣ୍ଡା ଦୋକାନଗୁଡ଼ିକ ବନ୍ଦ ରହିଥିଲା। ଉକ୍ତ ଦୋକାନଗୁଡ଼ିକ ପୋଲିସ କୁଆଡେ ବନ୍ଦ ରଖିବାକୁ କହିଥିବା ଚର୍ଚ୍ଚା ହେଉଛି।

## ପ୍ଲାଷ୍ଟର ଖସିବା ଭୟ: ସ୍ୱାସ୍ଥ୍ୟକେନ୍ଦ୍ରରେ ହେଲ୍‌ମେଟ୍ ପିନ୍ଧିଲେ ଫାର୍ମାସିଷ୍ଟ




# ତାମୁଲିଆ ଓଭରବ୍ରିଜ ଉପରେ ୨ ବସ୍ ମୁହାଁମୁହିଁ, ୧୬ ଆହତ

ବାଲେଶ୍ୱର(ମାନସ ବିଶ୍ୱାଳ)/ ରସାଳପୁର(ଶରତ ସାମଲ), ୫।୭

ବୁଧବାର ସକାଳ ୯ଟା ବେଳେ ବାଲେଶ୍ୱର ସହର ଉପକଣ୍ଠ ତାମୁଲିଆ ଓଭରବ୍ରିଜ ଉପରେ ଦୁଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ପ୍ରାୟ ୧୬ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ଉଭୟ ବସ୍‌ର ଡ୍ରାଇଭର ଗୁରୁତର ହୋଇଛନ୍ତି। ସମସ୍ତ ଆହତ ଓ ଗୁରୁତରଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଭୁବନେଶ୍ୱରରୁ ବାରିପଦା ଯାଉଥିବା ଏକ୍ ବସ୍ ଓ ବାଲେଶ୍ୱରରୁ ବାହାନଗା ଯାଉଥିବା ଏକ ବସ୍ ତାମୁଲିଆ ଓଭରବ୍ରିଜର ଏକ ଟର୍ଣ୍ଣ ସ୍ଥାନରେ ମୁହାଁମୁହିଁ ହୋଇଥିଲେ। ଅଣଓସାରିଆ ପୋଲ ଉପରେ ପରସ୍ପରକୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଦୁଇଟି ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଉଭୟ ବସ୍‌ର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାରେ ଅଳ୍ପକେ ଶତାଧିକ ଯାତ୍ରୀ ବର୍ତ୍ତି ଯାଇଥିବା ବେଳେ ୧୬ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ପ୍ରାୟ ସମସ୍ତ ଯାତ୍ରୀଙ୍କୁ ଛାଡ଼ି ଦିଆଯାଇଛି। ଦୁଇ ଗୁରୁତର ଡ୍ରାଇଭରଙ୍କୁ ଚିକିତ୍ସାଧୀନ ଅଛନ୍ତି।




ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବ୍ରିଜ ଅଣଓସାରିଆ ହୋଇଥିବା ବେଳେ ଏଥିରେ ଅନେକଗୁଡ଼ିଏ ଟର୍ନିଂ ରହିଛି। ଫଳରେ ଗାଡ଼ି ଡ୍ରାଇଭରଙ୍କୁ ଦୂରରୁ ସାମ୍ନା ପଟ ଦେଖିବାରେ ଅସୁବିଧା ହେଉଛି। ଘଟଣାସ୍ଥଳରେ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜନ ଦଳବେହେରାଙ୍କ ସମେତ ସଦରଥାନା ପୋଲିସ ପହଞ୍ଚି ବସ୍ ଦୁଇଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଦୁର୍ଘଟଣା ଯୋଗୁ ବାଲେଶ୍ୱରରୁ କୁରୁଡା ଓଟି ରୋଡ଼ରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବସ୍ ଦୁଇଟିକୁ ରାସ୍ତାରୁ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଜବାବ ମାଗିଲେ...

ତୃତୀୟ ପୃଷ୍ଠାରୁ...

ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ କମିଟି ଗଠନ କରାଯାଇ ରତ୍ନ ଅଳଙ୍କାର ତାଲିକା ପ୍ରସ୍ତୁତ କରିବା, ରତ୍ନଭଣ୍ଡାରର ବିପଦସଙ୍କୁଳ ଅଂଶ ମରାମତି ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା, ରତ୍ନଭଣ୍ଡାରର ଚାବି ହଜେଇବା ମାମଲାରେ ଦାୟୀ ପୁରୀ ଜିଲାପାଳ କିମ୍ବା ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଫୌଜଦାରି ମାମଲା ଦାୟର କରି ସିବିଆଇ ଦ୍ୱାରା ତଦନ୍ତ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ହାଇକୋର୍ଟର ବୈଷୟିକ କମିଟି ଏବଂ ଏଏସ୍‌ଆଇ ଚିଠି ସତ୍ତ୍ୱେ ରତ୍ନଭଣ୍ଡାର ମରାମତି ନ କରି ଏହାକୁ ବିପଦସଙ୍କୁଳ ଅବସ୍ଥାରେ ରଖିବା କାରଣରୁ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ସିବିଆଇ ଦ୍ୱାରା ତଦନ୍ତ କରିବାକୁ ପିଟିଶନରେ ଦର୍ଶାଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଆଇନ ସଚିବ, ଗୃହ ସଚିବ, ପୁରୀ ଜିଲାପାଳ, ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଓ ମୁଖ୍ୟ ପ୍ରଶାସକ, ପୁରୀ ଗଜପତି ମହାରାଜା, ଏଏସ୍‌ଆଇ ମହାନିର୍ଦ୍ଦେଶକ ଓ ସୁପରିଣ୍ଟେଣ୍ଡେଣ୍ଟ ଏବଂ ସିବିଆଇ ନିର୍ଦ୍ଦେଶକ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

## ଶ୍ରୀମନ୍ଦିରରେ ଭକ୍ତଙ୍କ...

ଅଟକାଯାଉ। ହାପ୍ ପ୍ୟାଣ୍ଟ ପିନ୍ଧି ଆସୁଥିବା ପୁରୁଷମାନଙ୍କୁ ଶ୍ରୀମନ୍ଦିରକୁ ଛଡ଼ା ନ ଯାଉ। ମହିଳାମାନେ ପାରମ୍ପରିକ ଶାଢ଼ି, ଯୁବତୀମାନେ ସାଲୱାର ପଞ୍ଜାବୀ ପିନ୍ଧିବା ସହ ଓଢ଼ଣି ପକାଇବା ଆବଶ୍ୟକ। ପୁରୁଷମାନେ ଧୋତି, ମଠା ଓ ଗାମୁଛା ପରିଧାନ କରିବା ଉଚିତ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଚେଞ୍ଜିଂ ରୁମ୍ ବ୍ୟବସ୍ଥା ହେବା ଦରକାର, ଯେଉଁଠାରେ ଭକ୍ତମାନେ ପୋଷାକ ବଦଳାଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିପାରିବେ। ଫଳରେ ଶ୍ରୀମନ୍ଦିରରେ ପବିତ୍ରତା ରକ୍ଷା ସହ ଭକ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି ହୋଇପାରିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦିଆଯିବ। ତେବେ ଯେଉଁମାନେ ଶ୍ରୀମନ୍ଦିରର ପରମ୍ପରା ନଷ୍ଟ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନିଯୋଗ ସମ୍ପାଦକ କହିଛନ୍ତି। ସେହିପରି ବରିଷ୍ଠ ଦଇତାପତି ସେବକ ଗଣେଶ ଦାସମହାପାତ୍ର ସମାନ ମତପୋଷଣ କରିଛନ୍ତି। ସେ କହିଛନ୍ତି, ଦକ୍ଷିଣ ଭାରତରେ ମହିଳାମାନେ ଅତି ପବିତ୍ରତାର ସହ ଉତ୍ତମ ପୋଷାକ ପରିଧାନ କରି ମନ୍ଦିରକୁ ଯାଇଥାନ୍ତି। ତେଣୁ ଶ୍ରଦ୍ଧାଳୁମାନେ ପାଶ୍ଚାତ୍ୟ ପୋଷାକ ପିନ୍ଧି ଶ୍ରୀମନ୍ଦିରକୁ ନ ଆସିବା ଉଚିତ୍। ଅନ୍ୟତମ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର ଚାରି ଧାମ ମଧ୍ୟରେ ଏକ ପ୍ରମୁଖ ପୀଠ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଧାର୍ମିକ ମନୋଭାବ ନେଇ ଆସିବା ଦରକାର। ଯଦି ପାଶ୍ଚାତ୍ୟ ପୋଷାକ ପିନ୍ଧିକି ଆସିବେ ତେବେ ମନୋଭାବ ଅଲଗା ରହିବ। ଅନେକ ଯୁବପିଢ଼ି ଯେଉଁଭଳି ଭାବେ ପାଶ୍ଚାତ୍ୟ ପୋଷାକ ପିନ୍ଧି ଆସୁଛନ୍ତି ତାହା ଶୋଭନୀୟ ନୁହେଁ। ମନ୍ଦିର ଏକ ପର୍ଯ୍ୟଟକସ୍ଥଳ ନୁହେଁ। ତେଣୁ ଭାରତୀୟ ପରମ୍ପରା ପ୍ରତି ସମ୍ମାନ ଜଣାଇ ଭକ୍ତମାନେ ପାରମ୍ପରିକ ପୋଷାକ ପରିଧାନ କରି ଶ୍ରୀମନ୍ଦିରକୁ ଆସିବା ଉଚିତ। ପୂର୍ବରୁ ସେବାୟତଙ୍କ ପାଇଁ ଡ୍ରେସ୍ କୋଡ୍ ଲାଗୁ ହୋଇଥିଲା। ତେଣୁ ଏବେ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଡ୍ରେସ୍ କୋଡ୍ ଲାଗୁ ହେବା ଉଚିତ। ନିଯୋଗର ଏହି ଦାବି ତଥା ପ୍ରସ୍ତାବକୁ ଅନେକ ସେବାୟତ ଓ ଭକ୍ତ ଯଥାର୍ଥ ବୋଲି କହିଛନ୍ତି। ବାମଦେବ ମିଶ୍ର, ଜଗନ୍ନାଥ ସାହୁ ଓ ଶିବ ପ୍ରସାଦ ମହାନ୍ତି ପ୍ରମୁଖ ଭକ୍ତ କହିଛନ୍ତି, ଶ୍ରୀମନ୍ଦିରରେ ଏଭଳି ବ୍ୟବସ୍ଥା ହେବା ଉଚିତ। କାରଣ ଏହାଦ୍ୱାରା ଅନ୍ୟର ଭକ୍ତିଭାବରେ ବିଭ୍ରାଟ ସୃଷ୍ଟି ହେବନାହିଁ। ତେବେ ଅନ୍ତତଃପକ୍ଷେ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କ କ୍ଷେତ୍ରରେ ଏହା ଲାଗୁ କରା ନ ଯାଉ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ କହିଛନ୍ତି, ଏ ନେଇ ପରିଚାଳନା କମିଟିରେ ଆଲୋଚନା କରାଯିବ। ସମସ୍ତଙ୍କ ସହମତିରେ ନିଷ୍ପତ୍ତି ନିଆଯିବା ପରେ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ ଅକ୍ଟୋବର ୨୧ରେ ଶ୍ରୀମନ୍ଦିରରେ ସେବାୟତଙ୍କ ପାଇଁ ଡ୍ରେସ୍ କୋଡ୍ ଲାଗୁ କରାଯାଇଥିଲା। ପରେ ସେହିବର୍ଷ ନଭେମ୍ବର ୫ରୁ ଶ୍ରୀମନ୍ଦିର କର୍ମଚାରୀଙ୍କ ନିମନ୍ତେ ଡ୍ରେସ୍‌କୋଡ୍ ଲାଗୁ ହୋଇଥିଲା। କିଛିଦିନ ଏହା କାର୍ଯ୍ୟକାରୀ ହେବା ପରେ ଶିଥିଳ ପଡ଼ିଯାଇଛି। ସେହିପରି ପରବର୍ତ୍ତୀ ସମୟରେ ଭକ୍ତଙ୍କ ସକାଶେ ଡ୍ରେସ୍ କୋଡ୍ ଲାଗୁ କରାଯିବା ନେଇ ମଧ୍ୟ ପ୍ରସ୍ତାବ ରହିଥିଲା। ମାତ୍ର ପରେ ସେଥିପ୍ରତି ଆଉ ଗୁରୁତ୍ୱ ଦିଆଯାଇ ନ ଥିଲା। ଏବେ ପୁଣି ସେହି ଦାବି ଉଠିଛି।

## ଖସିଲା ପଲସ୍ତରା...

୨୩ ଛାତ୍ରୀଛାତ୍ର ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିଥିଲେ। ସେମାନେ ବିପଦସଙ୍କୁଳ ଅବସ୍ଥାରେ ଥିବା କୋଠରିରେ ବସିଥିବା ବେଳେ ସାଢ଼େ ୧୦ଟା ବେଳେ ହଠାତ ଛାତରୁ ପଲସ୍ତରା ଖଣ୍ଡମାନ ଖସିବା ଆରମ୍ଭ ହୋଇଥିଲା। ପ୍ରଥମେ ପଲସ୍ତରାର କିଛି ଅଂଶ ଛାତ୍ର ଶୁଭମଙ୍କ ମୁଣ୍ଡରେ ପଡିଥିଲା। ଏହାପରେ ଅନ୍ୟ ୫ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ସୁଭାଷିନୀଙ୍କ ଉପରେ ପଲସ୍ତରା ଖସିପଡ଼ିଥିଲା। ଏଥିରେ ଶିକ୍ଷୟିତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଛାତୀଛାତ୍ରମାନେ ଆହତ ହୋଇଥିଲେ। ଏହା ଦେଖି ଅନ୍ୟମାନେ ଭୟରେ ବାହାରକୁ ପଳାଇ ଯାଇଥିଲେ। ଖବରପାଇ ଅଭିଭାବକମାନେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଶିକ୍ଷୟିତ୍ରୀ ଓ ଆହତ ପିଲାମାନଙ୍କୁ ବଇଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ଗ୍ରାମବାସୀ କହିଛନ୍ତି, ୨୦୦୯ ମସିହାରେ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହୋଇଥିଲା। ହେଲେ ତତ୍କାଳୀନ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଭିତିରି ବୁଝାମଣା ଯୋଗୁ ଅତି ନିମ୍ନମାନର କାର୍ଯ୍ୟ କରାଯାଇଥିଲା। ଏଥିଯୋଗୁ ୨୦୧୮ ମସିହାରୁ ଏହି କେନ୍ଦ୍ରର ଛାତରୁ ବର୍ଷା ପାଣି ଗଳୁଛି। କାନ୍ଥ ଫାଟି ଯିବାରୁ ଏହା ବିପଦସଂକୁଳ ଅବସ୍ଥାରେ ରହିଛି। ସରପଞ୍ଚ ଭରତ ଚନ୍ଦ୍ର ସାହୁ କହିଛନ୍ତି, ବିପଦପୂର୍ଣ୍ଣ ଏହି କେନ୍ଦ୍ରରେ ପିଲାଙ୍କୁ ପାଠ ନ ପଢ଼ାଇବା ପାଇଁ ୧୨ ମାର୍ଚ୍ଚ ୨୦୨୨ ଓ ୪ ଏପ୍ରିଲ ୨୦୨୩ରେ ଆଠମଲ୍ଲିକ ସିଡିପିଓ ଏବଂ ବିଡିଓଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ହେଲେ ପ୍ରଶାସନ ପକ୍ଷରୁ ଏ ଦିଗରେ ଆଦୌ ଦୃଷ୍ଟି ଦିଆଯାଇ ନ ଥିଲା। ତୁରନ୍ତ ଏକ ନୂତନ କେନ୍ଦ୍ର ନିର୍ମାଣ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଖିଲ୍ଲୀମୁଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଖବରପାଇ ବହୁ ବିଳମ୍ବରେ ସିଡିପିଓ ଏବଂ ବିଡିଓ ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ନେଇ ସିଡିପିଓ ତରଙ୍ଗିନୀ ମିର୍ଦ୍ଧା କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି। ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ସରକାରଙ୍କୁ ଅବଗତ କରାଯିବ। ଆଠମଲ୍ଲିକ ଉପ ଜିଲାପାଳ ତରଣୀ ସୁନା କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ସ୍କୁଲଛାତରୁ ଖସିଲା...

ରୂପାନ୍ତରଣ କାର୍ଯ୍ୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବଣେଇ ତତ୍ତ୍ୱାବଧାନରେ ଚାଲିଥିଲା। କାମ ନିମ୍ନମାନର ଯୋଗୁ ଏପରି ଘଟିଲା ବୋଲି ଅଭିଭାବକମାନେ ଆଶଙ୍କା କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷୟିତ୍ରୀ ମହିମା ହେମ୍ବ୍ରମଙ୍କୁ ପଚାରିବାରୁ, ଶନିବାର ସ୍ୱାଭାବିକଭାବେ ପାଠପଢ଼ା ହୋଇଥିଲା। ରବିବାର ଛାତରୁ ପ୍ଲାଷ୍ଟର ଖସିଛି। କାରଣ ସୋମବାର ବିଦ୍ୟାଳୟ ଖୋଲିବା ପରେ ପ୍ଲାଷ୍ଟର ଖସିଥିବା ଆମେ ଦେଖିବାକୁ ପାଇଥିଲୁ। ଘଟଣା ସମ୍ପର୍କରେ ପିଏଆଇଟିଡିଏ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଛୁ ବୋଲି ସେ କହିଛନ୍ତି। ସୌଭାଗ୍ୟ ବଶତଃ ଯଦି ପାଠ୍‌ପଠା ସମୟରେ ପ୍ଲାଷ୍ଟର ଖସି ଥା'ଆନ୍ତା ତେବେ ଛାତ୍ରୀଛାତ୍ର ଆହତ ହୋଇଥାନ୍ତେ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ରେବତୀ ମୋହନ ମହାପାତ୍ର କହିଛନ୍ତି। ତେବେ ଏହାର ଉପଯୁକ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଭ୍ୟାସଭ୍ୟ, ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।

## ଅଚେତ ଛାତ୍ରଙ୍କୁ...

ଶ୍ରେଣୀଗୃହରେ ଅଚେତ ହୋଇପଡ଼ିଥିଲେ। ସ୍କୁଲ ଛୁଟି ହେବାରୁ ସମସ୍ତ ପିଲା ଘରକୁ ପଳାଇଥିବା ବେଳେ କୃଷ୍ଣଚନ୍ଦ୍ର ସେହିଠାରେ ପଡ଼ି ରହିଥିଲେ। ଶିକ୍ଷକମାନେ ମଧ୍ୟ ବିଦ୍ୟାଳୟରେ ତାଲା ପକାଇ ପଳାଇଥିଲେ। କୃଷ୍ଣଚନ୍ଦ୍ର ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ସନ୍ଧ୍ୟା ୭ଟା ବେଳକୁ ସେହି ବାଟ ଦେଇ ଯାଉଥିବା ଉକ୍ତ ଗ୍ରାମର ସୁଭଦ୍ରା ମହାନ୍ତ ନାମ୍ନୀ ଜଣେ ମହିଳା କୃଷ୍ଣଚନ୍ଦ୍ରଙ୍କ କାନ୍ଦ ଶୁଣି ଝରକା ରେଲିଂ ଭାଙ୍ଗି ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଥିଲେ। ଏ ସଂକ୍ରାନ୍ତରେ ବୁଧବାର ଛାତ୍ରଙ୍କ ବାପା ବୈଶିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିନ୍ତାମଣି ମହାନ୍ତଙ୍କୁ ପଚାରିବାରୁ ମଙ୍ଗଳବାର ବିଦ୍ୟାଳୟ ଛୁଟି ହେବା ପୂର୍ବରୁ ସେ ସହକାରୀ ଶିକ୍ଷକ ବିଳାସ ଚନ୍ଦ୍ର ମହାନ୍ତଙ୍କୁ ଦାୟିତ୍ୱ ଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ତେଣୁ ଏ ବିଷୟରେ କିଛି କହିପାରିବେ ନାହିଁ। ତେବେ ବିଦ୍ୟାଳୟ ଝରକା ଆଗରୁ ଭଙ୍ଗା ଥିଲା ଓ ସ୍କୁଲ ଛୁଟି ପରେ ପିଲାମାନେ ମାରଧର ହେବାରୁ କେହି ପିଲା କୃଷ୍ଣଚନ୍ଦ୍ରଙ୍କୁ ଭଙ୍ଗା ଝରକା ବାଟେ ଶ୍ରେଣୀଗୃହ ଭିତରକୁ ପୂରାଇ ଦେଇଥାଇପାରନ୍ତି ବୋଲି ସେ କହିଛନ୍ତି।

## ଉତ୍ତରଦାୟିତ୍ୱରୁ ଖସିବା...

ଆଣ୍ଡ ଟେଲିକମ୍ (ଏସ୍‌ଆଣ୍ଡଟି) ଷ୍ଟାଫ୍ ଗତ ୫ ବର୍ଷ ମଧ୍ୟରେ ଧରି ନ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସର୍କିଟ୍‌ଗୁଡ଼ିକର ଭୁଲ୍ ଲେବେଲିଂ ଓ ସର୍କିଟ୍ କାମ କରୁଛି କି ନାହିଁ ତାହା ଯାଞ୍ଚ ନ କରିବା ହେଉଛି ସବୁଠୁ ବଡ଼ ବିଫଳତା ବୋଲି ଜୟରାମ କହିଛନ୍ତି। ପ୍ରକାଶ ଯେ, ଜୁନ୍ ୨ରେ ବାହାନଗା ବଜାର ନିକଟରେ କରମଣ୍ଡଳ ଏକ୍ସପ୍ରେସ୍, ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍ ଓ ଏକ ମାଲବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହୋଇ ୨୯୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧,୦୦୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ।

## ସବୁଠୁ ଉତ୍ତପ୍ତ ମାସ...

ଯାହାଫଳରେ ପ୍ରଶାନ୍ତ ମହାସାଗରୀୟ ତାପମାତ୍ରା ବୃଦ୍ଧି ପାଇବ। ପ୍ରଥମଥର ପାଇଁ ଗ୍ଲୋବାଲ ସରଫେସ୍ ଏୟାର ଟେମ୍ପରେଚର ୧୭° ସେଲସିୟସ ବଢ଼ିଥିବା ପାଣିପାଗ ଗବେଷକ ଲେଓନ ସିମୋନ୍ସ କହିଛନ୍ତି। ପ୍ରତ୍ୟେକ ଦିନ ଏଲ୍ ନିନୋ ଦ୍ୱାରା ଲୋକେ ପ୍ରଭାବିତ ହେବା ଆଶଙ୍କା ରହିଛି। ଅନ୍ୟପକ୍ଷେ ଗତ ଜୁନ୍‌ରେ ବିଶ୍ୱର ହାରାହାରି ତାପମାତ୍ରା ୧.୪୬° ସେଲସିୟସ ବୃଦ୍ଧି ପାଇଥିଲା। ୟୁକ୍ରେନ୍ ଭର୍ନାଡସ୍କି' ରିସର୍ଚ୍ଚ ରିପୋର୍ଟ ତଥ୍ୟ ଅନୁସାରେ ଚଳିତ ମାସରେ ଆର୍ଣ୍ଟାର୍କଟିକା ତାପମାତ୍ରା ୮.୭° ସେଲ୍‌ସିୟସ୍ ବଢ଼ିଛି। ଜୁଲାଇରେ ସର୍ବାଧିକ ତାତି ଅନୁଭୂତ ହେବାକୁ ଥିବାବେଳେ ଚଳିତ ବର୍ଷ ଏହା ସବୁଠୁ ଉତ୍ତପ୍ତ ମାସ ହୋଇପାରେ ବୋଲି ୟୁନିଭର୍ସିଟି ଅଫ୍ ଲେଇପଜିଙ୍ଗର ପ୍ରଫେସର କାରଷ୍ଟେନ୍ ହାଉଷ୍ଟେନ୍ ମତ ରଖିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଦଶମସ୍ଥ ଚନ୍ଦ୍ର ଉଚ୍ଚତର ଶିକ୍ଷା, ସନ୍ତାନଙ୍କ ସ୍ୱାସ୍ଥ୍ୟ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରେ ସୁଫଳ ପ୍ରଦାନ କରିବ। ପାରିବାରିକ କ୍ଷେତ୍ରରେ ସନ୍ଦେହଜନିତ ଅଶାନ୍ତି ସୃଷ୍ଟି ଆଶଙ୍କାକୁ ଏଡ଼ି ହେବନାହିଁ। କାମଗୁଡ଼ିକ ଯଥା ସମୟରେ ହେଉ ନ ଥିବାରୁ ମନ ବିରକ୍ତ ରହିବ। ବହୁ କଷ୍ଟରେ ଆବଶ୍ୟକ ଟଙ୍କା ଯୋଗାଡ଼ କରିବାରେ ସକ୍ଷମ ହେବେ।

**ବୃଷ** ଆଜି ବୁଧାଦିତ୍ୟ ଯୋଗ ପ୍ରଭାବରୁ ଅପ୍ରିୟ ସତ୍ୟ କହି କଳହକୁ ନିମନ୍ତ୍ରଣ କରିପାରନ୍ତି। ସଙ୍ଗଠନ, ରାଜନୀତି, ପ୍ରଶାସନ କ୍ଷେତ୍ରରେ ଟେନ୍‌ସନ ଲାଗି ରହିବ। ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦର ସୁଅ ଛୁଟିଲେ ସୁଦ୍ଧା ସେଥିରେ ଭାଗ ନେଇପାରିବେ ନାହିଁ। ଆର୍ଥିକ ସମସ୍ୟାରେ ଚିନ୍ତିତ ରହିବା ସୂଚନା ଥିଲେ ମଧ୍ୟ କିଛି କରିପାରିବେ ନାହିଁ।

**ମିଥୁନ** ନବମସ୍ଥ ଶନି ହେତୁ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ପରିବାରର ଖର୍ଚ୍ଚ କମାଇବା ପାଇଁ ଚେଷ୍ଟାକରି ଅସଫଳ ହେବେ। ଆଦୌ ପଢୁ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ପରପାଖରେ ନେହୁରା ହେବାକୁ ପଡ଼ିବ।

**କର୍କଟ** ରବି ଏକାଦଶରେ ଥିବାରୁ ଆର୍ଥିକ ଦିଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଖଳଲୋକମାନେ ଅପପ୍ରଚାର କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଖୋଜୁଥିବା ଜିନିଷଟିର ସନ୍ଧାନ ଆଜି ସନ୍ଧ୍ୟା ସମୟରେ ପାଇବେ।

**ସିଂହ** ଭୁଲ୍ ବୁଝାମଣା ହେତୁ ନିଜର କୌଣସି ବ୍ୟକ୍ତିଙ୍କ ସହ ଆକସ୍ମିକ କଳହ ମଧ୍ୟ ଲାଗିପାରେ। ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହେବେ। ବ୍ୟବସାୟ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ ଦୁର୍ବଳତା ଅନୁଭବ କରିବେ।

**କନ୍ୟା** ପରିବାରରେ ପାତରଅନ୍ତର ନୀତିକୁ କେନ୍ଦ୍ରକରି ଅଶାନ୍ତି ସୃଷ୍ଟି ହେବ। କୌଣସି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ପଡ଼ି ବ୍ୟୟ ଅଧିକ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ମାଲି ମକଦ୍ଦମାରେ ସନ୍ତୋଷଜନକ ଫଳ ପାଇବେ। ମହିଳାମାନେ ଅସନ୍ତୁଷ୍ଟ ରହିବେ।

**ତୁଳା** ଗୁରୁଚଣ୍ଡାଳ ଯୋଗଜନିତ ସମସ୍ୟା ଲାଗିରହୁଥିବାରୁ ମାନସିକ ସ୍ଥିରତା ରହି ନ ପାରେ। ପିଲାଙ୍କ କୌଣସି ବ୍ୟତିକ୍ରମ ମନକୁ ବାରମ୍ବାର ଆଲୋଡ଼ିତ କରିବ। ପୂର୍ବ ସ୍ଥିରୀକୃତ ଦୂରଯାତ୍ରା ପାଇଁ ପ୍ରସ୍ତୁତି ଅନିବାର୍ଯ୍ୟ କାରଣବଶତଃ ବାତିଲ ହୋଇଯାଇପାରେ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ ଓ ସ୍ଥଗିତ କାମ ତ୍ୱରାନ୍ୱିତ ହେବ।

**ବିଛା** ସାମାଜିକ ଜୀବନରେ ଆଦର ଓ ସମ୍ମାନ ଲାଭକରି ଖୁସି ଅନୁଭବ କରିବେ। ଆନୁଷ୍ଠାନିକ କାମ, ସଭାସମିତି କିମ୍ବା ପ୍ରଶାସନିକ ସ୍ତରରେ ଆଜିର ଆଲୋଚନା ଅସମାପ୍ତ ରହିପାରେ। ପାରିବାରିକ ତିକ୍ତତାର ସମାପ୍ତି ସକାଶେ ଚେଷ୍ଟା କରିପାରନ୍ତି। ବିବାଦୀୟ ଘଟଣାରେ ଆଶଙ୍କା କରୁଥିବା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବ ନାହିଁ।

**ଧନୁ** ଦୁରବସ୍ଥା ବଦଳିଯିବା କାରଣରୁ ମାନସିକ ସ୍ଥିତି ଏକପ୍ରକାର ଭଲ ରହିବ। ଘରୋଇ କ୍ଷେତ୍ରରେ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। କେତେକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ବ୍ୟବସାୟ, ବାଣିଜ୍ୟ, ପରିବହନରେ ଉନ୍ନତି କରିବେ।

**ମକର** ଉପର ମନରେ ମିଠାକଥା କହି କାମ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ଧନିଷ୍ଠା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା କିଛି ଅନିଷ୍ଟକର ପରିସ୍ଥିତି ସୃଷ୍ଟି କରିପାରେ। ନିଜ ନିଜର ସ୍ୱାର୍ଥସାଧନ ନିମିତ୍ତ ଅନ୍ତରଙ୍ଗ ବନ୍ଧୁମାନେ ମଧ୍ୟ ଆଜି ଦୂରେଇ ରହିବେ। ମତାନ୍ତର ଜନିତ ପରିବାରରେ ମତ ପାର୍ଥକ୍ୟ ଦେଖାଦେବା ସମ୍ଭାବନା ରହିଛି।

**କୁମ୍ଭ** ତୃତୀୟସ୍ଥ ପାପଗ୍ରହ ହେତୁ ଯାହାକୁ ବିଶ୍ୱସ୍ତ ଭଳି ଚିନ୍ତା କରୁଥିବେ ତାହାର କାର୍ଯ୍ୟକଳାପ ସନ୍ଦେହଜନକ ରହିବ। ପ୍ରତି କ୍ଷେତ୍ରରେ ଦେଖି, ଚିହ୍ନି, ପରଖି ଆଗକୁ ବଢ଼ିବା ଠିକ୍ ହେବ। ଆଜିର ଫେରିବା ବାଟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ। ସାହିତ୍ୟ, ସାମ୍ବାଦିକତା, ଗବେଷଣା, କଳା, ସଙ୍ଗୀତ ଓ ଏଜେନ୍ସିରେ ପ୍ରଶଂସିତ ହେବେ।

**ମୀନ** ପାପଗ୍ରହ ମଧ୍ୟସ୍ଥ ରାଶିହେତୁ ବିଭିନ୍ନ ନକାରାତ୍ମକ ଭାବନା ମନକୁ ବିଚଳିତ କରିବ। ଅଢୁଆ ସୂତାକୁ ସଜାଡୁ ସଜାଡୁ ଲକ୍ଷ୍ୟପ୍ରାପ୍ତିର ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ହୋଇଯାଇପାରେ। ଆପୋସ ଆଲୋଚନାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଏତଦ୍‌ବ୍ୟତୀତ ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶରୁ ଖୁସି ରହିପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଚତୁର୍ଥୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଜୁଲାଇ ୬ ତାରିଖ। ରାଶି ନକ୍ଷତ୍ର-ଧନିଷ୍ଠା/ମକର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୬ ଗତେ, ଘ.୦୬।୦୯ ମଧ୍ୟେ, ଘ.୦୯।୩୯ ଗତେ, ଘ.୧୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୩୦ ଗତେ, ଘ.୦୩।୦୮ ମଧ୍ୟେ ରାହୁକାଳ।

# 'ଗଣତାନ୍ତ୍ରିକ ମୂଲ୍ୟବୋଧର ବାହକ ହୁଅନ୍ତୁ ଯୁବପିଢ଼ି'





ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟଠାରେ ବୁଧବାର ଆୟୋଜିତ ଗଣମାଧମ, ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଛାତ୍ରୀଛାତ୍ର।

## ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା

**ବଲାଙ୍ଗୀର, ୫।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଓ ସର୍ବବୃହତ୍ ଯୁବଶକ୍ତିସମ୍ପନ୍ନ ଦେଶ ହେବା ସତ୍ତ୍ୱେ ଭାରତ ଏବେ ବି ବିକାଶଶୀଳ ରାଷ୍ଟ୍ର ଭାବେ ପରିଗଣିତ ହେଉଛି। ଯୁବବର୍ଗଙ୍କ ଏଇ ବୃହତ୍ ଜନସଂଖ୍ୟାର ଦେଶ ବେକାରି, ବେରୋଜଗାରି, ଅଶିକ୍ଷା ଏବଂ ନିଶା ସମସ୍ୟାରେ ଜର୍ଜରିତ ହେଉଛି। ଏଭଳି ସମୟରେ ଦେଶର କେତେକ ଗଣମାଧମ ଅସଲ ସମସ୍ୟାକୁ ଲୋକଲୋଚନକୁ ଆଣିବା ପରିବର୍ତ୍ତେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ମିଥ୍ୟା ପ୍ରଚାରରେ ମାତିଛନ୍ତି। ଦେଶର ଜନସାଧାରଣଙ୍କୁ ଭୁଲ୍ ତଥ୍ୟ ଦେଇ ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରିବାର ଚେଷ୍ଟା କରୁଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଯୁବପିଢ଼ି ଭିତରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉଜାଗର କରାଯାଇପାରିବ ନାହିଁ ସେତେଦିନ ଯାଏ ଗଣତନ୍ତ୍ର ସଫଳ ହେବ ନାହିଁ ବୋଲି ବୁଧବାର ଧରିତ୍ରୀର ୫୦ବର୍ଷ ପାଳନ ଉପଲକ୍ଷେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟଠାରେ ଆୟୋଜିତଗଣମାଧମ,ଗଣତନ୍ତ୍ରଓଯୁବପିଢ଼ିଶୀର୍ଷକବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ମତବ୍ୟକ୍ତ କରିଥିଲେ।

ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ୧୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ସ୍ନାତକ ଶ୍ରେଣୀ ଦର୍ଶନ ସମ୍ମାନ ଛାତ୍ର ସାଇ ବିନାୟକ ମିଶ୍ର ପ୍ରଥମ, ଇଂରାଜୀ ସମ୍ମାନ ଛାତ୍ର ପୁନମ କୁମାର ଦିଶ୍ରୀ ଦ୍ୱିତୀୟ ଏବଂ ଇଂରାଜୀ ସମ୍ମାନ ଛାତ୍ରୀ ଦୀପ୍ତିମୟୀ ତାଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାର ବିଚାରକଭାବେ ବଲାଙ୍ଗୀର ଯୁବୋଦୟ କଲେଜ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ଏବଂ ଟିଟିଲାଗଡ଼ ଡିଏଭି ସ୍ୱୟଂଶାସିତ କଲେଜ ଅଧ୍ୟାପକ ଜୟଦେବ କର ଯୋଗଦାନ କରିଥିଲେ। ଅତିଥିଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ସହଯୋଗୀ ପ୍ରାଧ୍ୟାପକ ଡ. ପ୍ରତାପ କୁମାର ଦାଶ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଅଧ୍ୟାପକ ଡ. ସୁଶାନ୍ତ କୁମାର ପଣ୍ଡା ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମକୁ ଧରିତ୍ରୀର ଜିଲା ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ପରିଚାଳନା କରିଥିଲେ। ଗଣମାଧମ, ଗଣତନ୍ତ୍ର ଏବଂ ଯୁବପିଢ଼ି ଶୀର୍ଷକ ବିଷୟରେ ବକ୍ତବ୍ୟ ରଖି ପ୍ରତିଯୋଗୀମାନେ କହିଥିଲେ, ଗଣତନ୍ତ୍ର ଶାସନ ବ୍ୟବସ୍ଥା ଲୋକଙ୍କର, ଲୋକମାନଙ୍କ ପାଇଁ ଏବଂ ଲୋକମାନଙ୍କ ଦ୍ୱାରା ଶାସନ ବୋଲି କୁହାଯାଉଥିଲେ ମଧ୍ୟ ଏବେ ଗଣତନ୍ତ୍ର କହିଲେ ଭୋଟ ଓ ନୋଟ୍‌ର ଶାସନ ବୋଲି ବୁଝାପଡୁଛି। ଗଣତନ୍ତ୍ରକୁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା କୁହାଯାଉଥିଲେ ମଧ୍ୟ ଏବେ ଏହା ଦୁର୍ନୀତିଗ୍ରସ୍ତଙ୍କ ଶାସନ ବୋଲି ବୁଝାପଡୁଛି। ଗଣତନ୍ତ୍ରରେ ଯୁବପିଢ଼ି ଓ ଗଣମାଧମର ବଡ଼ ଭୂମିକା ରହିଆସିଛି। ମାତ୍ର ଆଜିର ଯୁବପିଢ଼ି ଗଣତନ୍ତ୍ର ପ୍ରତି ବୀତସ୍ପୃହ ଏବଂ କେତେକ ଗଣମାଧମ ଦୁର୍ନୀତିଖୋର ଶାସକବର୍ଗଙ୍କ ଚାଟୁକାର ସାଜିଛନ୍ତି। ଏଭଳି ଚାଲିଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଭୁଶୁଡ଼ିବାକୁ ବେଶି ସମୟ ଲାଗିବ ନାହିଁ। ଏଣୁ ନିରପେକ୍ଷ ଗଣମାଧମ ଏବଂ ସୁଦକ୍ଷ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରତିଯୋଗୀମାନେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଜିଲା ପ୍ରତିନିଧି ଝାଙ୍କର ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ନିଆଯାଉଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ବିଚାରକ ଅଧ୍ୟାପକ କର ସାମ୍ପ୍ରତିକ ବିଶ୍ୱରେ ଭାରତ, ଗଣତନ୍ତ୍ର ଓ ଗଣମାଧମ ଉପରେ କହିଥିଲେ। ଯୁବପିଢ଼ିଙ୍କ ସମ୍ମୁଖରେ ଅସଲ ଆହ୍ୱାନ କ'ଣ ସେ ଉପରେ ଆଲୋଚନା କରିଥିଲେ। ଅତିଥିଭାବେ ଯୋଗଦେଇଥିବା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପ୍ରାଧ୍ୟାପକ ଦାଶ ଧରିତ୍ରୀର ୫୦ ବର୍ଷ ପଦାର୍ପଣ ଅବସରରେ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇ ଏଭଳି ଏକ ବିଷୟରେ ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ଆଲୋଚନା ପର୍ଯ୍ୟାଲୋଚନାର ମଞ୍ଚ ପ୍ରଦାନ କରିଥିବାରୁ ଧରିତ୍ରୀ ପରିବାରକୁ ସାଧୁବାଦ ଜଣାଇଥିଲେ। ଏଭଳି ପଦକ୍ଷେପ ଦ୍ୱାରା ଛାତ୍ରୀଛାତ୍ର ଗଣତନ୍ତ୍ର ଓ ଗଣମାଧମ ବିଷୟରେ ଅଧିକ ସଚେତନ ହେବେ ବୋଲି କହିଥିଲେ। ଅନ୍ୟତମ ଅତିଥି ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ପଣ୍ଡା ଯୁବକଙ୍କୁ ପ୍ରତିସ୍ପର୍ଦ୍ଧି କରିବା ସହ ସାମ୍ପ୍ରତିକ ସମାଜ ଓ ଶାସନ ବ୍ୟବସ୍ଥା ପ୍ରତି ସଜାଗ ରଖିବା ଦିଗରେ ଧରିତ୍ରୀ ପ୍ରୟାସ କରିଥିବାରୁ ସାଧୁବାଦ ଜଣାଇଥିଲେ। ଶେଷରେ ଧରିତ୍ରୀ ଫଟୋ ଖବରଦାତା ସୁନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ସରକାର ଯାହା ଲୁଚେଇବାକୁ ଚେଷ୍ଟା କରନ୍ତି ତାହାହିଁ ଖବର। ତାହା ଲୋକଲୋଚନକୁ ଅଣାଯିବା ହିଁ ସାମ୍ବାଦିକତା। କିନ୍ତୁ ଆଜିର ସମୟରେ କେତେକ ଗଣମାଧମ ସରକାରଙ୍କ ଗୁଣଗାନକୁ ଖବର ବୋଲି ପରିବେଷଣ କରିବାରେ ବ୍ୟସ୍ତ ଅଛନ୍ତି। ସ୍ୱଚ୍ଛ ଓ ମୁକ୍ତ ଗଣମାଧମ ସୂଚକାଙ୍କରେ ଭାରତର ସ୍ଥିତି ନିରାଶାଜନକ ରହିଛି।

**- ପୁନମ କୁମାର ଦିଶ୍ରୀ**



ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବାକୁ ହେଲେ ଗଣମାଧମ ପ୍ରଥମେ ଶିକ୍ଷା ସଚେତନତାର ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ଉଚିତ। ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଜନମତ ସୃଷ୍ଟି କରିବା ଗଣମାଧମର ପ୍ରାଥମିକତା ହେବା ଉଚିତ।

**- ସାଇ ବିନାୟକ ମିଶ୍ର**



ଯୁବପିଢ଼ି ଓ ଗଣମାଧମ ଗଣତନ୍ତ୍ରର ଦୁଇଟି ପାର୍ଶ୍ୱ। ଯେତେବେଳେ ବି କୌଣସି ଜଟିଳ ପରିସ୍ଥିତି ଆସିଛି ଗଣମାଧମ ଓ ଯୁବପିଢ଼ି ସବୁଠୁ ଅଧିକ ସକ୍ରିୟ ହୋଇଛନ୍ତି। ନକାରାତ୍ମକତା ଛାଡି ସକାରାତ୍ମକ ଚିନ୍ତନ ଯୁବପିଢ଼ିକୁ ଆଗୁଆ ଓ ଦକ୍ଷତାସମ୍ପନ୍ନ କରିପାରିବ।

**- ସୁମନ କୁମାର ନନ୍ଦ**



ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଗଣମାଧମ ଉପନିବେଶବାଦ୍ ବିରୋଧରେ କାର୍ଯ୍ୟ କରୁଥିଲା। ସ୍ୱାଧୀନତା ପରବର୍ତ୍ତୀ ସମୟରେ ରାଷ୍ଟ୍ର ନିର୍ମାଣରେ ଗଣମାଧମର ଭୂମିକା ଅନସ୍ୱୀକାର୍ଯ୍ୟ। ହେଲେ ଆଜି କିଛି ଗଣମାଧମ ଗୋଟିଏ ଖବରକୁ ବାରମ୍ବାର ପ୍ରଚାରକରି କ'ଣ ଉଦ୍ଦେଶ୍ୟ ସାଧନ କରୁଛନ୍ତି ତାହା ତାଙ୍କୁ ଜଣା। ଯୁବପିଢ଼ି ସଚେତନ ହେବା ଜରୁରୀ।

**- ବିକାଶ ତ୍ରିପାଠୀ**



ଗଣମାଧମକୁ ଛାଡ଼ି ଗଣତନ୍ତ୍ର ଅପୂର୍ଣ୍ଣ। ହେଲେ ଆଜି କେତେକ ଗଣମାଧମ ନିଃସ୍ୱାର୍ଥପର ହୋଇ କାମ କରୁନାହାନ୍ତି। ଅନେକ ସମୟରେ ସମାଜରେ ଦଙ୍ଗା ପରିସ୍ଥିତି ସୃଷ୍ଟି ହେଉଛି। ଏପର୍ଯ୍ୟନ୍ତ ଆମେ ସଫଳ ଗଣତନ୍ତ୍ରର ସ୍ୱାଦ ଚାଖି ପାରିନାହୁଁ। ଏ ଦିଗରେ ଆମର ଯୁବପିଢ଼ି ଓ ଗଣମାଧମ ସଚେତନ ରହିବା ଜରୁରୀ।

**- ସଞ୍ଜୁକ୍ତା ବେହେରା**



ଗଣତନ୍ତ୍ରର ସମସ୍ତ ବିଷୟ ଗଣମାଧମ ଜରିଆରେ ଲୋକେ ଜାଣିବାକୁ ପାଇଥାନ୍ତି। ଗଣମାଧମର ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ହୋଇରହିଆସିଛି। ଯୁବପିଢ଼ି ଗଣତନ୍ତ୍ର ପ୍ରତି ଆସ୍ଥାଭାଜନ ହେବା ବିଧେୟ। ଲୋକଙ୍କ କଥାକୁ ସରକାର ପାଖରେ ପହଞ୍ଚାଇବା ଗଣମାଧମର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାମ।

**- ପ୍ରୀତିପ୍ରଜ୍ଞା ଦେହୁରୀ**



ନିରପେକ୍ଷ ଗଣମାଧମ ସାର୍ବଜନୀନ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଦରିଦ୍ର ଲୋକଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିଲେ ତା'ର ସମସ୍ୟା ସମାଧାନ ହେଉଥିଲା। ମାତ୍ର ଆଜିର କିଛି ଗଣମାଧମ କେବଳ ଶାସକ ଦଳର ପ୍ରଚାରକ ସାଜିଛି।

**- ହରିବୋଲ ସୁନା**



ସାମାଜିକ ଗଣମାଧମ ଆଜିର ଯୁବପିଢ଼ିକୁ ପଙ୍ଗୁ କରିଦେଲାଣି। ସେମାନେ ସାମାଜିକ ଗଣମାଧମରେ ଏଭଳି ବ୍ୟସ୍ତ ରହୁଛନ୍ତି ଯେ, ଆଉ କୌଣସି ଗୁରୁତ୍ୱପୂର୍ଣ୍ଣ କଥାରେ ସୁଚିନ୍ତିତ ମତାମତ ଦେଇପାରିବେ ସନ୍ଦେହ ସୃଷ୍ଟି ହୋଇଛି। ଗଣମାଧମ ଓ ଯୁବପିଢ଼ି ନିଜର ଶକ୍ତି ଓ ଦମ୍ଭରେ ସରକାରଙ୍କୁ ଅସଲ ସମସ୍ୟା ଜଣାଇ ସମାଧାନ କରିପାରିବେ।

**- ମାନସ କୁମାର ପଟେଲ**



ଭାରତ ଏକ ସାର୍ବଭୌମ ରାଷ୍ଟ୍ର। ଭାରତରେ ବିଭିନ୍ନ ଜାତି ଓ ସମ୍ପ୍ରଦାୟର ଲୋକ ବାସ କରନ୍ତି। ସେମାନେ ଯଦି ଭଲ ଭାବରେ ବସବାସ କରିବେ ନାହିଁ ତେବେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ। ସମାଜରେ ଶାନ୍ତି ପ୍ରତିଷ୍ଠା ଏବଂ ପରସ୍ପରର ଧର୍ମ ଓ ଜାତିକୁ ସମ୍ମାନ ଦେଖାଇବାରେ ଗଣମାଧମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ଦିଗରେ ଯୁବପିଢ଼ି ସଚେତନ ହେଲେ ଗଣତନ୍ତ୍ର ସଫଳ ହେବ।

**- ଦୀପ୍ତିମୟୀ ତାଣ୍ଡି**



ସ୍ୱାଧୀନତା କାଳରେ ସେତେବେଳର ଗଣମାଧମ ଗୁରୁଦାୟିତ୍ୱ ବହନ କରିଥିଲେ। ଲୋକଙ୍କ ପାଖକୁ ଠିକ୍ ଓ ଗୁରୁତ୍ୱପୂର୍ଣ୍ଣ ସୂଚନା ପହଞ୍ଚାଉଥିଲେ। ହେଲେ ଆଜି ଅନେକ ଗଣମାଧମ ଟିଆର୍‌ପି ବୃଦ୍ଧିରେ ଲାଗିଛନ୍ତି। ଟିଆର୍‌ପି ବୃଦ୍ଧିରେ ଦେଶ ପ୍ରଗତି ହୁଏ ନାହିଁ।

**- ପୂଜା ସାହୁ**

# ଧବଳେଶ୍ୱରଙ୍କ ଦର୍ଶନ ପାଇଁ କଂକ୍ରିଟ୍ ସେତୁ ଖୋଲିଲା

**ଖୁଣ୍ଟୁଣୀ,୫।୭(ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠକୁ ଯିବା ପାଇଁ ନିର୍ମାଣ ହୋଇଥିବା କଂକ୍ରିଟ୍ ସେତୁ ବୁଧବାରଠାରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ହୋଇଛି। ଧବଳେଶ୍ୱର ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ ଓ ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ପୂଜକମାନେ ସକାଳ ପ୍ରାୟ ୮ଟାରେ ଉକ୍ତ ସେତୁ ଉପରେ ପୂଜାର୍ଚ୍ଚନା ଓ ହୋମ କରିଥିଲେ। ପରେ ନଡ଼ିଆ ବାଡ଼େଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ ଓ ଆଠଗଡ଼ ବ୍ଲକର କେତେଜଣ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଧବଳେଶ୍ୱର ପୀଠକୁ ଯିବା ପାଇଁ ଡଙ୍ଗା ଏକମାତ୍ର ମାଧ୍ୟମ ଥିଲା। ହେଲେ ପଞ୍ଚକ ଓ ବର୍ଷାଋତୁ ସମୟରେ ବାରମ୍ବାର ଅଘଟଣ ଘଟି ଜୀବନହାନି ଘଟୁଥିଲା। ଏହାକୁ ଦୃଷ୍ଟିରେ ରଖି ୨୦୦୬ରେ ରାଜ୍ୟ ସରକାରଙ୍କ ପକ୍ଷରୁ ମହାନଦୀ ଉପରେ ଝୁଲାପୋଲ ନିର୍ମାଣ କରାଯାଇଥିଲା। ମାତ୍ର ଯାତ୍ରା ସମୟରେ ମାତ୍ରାଧିକ ଜନସମାଗମ ଓ ଆବଶ୍ୟକ ରକ୍ଷଣାବେକ୍ଷଣା ଅଭାବରୁ ପୋଲଟି ଦୁର୍ବଳ ହୋଇ ଯାଇଥିଲା। ଗୁଜରାଟର ମୋର୍ବିସ୍ଥିତ ମାଚ୍ଛୁନଦୀରେ ଗତବର୍ଷ ଅକ୍ଟୋବରରେ ଏକ ଝୁଲାପୋଲ ଭୁଶୁଡ଼ି ପଡ଼ିବାରୁ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ରାଜ୍ୟ ସରକାର ଧବଳେଶ୍ୱର ପୀଠକୁ ସଂଯୋଗ ହୋଇଥିବା ଝୁଲାପୋଲ ଅସୁରକ୍ଷିତ ଦର୍ଶାଇଥିଲେ। ଫଳରେ ମରାମତି ପାଇଁ ଗତ ନଭେମ୍ବର ୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଝୁଲାପୋଲରେ ଯିବାକୁ ବାରଣ କରାଯାଇଛି। ଅପରପକ୍ଷରେ ଝୁଲାପୋଲର ଭବିଷ୍ୟତକୁ ଦୃଷ୍ଟିରେ ରଖି ମହାନଦୀ ଉପରେ କଂକ୍ରିଟ୍ ସେତୁ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ନାଗରିକ, ଜନସାଧାରଣ ଓ ଗଣମାଧମ ପ୍ରତିନିଧିମାନେ ଦାବି କରିଆସୁଥିଲେ। ଫଳରେ ବିଜୁସେତୁ ଯୋଜନାରେ ୨୩ କୋଟି ଟଙ୍କା ବ୍ୟୟରେ ୨୦୨୨ ମେ' ମାସରୁ କଂକ୍ରିଟ୍ ସେତୁ ଆରମ୍ଭ ହୋଇଥିଲା। ହେଲେ ନିର୍ମାଣ କାମ ବିଳମ୍ବ ହେବାରୁ ମହାନଦୀରେ ଏକ ଅସ୍ଥାୟୀ ନିର୍ମାଣ କରାଯାଇଥିଲା। ଗତ ଜୁନ୍ ୨୯ ତାରିଖ ରାତିରେ ମହାନଦୀରେ ପାଣି ଆସିବାରୁ ଉକ୍ତ ଅସ୍ଥାୟୀ ରାସ୍ତା ଧୋଇଯାଇଥିଲା। ଫଳରେ ୩୦ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଉକ୍ତ ପୀଠକୁ ଭକ୍ତମାନେ ଯିବା ପାଇଁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ କଂକ୍ରିଟ୍ ସେତୁ କାମ ସମ୍ପୂର୍ଣ୍ଣ କରି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲାଯିବାକୁ ଦାବି କରାଯାଇଥିଲା। ତେଣୁ ସେତୁ କାମ ଶେଷ କରାଯାଇ ବୁଧବାର ପୂଜାର୍ଚ୍ଚନା ପରେ ଲୋକମାନେ ଏହା ଉପରେ ଯାତାୟାତ କରିଛନ୍ତି।



ନବନିର୍ମିତ ଧବଳେଶ୍ୱର ସେତୁ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ହେଲ୍‌ମେଟ୍ ପିନ୍ଧି ବସିଲେ ଫାର୍ମାସିଷ୍ଟ



ହେଲ୍‌ମେଟ୍ ପିନ୍ଧି ଔଷଧ ବିତରଣ କେନ୍ଦ୍ରରେ ଫାର୍ମାସିଷ୍ଟ କାମ କରୁଛନ୍ତି।

## କଂକ୍ରିଟ ଖସିବା ଭୟ

**ଖପ୍ରାଖୋଲ, ୫।୭(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଛାତରୁ ସିମେଣ୍ଟ ଅତଡ଼ା ଖସୁଛି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ରୋଗୀଙ୍କ ମଧ୍ୟରେ ଭୟ ଦେଖାଦେଇଛି। ମଙ୍ଗଳବାର ରୋଗୀମାନେ ଡାକ୍ତରଙ୍କଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଔଷଧ ବିତରଣ କେନ୍ଦ୍ରକୁ ଯାଇଥିଲେ। ଫାର୍ମାସିଷ୍ଟଙ୍କଠାରୁ ଔଷଧ ନେଉଥିବା ବେଳେ ଛାତରୁ ସିମେଣ୍ଟ ଖଣ୍ଡ ପଡ଼ିଥିଲା। କୌଣସିମତେ ନିଶ୍ଚିତ ବିପଦରୁ ବର୍ତ୍ତିଯାଇଥିଲେ ଫାର୍ମାସିଷ୍ଟ ସୁମନ୍ତ ନାଏକ। ଏହାପରେ ଫାର୍ମାସିଷ୍ଟ ନାଏକ ହେଲ୍‌ମେଟ୍ ପିନ୍ଧି ଔଷଧ ବିତରଣ କରୁଥିବା ଦେଖାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର କୋଠା ପୁରୁଣା ହୋଇଥିବାରୁ ବର୍ଷାପରେ ସିମେଣ୍ଟ କଂକ୍ରିଟ ଖସୁଛି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ବାଳକୃଷ୍ଣ ପୁରୋହିତ ପ୍ରକାଶ କରିଛନ୍ତି। ତୁରନ୍ତ ମରାମତି ପାଇଁ ସାଧାରଣରେ ଦାବି ହେଉଛି।

# ଚନ୍ଦକାରୁ ଅପହରଣ, ଟିଟିଲାଗଡ଼ରେ ଠାବ

**ବାରଙ୍ଗ(ଲିଙ୍ଗରାଜ ରାଉତ)/ ଟିଟିଲାଗଡ଼,୫।୭(ଶରତ ମିଶ୍ର)**

- ଟ୍ୟୁଶନ ଯାଇ ଘରକୁ ଫେରି ନ ଥିଲେ ୨ ଛାତ୍ର
- ଆଣିବା ପାଇଁ ପରିବାରକୁ ନେଇ ଗଲା ପୋଲିସ

ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅଧୀନ ସୁନ୍ଦରପୁର ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲର ଦଶମ ଶ୍ରେଣୀର ୨ଜଣ ଛାତ୍ର ନିଖୋଜ ହୋଇଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ କରୁଥିବାବେଳେ ବୁଧବାର ଛାତ୍ରଦ୍ୱୟ ଅପହରଣର ଶିକାର ହୋଇଥିବା ନେଇ ନିଜ ଆଡୁ ପରିବାର ଲୋକଙ୍କୁ ଜଣାଇବା ସହ ଟିଟିଲାଗଡ଼ରେ ଥିବା ନେଇ କହିଛନ୍ତି। ପିଲା ୨ଜଣଙ୍କ ପତ୍ତା ଜଣାପଡ଼ିବା ପରେ ପରିବାର ଲୋକେ ପୋଲିସକୁ କହିଥିଲେ। ପରେ ସେମାନଙ୍କୁ ଆଣିବା ପାଇଁ ପୋଲିସ ସହ ପରିବାର ଲୋକେ ଟିଟିଲାଗଡ଼ ଗସ୍ତ କରିଛନ୍ତି।

ପ୍ରକାଶ ଯେ, ସବୁଦିନ ଭଳି କୁଜିମହଲ ଗ୍ରାମର ପୃଥ୍ୱୀରାଜ ପ୍ରଧାନ ଓ ଭରତପୁର ଅଞ୍ଚଳର ସୋନୁ କୁମାର ମଙ୍ଗଳବାର ସକାଳେ ସାଙ୍ଗ ହୋଇ ଏକ ଅଟୋରେ ସ୍କୁଲ ପାଖକୁ ଟ୍ୟୁଶନ ପାଇଁ ଯାଇଥିଲେ। ଦୀର୍ଘ ସମୟ ଧରି ପିଲାମାନେ ଘରକୁ ନ ଫେରିବାରୁ ୨ ଛାତ୍ରଙ୍କ ପରିବାର ଲୋକେ ଅଟୋ ଚାଳକ ଓ ଟ୍ୟୁଶନ ସାର୍‌ଙ୍କୁ ଭେଟି ପଚାରିବାରୁ ଟ୍ୟୁଶନ ଆସିଥିବା ଓ ଅଧାରୁ ଛାତ୍ରଦ୍ୱୟ ଚାଲିଯାଇଥିବା କହିଥିଲେ। ପରେ ସମ୍ପର୍କୀୟଙ୍କ ସହ କଥାହୋଇ ପିଲାଙ୍କୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ଶେଷରେ ବିଳମ୍ବିତ ରାତିରେ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ସକାଳେ ଟ୍ୟୁଶନକୁ ଯାଉଥିବା ସ୍ଥାନ ଓ ରାସ୍ତାରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ ମଧ୍ୟ କିଛି ସୁରାକ ପାଇ ନ ଥିଲା। ଅନ୍ୟପଟେ ଘଟଣାର ପ୍ରାୟ ୨୦ଘଣ୍ଟା ପରେ ୨ଜଣ ଛାତ୍ର ସେମାନଙ୍କ ପରିବାର ସହ କଥା ହୋଇ ଅପହରଣ କରାଯାଇଥିବା କହିଛନ୍ତି। ପରିବାର ଲୋକଙ୍କ ସୂଚନା ମୁତାବକ, ଟ୍ୟୁଶନକୁ ଦୁହେଁ ଯାଉଥିବାବେଳେ ପାଖରେ ଥିବା ଦୋକାନକୁ ଆସି ବିସ୍କୁଟ ଖାଇଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଆସି ହଠାତ ୨ଜଣଙ୍କ ମୁହଁରେ କିଛି ପକାଇଦେବାରୁ ସେମାନେ ଅଚେତ ହୋଇଯାଇଥିଲେ। ଚେତା ଆସିବାବେଳକୁ ଘରଠାରୁ ବହୁ ଦୂରରେ ଥିବାବେଳେ ଏକ ଟ୍ରକ୍‌ରେ ସେମାନେ ଥିଲେ। ଟ୍ରକ୍‌ଟି ଏକ ରେଳଫାଟକ ପାଖରେ ରହିଥିବାରୁ କୌଶଳକ୍ରମେ ସେମାନେ ଓହ୍ଲାଇପଡ଼ିଥିଲେ। ପରେ ରେଳଫାଟକରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ କହିବା ସହ ତାଙ୍କ ଫୋନ୍‌ରୁ ପରିବାର ଲୋକଙ୍କୁ ଟିଟିଲାଗଡ଼ରେ ଥିବା କହିଥିଲେ। ଏପରିକି ମହିଳା କର୍ମଚାରୀ ଜଣକ ଏ ବିଷୟରେ ଟିଟିଲାଗଡ଼ ପୋଲିସକୁ ଅବଗତ କରାଇବା ପରେ ପୋଲିସ ପହଞ୍ଚି ୨ ଛାତ୍ରଙ୍କୁ ଉଦ୍ଧାରକରି ନିଜ ହେପାଜତରେ ରଖିଥିବା ଆଇଆଇସି ମନୋଜ ପ୍ରଧାନ କହିଛନ୍ତି।



ଆଗରୁ ଯାହାସବୁ ଦେଖାଯାଇଛି – ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି– ଆଗରୁ ଯାହାସବୁ ଗଠନ କରାଯାଇଛି, ସେସବୁକୁ ପଛରେ ପକାଇଦିଅ । ... ତା'ପରେ ସେହି ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ ତା'ପରେ ଯାହାକିଛି ଘଟିବାର ଘଟୁ । ବାସ– ଏତିକି । –ଶ୍ରୀମା



# ବୈଦିକ ଯୁଗର ସିରିଏଲ୍ କିଲର



ଦେବଦତ୍ତ ପଟ୍ଟନାୟକ

ଚାରି ବେଦ ମଧ୍ୟରେ ସାମ ବେଦ ଅନ୍ୟତମ । ଏହି ବେଦର ଗଦ୍ୟ ବିଭାଗ ହେଉଛି ଜୈମିନୀୟ ବ୍ରାହ୍ମଣ । ଆଜକୁ ୨୮୦୦ ବର୍ଷ ପୂର୍ବେ ଏହା ରଚନା କରାଯାଇଥିଲା । ଏଥିରେ ଯବକ୍ରିର କାହାଣୀ ଦେଖିବାକୁ ମିଳେ । ଯବକ୍ରି ହେଉଛି ହିନ୍ଦୁ ପୁରାଣଶାସ୍ତ୍ରରେ ବର୍ଣ୍ଣିତ ପ୍ରଥମ ସିରିଏଲ୍ କିଲର ଓ ବଳାତ୍କାରୀ ।

ଜୈମିନୀୟ ବ୍ରାହ୍ମଣ ଅନୁଯାୟୀ, ଯବକ୍ରିର ଏକ ଭିନ୍ନ କଳା ରହିଥିଲା । ସେ ଯେକୌଣସି ମହିଳାଙ୍କୁ ତା' ପ୍ରତି ଆକର୍ଷିତ କରିବା ସହ ସେମାନଙ୍କ ସହିତ ଯୌନ ସମ୍ପର୍କ ରଖେ । ପରେ ସେହି ମହିଳାମାନଙ୍କର ମୃତ୍ୟୁ ଘଟୁଥିଲା । ଯଦି ମହିଳାମାନେ ଯବକ୍ରିର କଥା ନ ରଖନ୍ତି, ତେବେ ସେମାନଙ୍କର ବି ମୃତ୍ୟୁ ଘଟେ । ଅନ୍ୟ ଅର୍ଥରେ କହିବାକୁ ଗଲେ, ସେ ଯେକୌଣସି ମହିଳାଙ୍କୁ ଆକର୍ଷିତ କରେ ସେମାନେ ତା' ସହିତ ଯୌନ ସମ୍ପର୍କ ରଖନ୍ତୁ କିମ୍ବା ନ ରଖନ୍ତୁ, ସମସ୍ତେ ମୃତ୍ୟୁମୁଖରେ ପଡ଼ିଥା'ନ୍ତି । ଏହି କ୍ରମରେ ଯବକ୍ରି ତା' ଜୀବନ ବିତାଉଥାଏ । ଦିନେ ସେ ଜଣେ ବ୍ରାହ୍ମଣ ମହିଳାଙ୍କୁ ଯୌନ ସମ୍ପର୍କ ରଖିବାକୁ ପାଖକୁ ଡାକିଲା । ସେହି ମହିଳା ଜଣଙ୍କ ବି ତା' ପାଖକୁ ଯିବା ଲାଗି ରାଜି ହୋଇଗଲା । ଯେତେବେଳେ ସେହି ମହିଳାଙ୍କ ସ୍ୱାମୀ ଘଟଣା ସମ୍ପର୍କରେ ଜାଣିପାରିଲେ, ସେତେବେଳେ ସେ ଏକ ଯଜ୍ଞ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ଯଜ୍ଞର ଉଦ୍ଦେଶ୍ୟ ଥିଲା ଯବକ୍ରିକୁ ମାରିବା ପାଇଁ ମାୟାବୀ ଜୀବ ସୃଷ୍ଟି କରିବା । ଏହି ମାୟାବୀ ଜୀବ ମଧ୍ୟରେ ଥିଲେ ଜଣେ ରାକ୍ଷସୀ ଓ ରାକ୍ଷସ । ଯଜ୍ଞରୁ ସୃଷ୍ଟି ହେବା ପରେ ମାୟାବୀ ରାକ୍ଷସୀ ଜଣକ ଯବକ୍ରିକୁ ମୋହିତ କରି ତା'ସହ ଯୌନ ସମ୍ପର୍କ ରଖିବା ପରେ କହିଛି ଯେ, ସେ ଜଣେ ସାଧାରଣ ମହିଳା ନୁହେଁ । ସେ ତା' ପାଦ ତଳର କେଶକୁ ଦେଖାଇ ଯବକ୍ରି ସମ୍ମୁଖରେ ପ୍ରମାଣ କରିଛି । ଯବକ୍ରି ସହ ସମ୍ପର୍କ ବଢ଼ିବା ପରେ ରାକ୍ଷସୀର ସ୍ୱାମୀ ତାହା ଜାଣିପାରିଛି ଓ ଶେଷରେ ଯବକ୍ରି ଧରାପଡ଼ିଯାଇଛି । ରାକ୍ଷସୀର ସ୍ୱାମୀ ଧରି ତା'କୁ ମାରିଦେବାକୁ ନିଷ୍ପତ୍ତି ନେଇଛି । ଅନ୍ୟ କୌଣସି ଉପାୟ ନ ପାଇ ଶେଷରେ ଯବକ୍ରି ତା' ପାଖରେ ନିଜ ଜୀବନ ଭିକ୍ଷା କରିଛି । ପରେ ରାକ୍ଷସୀର ସ୍ୱାମୀ ତାକୁ ପାଗଳ କରି ଗାଁର ସମସ୍ତ ପ୍ରାଣୀମାନଙ୍କୁ ମାରିଦେବା ଲାଗି ବାଧ କରିଛି । ପାଗଳ ହୋଇ ଯବକ୍ରି ଗାଁର ସବୁ ପ୍ରାଣୀଙ୍କୁ ମାରିଦେବାରେ ଲାଗିପଡ଼ିଲା । ଏହା ଦେଖି ଗ୍ରାମବାସୀ ତାଙ୍କୁ ଧରି ବାନ୍ଧି ମାରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ଯବକ୍ରିର ପିତା ତାକୁ ରକ୍ଷା କରିବାକୁ କିଛି ଯାଦୁକରୀ କଥା କହିଛନ୍ତି, ଯଦ୍ୱାରା ତାଙ୍କ ପୁତ୍ରକୁ ଆଉ ଯେମିତି କେହି ମାରିପାରିବେ ନାହିଁ । ଦୁର୍ଭାଗ୍ୟବଶତଃ, ଜଣେ ବଧିର କାଠୁରିଆ ତାଙ୍କର ଏହି କଥା ଶୁଣିପାରିଲା ନାହିଁ । ଯବକ୍ରି ଅତି ନିର୍ଦ୍ଦୟ ଭାବେ ଗାଁର ପ୍ରାଣୀମାନଙ୍କୁ ମାରିଦେବା ଦୃଶ୍ୟ ଦେଖିଥିବାରୁ ସେ ଯବକ୍ରିର ମୁଣ୍ଡକୁ ଆଘାତ କଲା ଓ ସେଠାରେ ତାହାର ମୃତ୍ୟୁ ଘଟିଲା ।



ଏକ ସମାନ ପ୍ରକାର ଯବକ୍ରି କାହାଣୀ ବି ମହାଭାରତରେ ଦେଖିବାକୁ ମିଳେ । ରୈଭ୍ୟ ନାମକ ଜଣେ ଋଷି ତାଙ୍କ ଘର ଭିତରେ ପ୍ରବେଶ କରିବା ପରେ ଯବକ୍ରି ତାଙ୍କ ବୋହୂ ଉପରେ ବଳପ୍ରୟୋଗ କରୁଥିବା ଦେଖିବାକୁ ପାଇଛନ୍ତି । ଏହାଦେଖି ସେ ଭୟଭୀତ ହୋଇ ଯାଇଛନ୍ତି । ଯବକ୍ରିକୁ ମାରିବା ଲାଗି ଯଜ୍ଞ ବଳରେ ଭୟଙ୍କର ରାକ୍ଷସୀ ଓ ରାକ୍ଷସ ସୃଷ୍ଟି କରିଛନ୍ତି । ରାକ୍ଷସୀ ଯବକ୍ରିକୁ ମୋହିତ କରି ତା' ସହ ଯୌନ ସମ୍ପର୍କ ସ୍ଥାପନ କରିଛି । ଏହା ଫଳରେ ରାକ୍ଷସୀ ତାକୁ ଅପବିତ୍ର କରିଦେବାରୁ ତା'ସ୍ୱାମୀ ଯବକ୍ରିକୁ ହତ୍ୟା କରିବା ଲାଗି ଶକ୍ତି ପାଇଛି । ଯବକ୍ରି ତା' ଜୀବନକୁ ଭୟ କରି ତା' ପିତାଙ୍କ ବଳିବେଦି ଆଡ଼କୁ ଦୌଡ଼ିବାରେ ଲାଗିଲା । କିନ୍ତୁ ଜଣେ ଦୃଷ୍ଟିବାଧିତ ସେବକ ତାକୁ ସେହି ପବିତ୍ର ପରିସରକୁ ପ୍ରବେଶ କରିବାକୁ ଦେଲାନାହିଁ, ଯାହାଫଳରେ ସେ ଭିତରକୁ ଯିବା ଲାଗି ସକ୍ଷମ ହୋଇପାରିଲା ନାହିଁ । ଏଣୁ ଖସିଯିବାର ସବୁ ବାଟ ବନ୍ଦ ହୋଇଗଲା । ସେ ରାକ୍ଷସ ଦ୍ୱାରା ଧରାପଡ଼ିଗଲା ଓ ସେ ତାକୁ ପିଟିପିଟି ମାରିଦେଲା ।

ଉଭୟ କାହାଣୀରେ ଯବକ୍ରି ମହିଳାଙ୍କ ସହ ଯୌନ ସମ୍ପର୍କ ରଖିଥିବା ଦେଖିବାକୁ ମିଳେ । ସେ ଯେକୌଣସି ମହିଳାଙ୍କୁ ଆକର୍ଷଣ କରି ତା' ସହ ଯୌନ ସମ୍ପର୍କ ରକ୍ଷାକରିପାରେ ବୋଲି ବୈଦିକ କାହାଣୀରେ ବର୍ଣ୍ଣନା ରହିଛି । କିନ୍ତୁ ଏହି ସବିଶେଷ କାହାଣୀ ମହାଭାରତରେ ଦେଖାଯାଏ ନାହିଁ । ବୈଦିକ କାହାଣୀରେ ରାକ୍ଷସୀର ସ୍ୱାମୀ ଅନ୍ୟ ଦାନବମାନଙ୍କୁ ସୃଷ୍ଟି କରିଛନ୍ତି, ଯେଉଁମାନେ ଯବକ୍ରିକୁ ହତ୍ୟା କରିଛନ୍ତି । ଅପରପକ୍ଷେ ମହାଭାରତରେ ଶ୍ୱଶୁର ଉକ୍ତ କାର୍ଯ୍ୟ ତୁଲାଇଛନ୍ତି । ବୈଦିକ କାହାଣୀରେ ପିତା ପୁତ୍ରକୁ ରକ୍ଷା କରିବା ଲାଗି ଚେଷ୍ଟା କରିଥିବାବେଳେ ଜଣେ ବଧିର କାଠୁରିଆ ହାତରେ ତାହାର ମୃତ୍ୟୁ ଘଟିଛି । ମହାଭାରତର କାହାଣୀରେ ପିତାଙ୍କ ସୁରକ୍ଷାକୁ ଜଣେ ଦୃଷ୍ଟିବାଧିତ ଅସ୍ୱୀକାର କରିଥିଲା । ଏଣୁ ପୁତ୍ରକୁ ଭଲପାଉଥିବା ପିତାଙ୍କ ସୁରକ୍ଷା ବଳୟରେ ଜଣେ ମହିଳାଙ୍କ ବଳାତ୍କାରୀ ଓ ହତ୍ୟାକାରୀ ରହିଥିଲେ ବି ରକ୍ଷା ପାଇପାରି ନାହିଁ । ସେ ତା' କୃତକର୍ମର ପରିଣାମ ଭୋଗ କରିଛି । ଏସବୁ କ୍ଷେତ୍ରରେ ଦଣ୍ଡବିଧାନ ମାୟାବୀ ତଥା ଯାଦୁକରୀ ଜୀବଙ୍କ ଦ୍ୱାରା କରାଯାଇଛି, ଯେଉଁଥିରେ ମହିଳା (ରାକ୍ଷସୀ) ତା'ସହ ଯୌନ ସମ୍ପର୍କ ରଖିଛି ଓ ତାକୁ ଅପବିତ୍ର କରିଛି, ଯେମିତିକୁ ରାକ୍ଷସ ତାକୁ ମାରିପାରିବ ।

ଏହି କାହାଣୀ ନାରୀ ବିରୋଧରେ ହିଂସାର କଥା କହେ । ଆଧୁନିକ ବିଚାରଧାରାକୁ ବାଦ୍ ଦେଇ ଆମେ ଯେତେବେଳେ ବୈଦିକ ଯୁଗର କାହାଣୀ ବିଷୟକୁ ବିଚାର କରୁ, ସେତେବେଳେ ଏହା ମଧ୍ୟ ଜଣେ ସିରିଏଲ କିଲ୍ର ଓ ହତ୍ୟାକାରୀ ସମ୍ପର୍କରେ ସୂଚିତ କରେ । ଜୈନ ସାହିତ୍ୟରେ ବି ସିରିଏଲ ହତ୍ୟାକାରୀ ଅର୍ଜୁନ –ମାଲିର କଥା ବର୍ଣ୍ଣନା କରାଯାଇଛି । ତା' ସ୍ତ୍ରୀ ଗଣବଳାତ୍କାରର ଶିକାର ହେଉଥିବା ଦେଖି ସେ ପାଗଳ ହୋଇଯାଇଥିଲା ଓ ସମସ୍ତଙ୍କୁ ହତ୍ୟା କରିଥିଲା । ପରେ ମହାବୀର ତାକୁ ଭଲ କରିବା ସହ ପବିତ୍ର କରିଥିଲେ । ବୌଦ୍ଧ ଧର୍ମରେ ଅଙ୍ଗୁଲିଂ–ମାଲା କାହାଣୀ ଉଲ୍ଲେଖ କରାଯାଇଛି । ଗୁରୁପତ୍ନୀଙ୍କୁ ବଳାତ୍କାର ଅଭିଯୋଗରେ ତାଙ୍କୁ ଭୁଲବଶତଃ ଦୋଷାରୋପ କରାଯାଇଥିଲା । ପରେ ସେ ଜଣେ ସିରିଏଲ କିଲର ପାଲଟି ଯାଇଥିଲେ । ସେ ଯେଉଁମାନଙ୍କୁ ହତ୍ୟା କରୁଥିଲା, ସେମାନଙ୍କ ବୃଦ୍ଧାଙ୍ଗୁଳିକୁ ସଂଗ୍ରହ କରୁଥିଲା । ସେ ବୁଦ୍ଧଙ୍କୁ ହତ୍ୟା କରିବାକୁ ମଧ୍ୟ ସବୁମତେ ଉଦ୍ୟମ କରିଥିଲା, କିନ୍ତୁ ବୁଦ୍ଧଙ୍କୁ ଧରିବା ଲାଗି ସକ୍ଷମ ହୋଇ ପାରି ନଥିଲା । ଶେଷରେ ସେ ତା' ଭୟଙ୍କର ଅପରାଧ ପାଇଁ ଅନୁତାପ କରିଥିଲା ।

–devduttofficial@gmail.com

## ମାଗଣାରେ କିଛି ମିଳେନି



ସତ୍ୟବ୍ରତ ପାଣିଗ୍ରାହୀ

ଦୈନିକ ଇଂରାଜୀ ଖବରକାଗଜର ସମ୍ପାଦକୀୟ ପୃଷ୍ଠାରେ 'ମାଗଣା ବଣ୍ଟନର ଅର୍ଥନୀତି'କୁ ନେଇ ଏକ ଆଲେଖ୍ୟ ପ୍ରକାଶିତ ହୋଇଥିଲା । ସେଥିରେ ଗୋଟିଏ ଗଳ୍ପ ସାହାଯ୍ୟରେ ବୁଝାଯାଇଛି ଯେ, ମାଗଣାରେ କିଛି ବି ମିଳେନି । ପ୍ରତ୍ୟେକ ଜିନିଷର କିଛି ମୂଲ୍ୟ ରହିଛି । ଜଣକୁ ମାଗଣାରେ ମିଳୁଥିବା ଜିନିଷର ମୂଲ୍ୟ ଆଉ ଜଣକୁ ଦେବାକୁ ପଡ଼େ । ବିଭିନ୍ନ ସମୟରେ ସରକାର ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଇଁ ମାଗଣା ଗ୍ୟାସ୍,ମାଗଣା ଆହାର ବଣ୍ଟନ କରନ୍ତି । କିନ୍ତୁ ଏଥିପାଇଁ ଅନ୍ୟ ଶ୍ରେଣୀର ଲୋକଙ୍କୁ ସରକାରୀ ଟିକସ ଆକାରରେ ତାହାର ଖର୍ଚ୍ଚ ବହନ କରିବାକୁ ପଡ଼ିଥାଏ । ଅର୍ଥନୀତି କ୍ଷେତ୍ରରେ ଏହି ତତ୍ତ୍ୱର ଆଲୋଚନା ଅଧିକ । ତେବେ ଏହି 'ମାଗଣାରେ କିଛି ମିଳେନି' ଧାରଣା କେବଳ ଅର୍ଥନୀତିରେ ସୀମିତ ନ ହୋଇ ବିଜ୍ଞାନ,ପରିବେଶ,ଧର୍ମ,ଦର୍ଶନ ଭଳି ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଷ୍ଠା କରିଛି ।

ଅର୍ଥନୀତିରେ ଯାହା ଖାଦ୍ୟ,ବସ୍ତ୍ର,ବାସଗୃହ ; ବିଜ୍ଞାନ ଭାଷାରେ ସେସବୁ ଶକ୍ତିର ପରିପ୍ରକାଶ ମାତ୍ର । ଆମେ ଚତୁଃପାର୍ଶ୍ୱରେ ଦେଖୁଥିବା ସବୁକିଛିର ମୂଳ ହେଉଛି ଶକ୍ତି ବା ଏନର୍ଜି । ବିଜ୍ଞାନର ଗୋଟିଏ ମୌଳିକ ନିୟମ ହେଉଛି ଶକ୍ତିର ସୃଷ୍ଟି ନାହିଁ କି ବିନାଶ ନାହିଁ । ଶକ୍ତି କେବଳ ଗୋଟିଏ ରୂପରୁ ଅନ୍ୟ ରୂପକୁ ରୂପାନ୍ତରିତ ହୋଇଥାଏ । ଶୂନ୍ୟରୁ କିଛି ସୃଷ୍ଟି ହୁଏ ନାହିଁ । ମାଗଣାରେ ଶକ୍ତି ଉତ୍ପନ୍ନ ହୁଏ ନାହିଁ । ଶୂନ୍ୟରୁ ତାପ,ଆଲୋକ କିମ୍ବା ବିଦ୍ୟୁତ୍ ଶକ୍ତି ବାହାରେ ନାହିଁ । ପୂର୍ବରୁ ଉପଲବ୍ଧ ପଦାର୍ଥରୁ ହିଁ ଏହି ଶକ୍ତି ମିଳେ । ଆଲୋକଶକ୍ତି ଉତ୍ପନ୍ନ କରିବା ପାଇଁ ସୂର୍ଯ୍ୟକୁ ନିଜେ ଜଳିବାକୁ ହେବ । କିଛି ଶକ୍ତି ତ୍ୟାଗକଲେ ହିଁ ସେତିକି ପରିମାଣର ନୂତନ ଶକ୍ତି ନିର୍ଗତ ହୁଏ । ବେଦାନ୍ତ ଦର୍ଶନ ଶୂନ୍ୟରୁ ବ୍ରହ୍ମାଣ୍ଡକୁ ମାନ୍ୟତା ଦିଏନି । ପୂର୍ବରୁ ଗୋଟିଏ ମହାଶକ୍ତି ବା ବ୍ରହ୍ମ ଥିଲେ, ଯାହାର ବିବର୍ତ୍ତନରେ ସାରା ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ହୋଇଛି ।

ସାରା ସୃଷ୍ଟି ଏକ ଯଜ୍ଞବେଦିରୁ ଜାତ । ତେଣୁ ସେ ଯାଜ୍ଞସେନୀ, ଯଜ୍ଞ ସମ୍ଭୂତା । ପ୍ରାଚୀନ ବେଦ ଘୋଷଣା କରନ୍ତି ଯେ ଯଜ୍ଞ ହେଉଛି ସାରା ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ର । ବ୍ରହ୍ମାଣ୍ଡର କେନ୍ଦ୍ରରେ ଏକ ବିରାଟ ଯଜ୍ଞବେଦି ରହିଛି, ଯେଉଁଠାରେ ଅହରହ ଯଜ୍ଞ ସମ୍ପାଦିତ ହେଉଛି । ପ୍ରତ୍ୟେକ ଗ୍ୟାଲାକ୍ସିର କେନ୍ଦ୍ରରେ ଏକ ବ୍ଲାକ୍‌ହୋଲ୍ ବା କୃଷ୍ଣଗର୍ତ୍ତ ଥାଏ, ଯାହାର ଅନ୍ତସ୍ଥ ସିଙ୍ଗୁଲାରିଟି ବିନ୍ଦୁରେ ବିଗ୍‌ବ୍ୟାଙ୍ଗରୁ ବିଶ୍ୱର ଆରମ୍ଭ । ଟିକିଏ କଳ୍ପନାରୁ ଏହା ଅନୁମାନ କରିହେବ ଯେ, ବିଗ୍‌ବ୍ୟାଙ୍ଗ୍ ସମୟର ଅବସ୍ଥା ମଧ୍ୟ ଏକ ବିରାଟ ଯଜ୍ଞରୁ ନିର୍ଗତ ଅଗ୍ନିଶିଖା ସଦୃଶ ଉତ୍ତପ୍ତ । ଯଜ୍ଞର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି 'ତ୍ୟାଗ ବା ଉତ୍ସର୍ଗ ' । ସୃଷ୍ଟି ପୂର୍ବରୁ ହୋଇଥିବା ଏକ ବିରାଟ ଯଜ୍ଞରୁ ନିର୍ଗତ ତାପଶକ୍ତି ଦ୍ୱାରା ବ୍ରହ୍ମାଣ୍ଡର ବିସ୍ଫୋରଣରୁ ଏହି ବିଶ୍ୱର ଉତ୍ପତ୍ତି । ତେଣୁ ଆଦ୍ୟାବସ୍ଥାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଶକ୍ତିର ପ୍ରବାହ ଚାଲିଆସିଛି । କିଛି ନୂଆ ପାଇବା ପାଇଁ କିଛି ତ୍ୟାଗ ଜରୁରୀ । କିଛି ଶକ୍ତି ତ୍ୟାଗକଲେ ହିଁ ସେତିକି ପରିମାଣର ନୂତନ ଶକ୍ତି ନିର୍ଗତ ହୁଏ । ଏହା ସୃଷ୍ଟିଯଜ୍ଞର ନିୟମ । ଅତ୍ୟଧିକ ଲାଳସାକୁ ତ୍ୟାଗକରି ପରିବେଶ ଉପରେ ଅତ୍ୟାଚାରକୁ କମାଇଲେ ହିଁ ଆମ ପରିବେଶ ସୁସ୍ଥ ରହିପାରିବ । ଦେଇଥିଲେ ପାଇ । ପ୍ରକୃତିରୁ ଆମେ ସବୁ କିଛି ଗ୍ରହଣ କରି ଜୀବନଧାରଣ କରୁ, ପ୍ରତିଦାନ ସ୍ୱରୂପ ଆମେ ମଧ୍ୟ ପ୍ରକୃତିର ଯତ୍ନ ନ ନେଲେ ସମନ୍ୱୟ ରହିବନାହିଁ ।

ଆମେରିକୀୟ ବୈଜ୍ଞାନିକ ବ୍ୟାରି କମନର 'କ୍ଲୋଜିଂ ସର୍କଲ' ପୁସ୍ତକରେ ପରିସଂସ୍ଥାର ଚାରୋଟି ନିୟମର ଅବଧାରଣା କରିଥିଲେ । ଶେଷ ନିୟମରେ ସେ ମାଗଣାରେ କିଛି ମିଳେନି ତତ୍ତ୍ୱକୁ ଉଲ୍ଲେଖ କରିଛନ୍ତି । ନିଜର ସ୍ୱାର୍ଥସାଧନ ପାଇଁ ମଣିଷ ଅକଥନୀୟ ଭାବେ ପରିବେଶ ଉପରେ ଅତ୍ୟାଚାର କରିଚାଲିଛି । ପରିବେଶରୁ ମିଳୁଥିବା ସମ୍ବଳଗୁଡ଼ିକୁ ଦରକାରଠାରୁ ଅଧିକ ମାତ୍ରାରେ ଉପଯୋଗ କରୁଛି । କିନ୍ତୁ ପ୍ରକୃତିରେ ସୀମିତ ମାତ୍ରାରେ ସମ୍ବଳ ଉପଲବ୍ଧ । ମୃତ୍ତିକା,ଜଳ,ଖଣିଜ ସମ୍ପଦ,ବୃକ୍ଷଲତା ଭଳି ପ୍ରାକୃତିକ ସମ୍ପଦ ଶୂନ୍ୟରୁ ଉତ୍ପନ୍ନ ହୁଏ ନାହିଁ । କିନ୍ତୁ ମଣିଷ ଚିନ୍ତାକରେ ଯେ ଏସବୁ ମାଗଣାରେ ଉପଲବ୍ଧ । ଅନାୟାସରେ ପ୍ରାକୃତିକ ସମ୍ବଳର ବ୍ୟବହାର କରିବା ବଦଳରେ ଆମକୁ ଅନେକ କିଛି ହରାଇବାକୁ ପଡୁଛି । କିଛି ପାଇଛେ ମାନେ କିଛି ହରାଇବା ସୁନିଶ୍ଚିତ । ଖଣିଜ ତୈଳର ବ୍ୟବହାର କରିବା ଦ୍ୱାରା ସେଥିରୁ ନିର୍ଗତ ଅଙ୍ଗାରକାମ୍ଳ ଯୋଗୁ ତାପମାତ୍ରା ବୃଦ୍ଧି ଘଟିବା ସହ ପୃଥିବୀ ପାଇଁ ବିପଦ ସାଜିଛି । ପରବର୍ତ୍ତୀ ପିଢ଼ି ପାଇଁ ସ୍ୱଚ୍ଛ ବାୟୁ ମଧ୍ୟ ଉପଲବ୍ଧ ହେବ ନାହିଁ । ସାରା ବିଶ୍ୱରେ ଜଳ ସଙ୍କଟ ଦେଖାଯାଇଛି । ଜଳବାୟୁ ପରିବର୍ତ୍ତନ ସମସ୍ୟା ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଛି । ଫଳରେ ଅର୍ଥହାନି ,ଜୀବନହାନି ହେଉଛି । ତେଣୁ କୌଣସି ପ୍ରାକୃତିକ ସମ୍ବଳ ମାଗଣାରେ ମିଳେନାହିଁ । ସେଥିପାଇଁ ମଣିଷକୁ କିଛି ଦେବାକୁ ପଡ଼ିବ ।

**ଗୁଣପୁର, ରାୟଗଡ଼ା**
**ମୋ– ୬୩୭୧୬୮୪୬୯୯**

## ଏଇ ଭାରତରେ

ଦିଲ୍ଲୀର ଏକ ବସ୍ତିରେ ରହି ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷା ଲାଭ କରି ଜଣେ କନ୍‌ଷ୍ଟେବଲ ଭାବେ ଚାକିରି କରୁଛନ୍ତି ଥାନ୍ ସିଂ । ଚାକିରିର ଦାୟିତ୍ୱ ଭିତରୁ ସମୟ ବାହାର କରି ସେ ବସ୍ତି ପିଲାମାନଙ୍କୁ ପଢାଉଛନ୍ତି । ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ପାର୍କିଂ ସ୍ଥାନ ନିକଟସ୍ଥ ସାଇ ମନ୍ଦିରରେ ସେ ଏକ ପାଠଶାଳା ଖୋଲି ପିଲାମାନଙ୍କୁ ମାଗଣାରେ ପଢାଉଛନ୍ତି । ଥାନ୍‌ସିଂ ଡ୍ୟୁଟି କରିବା ସମୟରେ ବସ୍ତି ପିଲାମାନେ ରାସ୍ତାରେ ପାଣିବୋତଲ ବିକିବା, ଜରି ଗୋଟାଇବା ଭଳି କାମ କରୁଥିବା ଦେଖିବା ପରେ ସେ ସେମାନଙ୍କୁ ପଢ଼ାଇବା ଲାଗି ନିଷ୍ପତ୍ତି ନେଇଥିଲେ । କାରଣ ତାଙ୍କ ପିଲାଦିନ ବି ବସ୍ତିରେ ବହୁ କଷ୍ଟରେ କଟିଥିଲା । ଥାନ୍‌ଙ୍କ ଜନ୍ମ ରାଜସ୍ଥାନର ଭରତପୁରରେ । ସେ ତାଙ୍କ ପରିବାର ସହ ଆସି ଦିଲ୍ଲୀର ଏକ ବସ୍ତିରେ ରହୁଥିଲେ । ତାଙ୍କ ପିତା ପୋଷାକ ଇସ୍ତ୍ରି କରି ଯାହା ରୋଜଗାର କରୁଥିଲେ ସେଥିରେ ସେମାନେ କଷ୍ଟରେ ଚଳୁଥିଲେ । ଏପରିକି ଥାନ୍‌ଙ୍କୁ ବି ମକା ବିକି ରୋଜଗାର କରିବାକୁ ପଡ଼ିଥିଲା । ଅନ୍ୟ କୌଣସି ବସ୍ତି ପିଲାଙ୍କ ଭାଗ୍ୟରେ ଏହା ନ ଜୁଟୁ ତାହା ବିଚାର କରି ୨୦୧୫ରେ ସେ ୩ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ । ଏବେ ବିଭିନ୍ନ ବସ୍ତିରୁ ୮୦ ଜଣ ପିଲା ପାଠଶାଳାକୁ ଆସୁଛନ୍ତି । ଥାନ୍‌ଙ୍କ ଏହି ସ୍କୁଲର ସକାରାତ୍ମକ ପ୍ରଭାବ ଏବେ ସ୍ପଷ୍ଟ ହୋଇଛି । ପିଲାମାନେ ରାସ୍ତାରେ ବୁଲି ଜିନିଷ ବିକିବା ପରିବର୍ତ୍ତେ ସ୍କୁଲକୁ ଆସୁଛନ୍ତି । ଏହାଦ୍ୱାରା ସେମାନେ ନିଶା ଓ ଅପରାଧ ଦୁନିଆରୁ ଦୂରେଇ ରହୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୬ ଜୁଲାଇ ୧୯୯୮

- ଜମ୍ମୁ–କଶ୍ମୀରର ଆର୍ଥିକ ସଙ୍କଟକୁ ଟାଳିଦେବା ତଥା ସନ୍ତ୍ରାସବାଦର ମୁକାବିଲା ପାଇଁ କରାଯାଉଥିବା ଖର୍ଚ୍ଚକୁ ଭରଣା କରିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୫୦ କୋଟି ଟଙ୍କାର ସହାୟତା ପ୍ୟାକେଜ ଘୋଷଣା ।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଅବଦୁଲ ଘନି ଖାଁ ଚୌଧୁରୀଙ୍କୁ ପଶ୍ଚିମବଙ୍ଗ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ନିଯୁକ୍ତି ପ୍ରଦାନ ।
- ଦକ୍ଷିଣ–ପୂର୍ବ ରେଳବାଇ ପକ୍ଷରୁ ସଫଳତାର ସହ ନୂତନ ସମ୍ବଲପୁର–ତାଳଚେର ଚଉଡ଼ା ଗେଜରେ ପ୍ରଥମ ରେଳ ଚଳାଚଳ ।

## su | do | ku  ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | 3 | | |
| 5 | | | | | | | | |
| | | 4 | | 7 | 3 | | | |
| | 1 | | 9 | | | 8 | 5 | |
| | | 2 | | | 4 | | | |
| | 8 | | | | | | 1 | 6 |
| | | | | 4 | 2 | 7 | | |
| | | | | | 7 | | 3 | |
| | | | 6 | 9 | | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 4 | 5 | 8 | 6 | 1 | 9 | 7 |
| 5 | 7 | 6 | 1 | 9 | 4 | 8 | 2 | 3 |
| 1 | 9 | 8 | 2 | 7 | 3 | 6 | 4 | 5 |
| 9 | 2 | 5 | 7 | 3 | 8 | 4 | 1 | 6 |
| 8 | 6 | 3 | 9 | 4 | 1 | 5 | 7 | 2 |
| 7 | 4 | 1 | 6 | 5 | 2 | 3 | 8 | 9 |
| 6 | 1 | 9 | 4 | 2 | 5 | 7 | 3 | 8 |
| 4 | 8 | 2 | 3 | 6 | 7 | 9 | 5 | 1 |
| 3 | 5 | 7 | 8 | 1 | 9 | 2 | 6 | 4 |

ଗତକାଲିର ଉତ୍ତର

# ମଣିପୁର ଭାରତରେ ଅଛି ତ



ବିଚିତ୍ର ବିଶ୍ୱାଳ

ମଣିପୁର ହିଂସାରେ ପ୍ରତିଦିନ ଲୋକ ମରୁଛନ୍ତି । ଗତ ଦୁଇମାସରୁ ଊର୍ଦ୍ଧ୍ୱହେବ ମଣିପୁର ଜଳୁଛି । ସ୍ୱାଧୀନତା ପରେ ଅଶୀ ଦଶକରେ ହୋଇଥିବା ହିନ୍ଦୁ–ଶିଖ୍ ଦଙ୍ଗା ପରେ ସଂପ୍ରତି ମଣିପୁରର ଦଙ୍ଗା ଦେଶ ଭିତରେ ସବୁଠୁ ବଡ଼ ହିଂସା ଘଟଣା । ସେଠାକାର ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ସୀମା ଟପିଯାଇଛି । ହିଂସାକାରୀମାନେ ଆମ୍ବୁଲାନ୍‌ସକୁ ମଧ୍ୟ ଜାଳି ଦେଉଥିବାର ଖବର ମିଳୁଛି । ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଘର ମଧ୍ୟ ନିଆଁର ଶିକାର ହୋଇଛି । ତା'ହେଲେ ପ୍ରଶ୍ନଉଠୁଛି, ଆମ ଦେଶରେ ସରକାର ଅଛି ତ ? ମଣିପୁର ଭାରତର ଅଂଶ ତ ? ମଣିପୁର ହିଂସାକୁ ଶାନ୍ତ କରିବା ପାଇଁ ସରକାର ଯଥେଷ୍ଟ ପଦକ୍ଷେପ ନେଉଛନ୍ତି କି ?

ମଣିପୁର ହିଂସା ପ୍ରତି ସରକାର ଠିକ୍ ଟିଭି ବନ୍ଦ କରିଦେବା ପରି ବ୍ୟବହାର ଦେଖାଉଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସବୁବେଳେ ଭାଷଣ ଦେବା ପାଇଁ ଓ ମନ୍‌କୀ ବାତ୍ ମାଧ୍ୟମରେ ଲୋକଙ୍କୁ ଉପଦେଶ ଦେବା ଲାଗି ଭଲ ପାଉଥିବା ଆମ ପ୍ରଧାନମନ୍ତ୍ରୀ ଏପର୍ଯ୍ୟନ୍ତ ମଣିପୁର ବିଷୟରେ ପଦୁଟିଏ ବି କହିଥିବାର ଶୁଣାଯାଇନାହିଁ । ଗୃହମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀ ଥରେ ଅଧେ ମଣିପୁର ଯାଇ ନିଜ ଦାୟିତ୍ୱ ସାରିଦେଇଛନ୍ତି । ଦୁର୍ଭାଗ୍ୟର ବିଷୟ , ଗୃହମନ୍ତ୍ରୀଙ୍କ ମଣିପୁରଗସ୍ତ ପରେ ହିଂସା ଆହୁରି ବଢ଼ିଛି । କେନ୍ଦ୍ର ସରକାରଙ୍କ ମଣିପୁର ପ୍ରତି ଏପରି ସାବତ ପୁଅ ମନୋଭାବ କାହିଁକି ? ଅବଶ୍ୟ ଏହାସତ ଯେ, ମଣିପୁର ଏକ ଛୋଟ ରାଜ୍ୟ । ସେଠାରୁ ଅଧିକ ସଂଖ୍ୟକ ସାଂସଦ ସଂସଦ ଭବନକୁ ଆସିବାର ନାହିଁ । ତେଣୁ ଶାସକ ଦଳକୁ ୨୦୨୪ ନିର୍ବାଚନରେ ମଣିପୁରରୁ କିଛି ଲାଭ ଦେଖାଯାଉ ନାହିଁ । କେବଳ କ'ଣ ସେଇଥିପାଇଁ ମଣିପୁରକୁ ଜଳିବାକୁ ଛାଡ଼ିଦେଇ ହେବ ! ପ୍ରଧାନମନ୍ତ୍ରୀ ଓ ଶାସକ ଦଳର ବହୁଳ ପ୍ରଚାରିତ ସ୍ଲୋଗାନ୍ ଡବଲ୍‌ଇଞ୍ଜିନ୍ ସରକାର ଅର୍ଥାତ୍ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ମଣିପୁରରେ ସ୍ଥାପିତ ଅଛି । ତା'ହେଲେ ଅସୁବିଧା ହେଉଛି କେଉଁଠି ? ମଣିପୁର ଜଳିବାବେଳେ ସରକାର ଜଡ଼ ଅବସ୍ଥାକୁ ଆଦରି ନେଉଛନ୍ତି କାହିଁକି ? ଭାରତବାସୀ ହିସାବରେ ଆମର ଏ ପ୍ରକାର ଜଡ଼ତାକୁ ଇତିହାସ କେବେ ବି କ୍ଷମାକରିବ ନାହିଁ । ଆମ ଗଣମାଧ୍ୟମମାନେ ଯେତିକି ଆଗ୍ରହର ସହିତ ଦି କେରଲା ଷ୍ଟୋରି, କର୍ଣ୍ଣାଟକ ନିର୍ବାଚନ ଓ ମନ୍ଦିର, ମସ୍‌ଜିଦ୍ ଘଟଣାକୁ ପ୍ରଚାର କରୁଛନ୍ତି, ସେତିକି ଆଗ୍ରହ ମଣିପୁର ପ୍ରତି ଦେଖିବାକୁ ମିଳୁନାହିଁ । ମଣିପୁର ଜଳୁଥିବା ବେଳେ, ଆମ ପ୍ରଧାନମନ୍ତ୍ରୀ କର୍ଣ୍ଣାଟକରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିଲେ । ଆମେରିକା ଗସ୍ତରେ ଗଲେ । କିନ୍ତୁ ଥରୁଟିଏ ବି ମଣିପୁର ଯାଇ ଲୋକଙ୍କୁ ହିଂସା ନ କରିବା ପାଇଁ ଆହ୍ୱାନ ଦେବାର ଆମେ ଦେଖିପାରିନାହୁଁ ।

ମଣିପୁରର ଦଙ୍ଗା ଶକ୍ତିଶାଳୀ ଓ କ୍ଷମତାବାନ ମୈତେୟୀ ସଂପ୍ରଦାୟ ଓ ଆଦିବାସୀ ସଂପ୍ରଦାୟ ମଧ୍ୟରେ ଦୀର୍ଘଦିନରୁ ଥିବା ବିରୋଧର ପରିଣାମ । ମଣିପୁରରେ ପାରମ୍ପରିକ ଭାବେ ମୈତେୟୀ ରାଜା ଶାସନ କରିଆସୁଥିଲେ । ସ୍ୱାଧୀନ ଭାରତରେ ମିଶ୍ରଣ ପରେ କ୍ଷମତା ମଧ୍ୟ ସେଇ ମୈତେୟୀମାନଙ୍କ ହାତରେ ରହିଲା । ସମଗ୍ର ରାଜ୍ୟରେ ମୈତେୟୀ ସଂପ୍ରଦାୟର ସଂଖ୍ୟା ୫୩% ହୋଇଥିବା ବେଳେ ଆଦିବାସୀ ୪୫% ଅଟନ୍ତି । ଆଦିବାସୀମାନେ ମୁଖ୍ୟତଃ ଦୁଇଟି ଗୋଷ୍ଠୀରେ ବିଭାଜିତ । କୁକି, ଚୀନ୍, ଜୋମି, ମିଜୋ, ହମାର୍‌ଙ୍କୁ ନେଇ କୁକିଗୋଷ୍ଠୀ ଓ ଟାଙ୍ଗଖୁଲ, ମାଓ ଓ ଅନ୍ୟକିଛି ସଂପ୍ରଦାୟକୁ ନେଇ ନାଗା ଗୋଷ୍ଠୀ । ସ୍ୱାଧୀନତା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକାଂଶ ସମୟ ମଣିପୁରରେ କେବଳ ମୈତେୟୀ ଗୋଷ୍ଠୀର ଲୋକ ମୁଖ୍ୟମନ୍ତ୍ରୀ ଆସନରେ ବସିଛନ୍ତି । ମାତ୍ର ୨ଜଣ ଆଦିବାସୀ ସଂପ୍ରଦାୟରୁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଉଭୟ ଉଖ୍ରୁଲ୍ ଜିଲାରୁ ଓ ନାଗାଗୋଷ୍ଠୀରୁ । କୁକି ଗୋଷ୍ଠୀ ଦୀର୍ଘଦିନ ହେବ ଅବହେଳାର ଶିକାର ହୋଇ ଆସୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି । ଏବେର ଭାଜପା ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂହ ମଧ୍ୟ ମୈତେୟୀ ସଂପ୍ରଦାୟର । ହିଂସା ଉଗ୍ରରୂପ ନେବା ପରେ ଦିଲ୍ଲୀରୁ ମଣିପୁର ମୁଖ୍ୟମନ୍ତ୍ରୀ ସମେତ ଚାରିଜଣ କ୍ୟାବିନେଟ ମନ୍ତ୍ରୀଙ୍କୁ ଡାକରା ଆସିଥିଲା । ସୂଚନାଯୋଗ୍ୟ ଯେ, ଉକ୍ତ ଚାରିଜଣ ଯାକ ମୈତେୟୀ ସଂପ୍ରଦାୟର । ପାଖାପାଖି ୩୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ମଣିପୁର ଏକ ଛୋଟ ଓ ବିବିଧତାପୂର୍ଣ୍ଣ ରାଜ୍ୟ । ଆଜି ଦେଶର ବିଭିନ୍ନ କ୍ଷେତ୍ରରେ ମଣିପୁରର ଲୋକମାନେ ନିଜର ପରିଚୟ ତିଆରି କରିପାରିଛନ୍ତି । ଭାରତୀୟ ପ୍ରଶାସନିକ ସେବା, କ୍ରୀଡ଼ା, ସେନାବାହିନୀ, କଳା, ସଂସ୍କୃତି ଆଦି ସବୁକ୍ଷେତ୍ରରେ ମଣିପୁରର ଲୋକମାନେ ଆଗରେ ଅଛନ୍ତି । ଆଜି ମଣିପୁରରେ ଯେଉଁମାନେ ଲଢୁଛନ୍ତି, ମରୁଛନ୍ତି କିମ୍ବା ଶରଣାର୍ଥୀ ପାଲଟୁଛନ୍ତି ସମସ୍ତେ ଭାରତୀୟ । ସେମାନଙ୍କ ମୃତ୍ୟୁରେ ଓ ସେମାନଙ୍କ ଘର ଜଳୁଥିବାବେଳେ ଆମେ ଚୁପ୍ ବସିପାରୁଛେ କିପରି ? ଏହି ପ୍ରବନ୍ଧର ଉଦ୍ଦେଶ୍ୟ ମଣିପୁରର ହିଂସାକୁ ବ୍ୟବଚ୍ଛେଦ କରିବା ନୁହେଁ, ଅସଲ ଉଦ୍ଦେଶ୍ୟ ହେଉଛି ମଣିପୁର ଜଳୁଥିବାବେଳେ କେନ୍ଦ୍ର ସରକାର ଓ ସମଗ୍ର ଭାରତ ଏତେ ଜଡ଼ ବ୍ୟବହାର କରିପାରୁଛି କିପରି ? ମଣିପୁରର ଦୁର୍ଦ୍ଦଶା ସମୟରେ ଆମେ କିପରି ଏତେ ସମ୍ବେଦନଶୂନ୍ୟ ଓ ବିବେକ ଶୂନ୍ୟ ହୋଇପାରୁଛେ । ମଣିପୁର ପାକିସ୍ତାନ କି ଚୀନରେ ନାହିଁ । ମଣିପୁର ଭାରତର ଅଂଶ ବିଶେଷ । ଆମର କର୍ତ୍ତବ୍ୟକୁ ଆମେ ଏଡ଼ାଇ ଯାଇପାରୁଛେ କିପରି ?



ମଣିପୁରର ଭାଜପା ବିଧାୟକମାନଙ୍କର ଦୁଇଟି ଗୋଷ୍ଠୀ ଓ ରାଜ୍ୟ କଂଗ୍ରେସ୍‌ର ଗୋଟିଏ ଗୋଷ୍ଠୀ ପ୍ରଧାନମନ୍ତ୍ରୀଙ୍କୁ ଦେଖାକରି ମଣିପୁର ହିଂସା ବିଷୟରେ କଥାବାର୍ତ୍ତା କରିବା ପାଇଁ ଗତ ୧୫ ଜୁନ୍‌ଠାରୁ ଦିଲ୍ଲୀରେ ଡେରା ପକାଇଥିଲେ । କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ପ୍ରଧାନମନ୍ତ୍ରୀ ଜୁନ୍ ୨୦ରେ ଆମେରିକା ଗସ୍ତ କରିବା ପୂର୍ବରୁ ତାଙ୍କୁ ଦେଖାକରିବାକୁ ସମୟ ଦେଲେ ନାହିଁ । ଏଥିରୁ ବୁଝାପଡୁଛି ମଣିପୁରର ହିଂସା ଓ ଦଙ୍ଗା ପ୍ରଧାନମନ୍ତ୍ରୀଙ୍କ ବିବେକକୁ ଆଦୌ ବି ଚହଲେଇ ପାରିନାହିଁ । ମଣିପୁରର ଚିତ୍କାର ପ୍ରଧାନମନ୍ତ୍ରୀଙ୍କ କର୍ଣ୍ଣପଟଳକୁ ସ୍ପର୍ଶ କରିପାରିନାହିଁ । ମଣିପୁରରେ ଶତାଧିକ ଲୋକ ମୃତ୍ୟୁବରଣ କଲେଣି । ଦଶ ହଜାରରୁ ଅଧିକ ଲୋକ ଶରଣାର୍ଥୀ ଶିବିରରେ ଅଛନ୍ତି । ହଜାର ହଜାର ଘର ଜଳିପୋଡ଼ି ପାଉଁଶ ହୋଇଯାଇଛି । ରାଜରାସ୍ତା ସଶସ୍ତ୍ର ଲୋକଙ୍କ ଅକ୍ତିଆରରେ । ମାସାଧିକ କାଳ ମଣିପୁରରେ ଇଣ୍ଟରନେଟ୍ ବନ୍ଦ ରହିବା ଯୋଗୁ ସାଧାରଣ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଲୋକମାନେ ହଜାର ହଜାର ସଂଖ୍ୟାରେ ମଣିପୁର ଛାଡୁଛନ୍ତି । ଗୋଟିଏ ଗୋଟିଏ ଫ୍ଲାଇଟ୍ ଟିକେଟ୍‌ର ମୂଲ୍ୟ ତିରିଶ ହଜାରରୁ ଟପିଯାଉଛି । ଏଟିଏମ୍ କେନ୍ଦ୍ର ଆଗରେ ରାତି ତିନିଟାରୁ ଲମ୍ବା ଧାଡ଼ିଲାଗୁଛି । ଏ ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ଜଡ଼ତା ଆଦୌ ବି ଗ୍ରହଣୀୟ ନୁହେଁ । ଗଣମାଧ୍ୟମର ନୀରବତା ମଧ୍ୟ ତତୋଧିକ ଦୁର୍ଭାଗ୍ୟଜନକ । କେନ୍ଦ୍ରରେ କ୍ଷମତାରେ ଥିବା ଭାଜପା ମଣିପୁରରେ ବି କ୍ଷମତାରେ ଅଛି । ତଥାପି ହିଂସାକୁ ଆୟତ୍ତ କରିବାରେ ସରକାରଙ୍କ ସକ୍ରିୟତା ଆଦୌ ଦେଖାଯାଇନାହିଁ । ମଣିପୁରର ଭାଜପା ବିଧାୟକମାନେ ବି ଅଭିଯୋଗ କରୁଛନ୍ତି ମୁଖ୍ୟମନ୍ତ୍ରୀ ଆଇନ୍ ଶୃଙ୍ଖଳା ରକ୍ଷାକରିବାରେ ବିଫଳ ହୋଇଛନ୍ତି । ତଥାପି କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇନାହାନ୍ତି । ମଣିପୁରରେ ପ୍ରଧାନମନ୍ତ୍ରୀଙ୍କ ନାମରେ ଷ୍ଟିଲ୍ ମିସିଙ୍ଗ୍‌ର ପୋଷ୍ଟର ଦେଖିବାକୁ ମିଳୁଛି । ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର, ଗଣମାଧ୍ୟମ ପ୍ରତିନିଧି ଓ ସମଗ୍ର ଭାରତବାସୀଙ୍କଠାରୁ ମଣିପୁର ପ୍ରତି ସମବେଦନା ସହିତ ହିଂସାକୁ ବନ୍ଦ କରିବା ପାଇଁ ଦୃଢ଼ ପଦକ୍ଷେପ ଆଶା କରାଯାଉଛି ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ–୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ଥମୁନି ରାଜନୈତିକ ଝଡ଼

ମହାଶୟ,

ଏନ୍‌ସିପି ନେତା ଅଜିତ ପାୱାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ମନ୍ତ୍ରିମଣ୍ଡଳରେ ଉପମୁଖ୍ୟମନ୍ତ୍ରୀ ରୂପେ ଯୋଗଦାନ କରି ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହ ତାଙ୍କ ନେତୃତ୍ୱକୁ ମଧ୍ୟ ସମ୍ମାନ ଜଣାଇଛନ୍ତି । ଅଜିତ ହେଉଛନ୍ତି ଶରଦ ପାୱାରଙ୍କ ପୁତୁରା । ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ପରେ କଂଗ୍ରେସର ସର୍ବେସର୍ବା ରୂପେ ସୋନିଆ ଗାନ୍ଧୀଙ୍କୁ ଚୟନ କରାଯିବାକୁ ବିରୋଧକରି ଦଳର କେତେଜଣ ନେତା ଶରଦଙ୍କ ନେତୃତ୍ୱରେ ଏନ୍‌ସିପି ଗଠନ କରିଥିଲେ । ଏନ୍‌ସିପିର ମୁଖ୍ୟ ଶରଦ ମହାରାଷ୍ଟ୍ରରେ ନିଜର ଜନାଧାର ବଜାଇ ରଖିପାରିଥିଲେ । ଅଜିତ ପାୱାର ତାଙ୍କ ସପକ୍ଷବାଦୀ ଏମ୍‌ଏଲ୍‌ଏ ଓ ଏମ୍‌ପିଙ୍କୁ ନେଇ ନୂଆ ଏନ୍‌ସିପି ଗଠନ କରିବାକୁ ଯାଉଥିବାବେଳେ ଏନ୍‌ସିପିର ଭବିଷ୍ୟତ ଭିନ୍ନ ଦିଗକୁ ଗତିକରିଛି । ଏହି ରାଜନୈତିକ ଝଡ଼ କେବେ ଥମିବ ତାହା କହିବା କଷ୍ଟକର ।

**–କାଳି ଦାସ, କଳିଙ୍ଗନଗର, ବ୍ରହ୍ମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୋଳଇ କେତେ କୀରତି ନର
ଖୋଳଇ କେତେ ମାଟି
ଲେଖଇ ନାମ, ଲେଖଇ ନିଜ ଯଶ
ରହିଚି ଆଜି ଅତୀତ କଥା
ପଥର ଦେହ କାଟି
ନିଗାଡ଼ି କେତେ ସରଗ ସୁଧାରସ !
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ପ୍ରୋଟିନ, ଜିଙ୍କଯୁକ୍ତ ଧାନ ବିହନ ବଣ୍ଟନ



ନବରଙ୍ଗପୁର,୫।୭(ସଦାଶିବ ପ୍ରହରାଜ) ଭୁବନେଶ୍ୱର ଜୀବ ବିଜ୍ଞାନ ସଂସ୍ଥାନ ପକ୍ଷରୁ ପ୍ରୋଟିନ ଓ ଜିଙ୍କ ଯୁକ୍ତ ଧାନ ବିହନ ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକର ରାଜା ଚଉଁରିଆ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। କୋଡ଼ିଙ୍ଗା ତହସିଲଦାର ଟିକୁନ ପୁଟା ଓ କୋଷାଗୁମୁଡା ବ୍ଲକ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଯାନୀ ଚାଷୀଙ୍କୁ ଏହି ଧାନ ବିହନ ବଣ୍ଟନ କରିଥିଲେ। ବିଜ୍ଞାନ ସଞ୍ଚାରକ ଲକ୍ଷ୍ମୀ ନାରାୟଣ ବକ୍ସି, କୋଡ଼ିଙ୍ଗା ମହାବିଦ୍ୟାଳୟ ଅଧକ୍ଷା ଅମିତା ରାଏ ଉପସ୍ଥିତ ଥିଲେ। ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକର ପ୍ରୋଟିନ ଓ ଜିଙ୍କ ଯୁକ୍ତ ସିଆର୍ ୩୧୧ କିଷମର ଅଧିକ ଅମଳକ୍ଷମ ଧାନ ବିହନ ୪ ପଞ୍ଚାୟତର ୧୪ ଜଣଙ୍କୁ ୧୦ କିଲୋ ଲେଖାଏ ଦିଆ ଯାଇଛି। ଡିବିଟି କିଷାନ କାର୍ଯ୍ୟକ୍ରମ ମାଧମରେ ଧାନ ବିହନ ଯୋଗାଇ ଦିଆଯାଇଛି। ହେକ୍ଟର ପିଛା ୫୫୦୦ କେଜି ଧାନ ଅମଳ ହୋଇପାରିବ ବୋଲି ସୂଚନା ମିଳିଛି।

### ୮ରେ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ଜନଶୁଣାଣି

**ନବରଙ୍ଗପୁର,୫।୭(ସଦାଶିବ ପ୍ରହରାଜ):** ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ପକ୍ଷରୁ ନବରଙ୍ଗପୁର ସଂଗ୍ରାମୀ ଲକ୍ଷ୍ମୀଚନ୍ଦ୍ର ଦାସ ପ୍ରେସ୍ କ୍ଲବରେ ୮ ତାରିଖରେ ଜନଶୁଣାଣି ହେବ। କାର୍ଯ୍ୟକ୍ରମରେ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତାଙ୍କ ସହିତ ନବରଙ୍ଗପୁର, ଜୟପୁର, କୋରାପୁଟ, ଭବାନୀପାଟଣା ଏବଂ କଳାହାଣ୍ଡି ଶାଖାର କର୍ମକର୍ତ୍ତାମାନେ ଭାଗନେବେ। ପୂର୍ବତନ ଅତିରିକ୍ତ ଉପଜିଲାପାଳଙ୍କ ବେଆଇନ ସମ୍ପତ୍ତି ଠୁଳକରିବା ଦିଗ ସମ୍ପର୍କରେ ଅନୁସନ୍ଧାନକାରୀ କମିଟି ନିକଟରେ ବୁଦ୍ଧିଜୀବୀ, ବିଭିନ୍ନ ସଙ୍ଗଠନ ଆଇନଜୀବୀ ତଥ୍ୟ ଦେଇ ସହଯୋଗ କରିବାକୁ ରାଜ୍ୟ ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ କହିଛନ୍ତି। ପ୍ରକାଶ ଯେ, ଜୟପୁର ଶାଖା ସଭାପତି ତଥା ବରିଷ୍ଠ ଆଇନଜୀବୀ ଏବଂ ନବରଙ୍ଗପୁର ବାର୍ ଆସୋସିଏଶନ ପୂର୍ବତନ ସଭାପତ ଅଶୋକ ମିଶ୍ରଙ୍କୁ ଏହି କମିଟି ଆବାହକ ଅଛନ୍ତି। ଏଥିସହ ୭ଜଣ ଜିଲା ସଭାପତି ଓ ରାଜ୍ୟ କର୍ମକର୍ତ୍ତାଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି।

# ସ୍ୱଷ୍ଟୀକରଣରେ ଅଟକିଗଲା ବର୍ଗୀକରଣ, ପଦୋନ୍ନତି

■ ୩ ମାସ ହେବ ବାଟ ଫିଟୁନି
■ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରତି ଶିକ୍ଷା ବିଭାଗର ଦରଦ ନାହିଁ

ନବରଙ୍ଗପୁର,୫।୭(ସଦାଶିବ ପ୍ରହରାଜ)

ପ୍ରାଥମିକ ଶିକ୍ଷକଙ୍କ ବର୍ଗୀକରଣ ଓ ପଦୋନ୍ନତି ସମୟସୀମା ଚାଲିଯାଇଥିଲେ ମଧ୍ୟ ଜିଲା ଶିକ୍ଷା ବିଭାଗର ଅଙ୍କକଷା ଚାଲିଛି। ବାରମ୍ବାର ସ୍ୱଷ୍ଟୀକରଣ ନାମରେ ଫାଇଲ ଅଟକିଯାଇଛି। ନିର୍ଭୁଲ୍ ତାଲିକା ପ୍ରସ୍ତୁତ କରିବାରେ ଜିଲା ଶିକ୍ଷା ବିଭାଗ ଅସମର୍ଥ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ କୁହାକୁହି ହେଲେଣି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ ଶିକ୍ଷକ ପଦୋନ୍ନତି ଦାୟିତ୍ୱରେ ରହିଛନ୍ତି। ଦୀର୍ଘ ୩ ମାସ ହେବ ଏଡିଇଓ ସାହୁ ଦାୟିତ୍ୱରେ ରହି ମଧ୍ୟ ନିର୍ଭୁଲ୍ ତାଲିକା ପ୍ରସ୍ତୁତ କରିବାରେ ବିଫଳ ହୋଇଥିବା ଅଭିଯୋଗ ହେଉଛି।

ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କଠାରୁ ମେ ୬ ତାରିଖରେ ଚିଠି ସଂଖ୍ୟା ୧୦୬୮୬ ମାଧ୍ୟମରେ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ସ୍ୱଷ୍ଟୀକରଣ ପତ୍ର ପ୍ରେରଣ କରାଯାଇଥିଲେ ମଧ୍ୟ ନବରଙ୍ଗପୁର ଜିଲାରେ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ବିଭିନ୍ନ ଜିଲାରେ ବର୍ଗୀକରଣ ଓ ପଦୋନ୍ନତି ପ୍ରକ୍ରିୟା ସାରିଲାଣି। ନବରଙ୍ଗପୁର ଜିଲାରେ କାହିଁକି ହୋଇପାରୁନାହିଁ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ତ୍ରୁଟିପୂର୍ଣ୍ଣ ତାଲିକା ପ୍ରସ୍ତୁତ କରି ଜିଲାସ୍ତରୀୟ ପଦୋନ୍ନତି କମିଟି ଉପସ୍ଥାପନ କରାଯାଇଥିଲା। କମିଟି ସଭ୍ୟ ତଥା ଜିଲା ମଙ୍ଗଳ ଅଧିକାରୀ ତାଲିକାକୁ ଫେରାଇଦେଲେ; ଯାହାକି ଏବେ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ବିଡ଼ମ୍ବନାର ବିଷୟ ପାଲଟିଛି। ମେ ଶେଷ ସୁଦ୍ଧା ବର୍ଗୀକରଣ ଓ ପଦୋନ୍ନତି କରାଯିବାକୁ ସରକାରଙ୍କ ବିଧିବଦ୍ଧ ଚିଠି ଥିବା ସତ୍ତ୍ୱେ ତାହା ହୋଇ ପାରିଲାନାହିଁ। ବର୍ତ୍ତମାନ ଯଦି ଏହି ପ୍ରକ୍ରିୟା ଗଣଶିକ୍ଷା ବିଭାଗ ଦ୍ୱାରା ଅନୁମୋଦନ ହୋଇ କାର୍ଯ୍ୟକାରୀ ହୁଏ ତେବେ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିଦ୍ୟାଳୟ ପରିବର୍ତ୍ତନ ହେବ। ଏହାପରେ ଖାଲି ପଦବୀ କିଭଳି ପୂରଣ ହେବ ତାହା ମଧ୍ୟ ପ୍ରଶ୍ନ ସୃଷ୍ଟି କରୁଛି। ଶିକ୍ଷୟିତ୍ରୀ ଶିକ୍ଷକ ଓଟିଇଟି, ସିଟି, ବିଏଡ୍ ପାସ୍ କରିଥିବା ଓ ଜଏନ୍ ହୋଇଥିବା ସମସ୍ତ ତଥ୍ୟ ଜିଲା ଶିକ୍ଷା ବିଭାଗ ନିକଟରେ ରହିଛି। ତେବେ ପଦୋନ୍ନତି ପାଇଁ ବିଳମ୍ବ କରାଯିବା ପଛରେ ଅନ୍ୟ କିଛି ମନ୍ଦ ଉଦ୍ଦେଶ୍ୟ ରହିଛି କି ବୋଲି ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶ୍ନ କରିଛନ୍ତି। ଯଦି ବିଳମ୍ବରେ ବର୍ଗୀକରଣ ତଥା ପଦୋନ୍ନତି କରାଯାଏ ତେବେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ବୃଦ୍ଧି ପାଇଥିବା ପିଛିଲା ବକେୟା ଦରମା ପାଇଁ ପୁଣି ଜିଲା ଶିକ୍ଷା ବିଭାଗର ଆଉ ଏକ ଭିଡ଼ ଜମିବ। ଏଥିରେ ପୁଣି ହାତଗୁଞ୍ଜା ପାଇଁ ପ୍ରୟାସ ଆରମ୍ଭ ହେବ ବୋଲି ମଧ୍ୟ ଅଭିଯୋଗ ହେଉଛି। ଶିକ୍ଷୟିତ୍ରୀଶିକ୍ଷକମାନେ ଡିଇଓଙ୍କୁ ଭେଟି ସେମାନଙ୍କ ଅଧିକାରକୁ ନେଇ ଲିଖିତ ଭାବେ ଜଣାଇବେ। ୭ ଦିନ ମଧ୍ୟରେ ଯଦି କୌଣସି ସୁଫଳ ନ ମିଳେ ତେବେ ଜିଲାପାଳଙ୍କୁ ସାମୂହିକ ଭାବେ ଭେଟି ଅଭିଯୋଗ କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଡିଇଓ ପ୍ରଦୀପ ନାଗଙ୍କୁ ପଚାରିବାରୁ ପ୍ରକ୍ରିୟା ଚାଲିଛି। ଶିକ୍ଷୟିତ୍ରୀ ଶିକ୍ଷକ ଅତିଶୀଘ୍ର ପଦୋନ୍ନତି ପାଇବେ ବୋଲି ସେ କହିଛନ୍ତି।

## ସ୍କୁଲରେ ଲଗାଗଲା ୧୦୦ରୁ ଊର୍ଦ୍ଧ୍ୱ ଚାରା



ଚାରାରୋପଣ ବେଳେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଉମରକୋଟ, ୫।୭ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ଭଣ୍ଡାରିଗୁଡ଼ାରେ ଥିବା ୫-ଟି ସରକାରୀ ୟୁଜି ଉଚ୍ଚ ବିଦ୍ୟାଳୟ ପରିସରରେ ୭୪ତମ ବନ ମହୋତ୍ସବ ମଙ୍ଗଳବାର ପାଳନ କରାଯାଇଛି। ଉମରକୋଟ ବନ ବିଭାଗ ରେଞ୍ଜର ଅନୁପ ସିଂ ପୂଜାରୀ, ଡେପୁଟି ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, ଧୋଡ୍ରା ବନପାଳ ସ୍ମିତିପ୍ରଜ୍ଞା ତ୍ରିପାଠୀ, ପୋଡ଼ାଗଡ଼ ବିଟ୍ ଗାର୍ଡ ଆରିସ୍ମା ମଣ୍ଡଳ, ସାନକୁମାରୀ ବିଟ୍ ଗାର୍ଡ, ଭଣ୍ଡାରିଗୁଡାର ପୂର୍ବତନ ସରପଞ୍ଚ ଉଦ୍ଧବ ନାୟକ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ ଦାସଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୧୦୦ରୁ ଊର୍ଦ୍ଧ୍ୱ ବଉଳ, ସଜନା, ଅମୃତଭଣ୍ଡା, ସୁନାରୀ, ଅଶୋକ ଭଳି ବିଭିନ୍ନ କିସମର ଚାରା ଛାତ୍ରୀଛାତ୍ର ଓ ସ୍କୁଲର କର୍ମଚାରୀ ରୋପଣ କରିଥିଲେ। ଏହାର ରକ୍ଷଣାବେକ୍ଷଣ ବିଦ୍ୟାଳୟ ଦ୍ୱାରା କରାଯିବ।

## ଶୋଭାଯାତ୍ରାରେ ଜଙ୍ଗଲ ସୁରକ୍ଷା ବାର୍ତ୍ତା



ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରୁଛି।

ଝରିଗାଁ,୫।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁଂଫୁଗାଁ ପଞ୍ଚାୟତର ପୂର୍ଣ୍ଣିଗୁଡ଼ା ଓ ନଙ୍ଗାଗୁଡା ଗ୍ରାମରେ ଆର୍‌ସିଡିସିର ବିଏଫ୍ ଟିଡବ୍ଲ୍ୟୁ ପ୍ରକଳ୍ପ ଦ୍ୱାରା ବନ ମହୋତ୍ସବ ପାଳିତ ହୋଇଯାଇଛି । ଆଦିବାସୀଙ୍କ ସହ ଜଙ୍ଗଲର ସମ୍ପର୍କ ଅତି ନିବିଡ଼। ପରିବେଶ ଓ ଜଳବାୟୁ ସୁରକ୍ଷା ଜଙ୍ଗଲର ବଡ଼ ଭୂମିକା ରହିଛି। ତେଣୁ ବର୍ତ୍ତମାନର ପିଢ଼ି ଜଙ୍ଗଲ ସୁରକ୍ଷା ଦିଗରେ ଗୁରୁତ୍ୱ ଦେବା ଜରୁରୀ ବୋଲି ବନ ମହୋତ୍ସବ ମାଧ୍ୟମରେ ସଚେତନ କରାଯାଇଛି। ଏହି ଅବସରରେ ଉକ୍ତ ୨ ଗ୍ରାମର ସ୍କୁଲ ଛାତ୍ରୀଛାତ୍ର, ଗ୍ରାମବାସୀ ଏକ ସଚେତନତା ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ 'ଜଙ୍ଗଲ ଆମର ଜୀବନ, ଧନ ଯୋଗାଇ ଦିଏ ପାଣି ପବନ' , ଶିଶୁଟିଏ ଗଛଟିଏ, 'ଗଛ ବଞ୍ଚିଲେ ଆମେ ବଞ୍ଚିବା' ଆଦି ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ। ଏହି ଅବସରରେ ବନ ବିଭାଗ ଫରେଷ୍ଟର ଗୁପ୍ତପ୍ରସାଦ ମହାନ୍ତି, ଫରେଷ୍ଟ ଗାର୍ଡ ସାଗରିକା ସେଠୀ, ସସ୍ମିତା ଭତ୍ରାଙ୍କ ସହ ୨ ଗ୍ରାମର ଜଙ୍ଗଲ ପରିଚଳନା କମିଟି, ଆର୍‌ସିଡିସି ପ୍ରୋଗ୍ରାମ ଅଫିସର ବି. ଶିବଶଙ୍କର ଦୋରା, ଶଙ୍କରପ୍ରସାଦ ମିଶ୍ର, ଭାରତୀ ମହାପାତ୍ର, ଗୋଷ୍ଠୀ ସଚେତକ ଦେବସିଂ ହରିଜନ, ଗୋକୁଳ ଭତ୍ରା, ଭକ୍ତରାମ ଭତ୍ରା, ଧରମସିଂ ମାଝି, ନମିତା ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲରେ ଚାରାରୋପଣ

ଡାବୁଗାଁ, ୫।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡାବୁଗାଁ ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଇଛି। ଚମ୍ପା, ପିଜୁଳି, ଡାଳିମ୍ବ, ଶିଶୁ ଭଳି ମୋଟ ୧୫୦ଟି ଚାରା ଲଗାଯାଇଛି। କାର୍ଯ୍ୟକ୍ରମରେ ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ମନୋରଞ୍ଜନ ନାୟକ, ପ୍ରକାଶ ସରକାର, ରୀତାରାଣୀ ବିଶ୍ୱାସରାୟ, ସରସ୍ୱତୀ ମେହେର, ଇତିଶ୍ରୀ ମହାନ୍ତି, ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା କିରଣମାଳା ତିର୍କୀ, ସରକାରୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆରତି ବିଷୋୟୀ, ସୁଦେଷ୍ଣା ଜତି, କଳ୍ପନା ଉଥାନସିଂ, ରଶ୍ମୀରଞ୍ଜିତା ନାୟକ, ସୁନମଣି ପୂଜାରୀ, ବିନିତା ଠାକୁର, କେ.ଦମୟନ୍ତୀ ଦୋରା, ସୁପ୍ରିୟା ମହାକୁଡ଼, ଇତିଶ୍ରୀ ପ୍ରଧାନ, ରଶ୍ମିରାଣୀ ପଣ୍ଡା, ଶିକ୍ଷକ ମହେଶ୍ୱର ନାଥ, ସନାତନ ଭୋଇ, ସୌମ୍ୟ ରଞ୍ଜନ ନାୟକ, ଜ୍ଞାନରଞ୍ଜନ ବେହେରା, ରାଜେନ୍ଦ୍ର ନାୟକ, ନିଶାରାଣୀ ହଳଧର ଏବଂ ୫୦୦ ଊର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ଥିଲେ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର



ସମିତି ସଭ୍ୟାସଭ୍ୟ ସଙ୍ଗଠନ ପାପଡ଼ାହାଣ୍ଡି ବ୍ଲକ ଶାଖା ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

ପାପଡ଼ାହାଣ୍ଡି, ୫।୭ (ସ୍ୱପ୍ନଜିତ ପଟ୍ଟନାୟକ)

ରାଜ୍ୟ ସମିତିସଭ୍ୟା ସଭ୍ୟ ସଙ୍ଗଠନ ଆହ୍ୱାନ କ୍ରମେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ସମିତି ସଭ୍ୟାସଭ୍ୟ, ଅଧ୍ୟକ୍ଷା, ଉପାଧ୍ୟକ୍ଷ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଆକଉଣ୍ଟାଣ୍ଟ ସନୁ ମାଝି ଦାବିପତ୍ର ଗ୍ରହଣ କରିଛନ୍ତି।

ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତକରି ସେଗୁଡିକର ସଫଳ ରୂପାୟନ କରିବା ହେଉଛି ତ୍ରିସ୍ତରୀୟ ପଞ୍ଚାୟତ ଅନୁଷ୍ଠାନଗୁଡିକର ପ୍ରଧାନ ଦାୟିତ୍ୱ। କିନ୍ତୁ ନିର୍ବାଚନ ପରେ ସମିତି ସଭ୍ୟଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। କେବଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ପର୍ଯ୍ୟନ୍ତ ହିଁ ସମିତି ସଭ୍ୟଙ୍କୁ ଗୁରୁତ୍ୱ ଦିଆଯାଇଥାଏ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବିଡିଓ କିମ୍ବା ପଞ୍ଚାୟତ ସମିତି କୌଣସି କର୍ମଚାରୀ ସମିତି ସଭ୍ୟଙ୍କୁ ଗୁରୁତ୍ୱ ଦେଉନାହାନ୍ତି। ବିଭିନ୍ନ ସମସ୍ୟା ସମ୍ପର୍କରେ ବ୍ଲକ ପ୍ରଶାସନକୁ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି। ଯନ୍ତ୍ରୀମାନେ ଉନ୍ନୟନ କାର୍ଯ୍ୟର ଲେଆଉଟ ବେଳେ ସମିତି ସଭ୍ୟାସଭ୍ୟଙ୍କୁ ଜଣାଉନାହାନ୍ତି। ସରପଞ୍ଚଙ୍କ ଭଳି ସମିତି ସଭ୍ୟାସଭ୍ୟଙ୍କୁ ସାମ୍ବିଧାନିକ ସୁପାରିସ କ୍ଷମତା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ଅଛି। ପାପଡ଼ାହାଣ୍ଡି ବ୍ଲକ ସମିତି ସଭ୍ୟାସଭ୍ୟ ସଂଘ ସଭାପତି ରାମକୃଷ୍ଣ ହରିଜନଙ୍କ ସଭାପତିତ୍ୱରେ ନବରଙ୍ଗପୁର ଜିଲା ସଂଘ ଉପସଭାପତି ସୁଶାନ୍ତ ବେହେରା, ପାପଡ଼ାହାଣ୍ଡି ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଧରିତ୍ରୀ ମାଝି, ତୁଳାରାମ ମାଝି, ବୈଜୟନ୍ତ ଜାନି, ବ୍ଲକ ସଂଘ ଉପସଭାପତି ବିଶ୍ୱନାଥ, ଘାସି ହରିଜନ, ସଂଯୁକ୍ତା ମିର୍ଗାନ, ସୁତମ ଗୌଡ଼, ମଙ୍ଗରୁ ଭତରା, ବୈଜନ୍ତୀ ପୂଜାରୀ, ସୁବାସିନୀ କର୍କରା, ରୁକ୍ମିଣୀ ମେହଟା, ସୁଧୀର ନାୟକଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# କାମ ନ ହୋଇ ବିଲ୍ କରାଯାଇଥିବା ଅଭିଯୋଗ

ନନ୍ଦାହାଣ୍ଡି, ୫।୭ (ପ୍ରତୀପ ଦାଶ)



ଅଭିଯୋଗ କରୁଥିବା ଗ୍ରାମବାସୀ।

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି କରାଯାଇଥିବା କହିଲେ ଗ୍ରାମବାସୀ

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେସିନ ବ୍ୟବହାର ଏବଂ ଦୁର୍ଗମ ଅଞ୍ଚଳରେ କାମ ନ କରିବିଲ୍‌କରାଯାଇ ଟଙ୍କା ହଡ଼ପ କରାଯାଉଛି। ଏହାର ଉଦାହରଣ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତରେ ଦେଖିବାକୁ ମିଳିଛି। ରାସ୍ତାକଡ଼ରେ କାମ ନ କରି ବିଲ କରାଯାଇଥିବା ଅଭିଯୋଗ ଆଣିଛନ୍ତି ପଞ୍ଚାୟତବାସୀ।

ଧଣ୍ଡରା ପଞ୍ଚାୟତ ନରସିଂହଗୁଡ଼ା ଗ୍ରାମରେ ହାଟପଦାର ବିକାଶ ଲାଗି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୭ ଲକ୍ଷ ୭୯ ହଜାର ୮୨୨ ଟଙ୍କା ମଞ୍ଜୁର ହୋଇଥିଲା। ନବରଙ୍ଗପୁର ଓ ତେନ୍ତୁଳିଖୁଣ୍ଟି ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡ଼ରେ ଏହି କାମ କରିବା ପାଇଁ ମେଟାଲ ଗଚ୍ଛିତ ରଖାଯାଇଥିବା ବେଳେ ଅନ୍ୟ କୌଣସି କାମ କରାଯାଇ ନାହିଁ। କୌଣସି ଶ୍ରମିକ କୋଡ଼ି କୋଦାଳ ଧରି କାମ କରି ନାହାନ୍ତି। ତଥାପି ୩୫୪ ଜଣ ଶ୍ରମିକଙ୍କ ୭୬୭ ଶ୍ରମ ଦିବସ ଦେଖାଇ ୧ ଲକ୍ଷ ୫୧ ହଜାର ୬୮୦ ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାବେଳେ କାର୍ଯ୍ୟରେ ସମ୍ପୃକ୍ତ ସମସ୍ତ କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ଟଙ୍କା ହଡପ କରାଯାଇଛି ବୋଲି କହିଛନ୍ତି ଗ୍ରାମବାସୀ। ଉକ୍ତ ଗାଁରେ ଥିବା ଲୋକଙ୍କୁ କାମ ମିଳୁ ନ ଥିବା ବେଳେ ସେହି କାମରେ ଅନ୍ୟ ଗାଁ ଲୋକଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବା ଚଞ୍ଚକତା କରାଯାଇଥିବାର ସନ୍ଦେହ ସୃଷ୍ଟି କରୁଛି। ଘଟଣା ବିଷୟରେ ନନ୍ଦାହାଣ୍ଡି ବିଡିଓ କିନ୍ତୁ କାମ କରାଯିବାର ପ୍ରମାଣ ଥିବା କହିଛନ୍ତି। ତେବେ ବିଲ୍ ପାଇଁ ଫଟୋ ଅପଲୋଡ କରିବା ଅନିବାର୍ଯ୍ୟ ଥିବାରୁ ୪ – ୫ ଜଣ ଶ୍ରମିକଙ୍କୁ ନେଇ କେବଳ ଫୋଟୋ ଉଠାଯାଇଛି। ଯେଉଁ ଶ୍ରମିକମାନେ ଫଟୋ ଉଠାଇଛନ୍ତି ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଯାଇ ନାହି ବୋଲି କହିଛନ୍ତି ଗ୍ରାମବାସୀ। ଏ ନେଇ ଜିଲା ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାଶଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି ।

# ଶିକ୍ଷା ବିଭାଗ ପ୍ରମୁଖ ଉପଦେଷ୍ଟାଙ୍କ ଆଶାକିରଣ ପରିଦର୍ଶନ

ନବରଙ୍ଗପୁର,୫।୭(ସଦାଶିବ ପ୍ରହରାଜ)





ଆଶାକିରଣ ଅନ୍ତେବାସୀଙ୍କ ସହ ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ଜିଲାପାଳ ଓ ଅନ୍ୟମାନେ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଏବଂ ଶିକ୍ଷା ବିଭାଗ ପ୍ରମୁଖ ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ନବରଙ୍ଗପୁର ଗସ୍ତର ଦ୍ୱିତୀୟ ଦିନ ବୁଧବାର ସକାଳେ ଜିଲାର ଏକମାତ୍ର ସରକାରୀ ଭିନ୍ନକ୍ଷମ ତଥା ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟ ଆଶାକିରଣ ପରିଦର୍ଶନ କରିଛନ୍ତି। ପିଲାମାନେ ଫୁଲତୋଡ଼ା ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳ କମଳ ଲୋଚନ ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡିଇଓ ପ୍ରଦୀପ ନାଗ ଏହି ସମୟରେ ଉପସ୍ଥିତ ଥିଲେ। ପିଲାମାନଙ୍କ ସହ ଉପଦେଷ୍ଟା ତ୍ରିପାଠୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଆଶାକିରଣ ସମ୍ପର୍କରେ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଅଧ୍ୟକ୍ଷ ଜଗନ୍ନାଥ ବେହେରା ସ୍କୁଲ ସମ୍ପର୍କରେ ଉପଦେଷ୍ଟାଙ୍କୁ ଜଣାଇଥିଲେ। ବିଦ୍ୟାଳୟ, ବଗିଚା, ହଷ୍ଟେଲ ପିଲାଙ୍କ ରହିବା ଖାଇବା ପ୍ରତିଧାନ ଦେବାକୁ କର୍ମଚାରୀଙ୍କୁ କହିଥିଲେ। ଅନ୍ୟ ଅସୁବିଧାର ଯଥାଶୀଘ୍ର ସମାଧାନ ଦିଗରେ ଚେଷ୍ଟା କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ଆଶା କିରଣ ପରିସରରେ ଔଷଧୀୟ ଗଛ ଲଗାଇଥିଲେ। ଏହି ସମୟରେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରା, କର୍ମଚାରୀ ପାର୍ବତୀ ଜାନି, ଶାନ୍ତି ପଣ୍ଡା, ରଶ୍ମିତା ପ୍ରଧାନ, ଈଶ୍ୱର ବଞ୍ଚରା, ରିଙ୍କୁରାଜ ବେହେରା, ରଶ୍ମିତ ଧାନଫୁଲଙ୍କ ଅନ୍ତେବାସୀ ଓ ଅଭିଭାବକ ଉପସ୍ଥିତ ଥିଲେ।

# ବୟସ ପାଖରେ ମାନିନାହାନ୍ତି ହାର୍, ପରିବାର ପାଇଁ ଖଟୁଛନ୍ତି ବୃଦ୍ଧା

ତେନ୍ତୁଳିଖୁଣ୍ଟି, ୫।୭(ଚିଦାନନ୍ଦ ସାହୁ)

■ ଜମିରେ କାମକରି ବିଧବା ବୋହୂ, ନାତିର ଦାୟିତ୍ୱ ନେଉଛନ୍ତି
■ ଆଦିବାସୀ ଉନ୍ନୟନ ସଂସ୍ଥାରେ ଜମି ମରାମତି ପାଇଁ ଫର୍ମ ପୂରଣ କରିଥିଲେ ମଧ ଲାଭ ମିଳିନି

ପରିଣତ ବୟସରେ ହାର ମାନୁନାହାନ୍ତି ବୃଦ୍ଧା। ପରିବାର ମୁହଁରେ ଆହାର ଦେବାକୁ ଖଟୁଛନ୍ତି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଉଦୟପୁର ନିକଟ ଇଚ୍ଛାପୁର ଗ୍ରାମର ରୁକ୍ମିଣୀ ମୁଦୁଲି( ୮୫)।

ସ୍ୱାମୀ ଓ ୩ ପିଲାଙ୍କୁ ନେଇ ରୁକ୍ମିଣୀଙ୍କ ହସଖୁସିର ସଂସାର ଚାଲିଥିଲା। ବଡ଼ ପୁଅ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ସ୍ୱାମୀ ମଧ୍ୟ ଆରପାରିକୁ ଚାଲିଗଲେ। ଝିଅ ଓ ସାନପୁଅକୁ ବିବାହ କରାଇଥିଲେ। ଏହାପରେ ବଳକା ଜୀବନ ଖୁସିରେ କାଟିବେ ବୋଲି ଭାବିଥିଲେ ରୁକ୍ମିଣୀ। କିନ୍ତୁ ଦଇବ ବିଚାର ଥିଲା କିଛି ଅଲଗା। ସାନପୁଅ ବିବାହର କିଛି ବର୍ଷ ପରେ ଆରପାରିକୁ ଚାଲିଗଲେ। ଏବେ ରୁକ୍ମିଣୀଙ୍କ ଉପରେ ସାନପୁଅର ବିଧବା ସ୍ତ୍ରୀ ଓ ୬ବର୍ଷ ପୁଅର ବୋଝ। ନିଜର ଥିବା ଅଳ୍ପ ଚାଷ ଜମିରେ କାମ କରୁଛନ୍ତି। କାଜୁ ସମୟରେ କାଜୁ ବଗିଚାରେ ଟାଣ ଖରାରେ ମଧ୍ୟ ଜଗି ବସୁଛନ୍ତି। ଧାନଚାଷ ସମୟରେ କୋଦାଳ ଧରି ଜମି ହିଡ଼ ଘାସ ସଫା କରିବା ସହ ଧାନ ତଳି ପକାଉଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ ପାହାଡ଼ିଆ ଅଞ୍ଚଳ ହେତୁ ଡଙ୍ଗର ଜମି ହିଡ଼ କରି ଚାଷ କରିବା ଭଳି ଦୃଶ୍ୟ ଦେଖିଲେ ଦୁଃଖ ଲାଗିବ ନିଶ୍ଚୟ। ବିଗତ ଦିନରେ ନବରଙ୍ଗପୁର ଜିଲା ଆଦିବାସୀ ଉନ୍ନୟନ ସଂସ୍ଥାରେ ଜମି ମରାମତି ପାଇଁ ଫର୍ମ ପୂରଣ କରିଥିଲେ। ଆଜି ଯାଏ ଅଧିକାରୀଙ୍କ ଦେଖାନାହିଁ। ଜମି ମରାମତି ଯୋଜନା ନ କହିବା ଭଲ। ବ୍ଲକରେ ବ୍ୟକ୍ତିଗତ ଯୋଜନାକୁ ଅଧିକାରୀ ଗୁରୁତ୍ୱ ଦେଉ ନ ଥିବାବେଳେ ସାମୂହିକ ଯୋଜନାରେ ଠିକାଦାରଙ୍କୁ କାମ ଦେବା ପାଇଁ ଅଧିକାରୀମାନେ ତରତର ହେଉଥିବା ରୁକ୍ମିଣୀ କହିଛନ୍ତି। ଚାଷ ଓ ଚାଷୀ ପାଇଁ ଆସୁଥିବା ଯୋଜନାରେ ତାଙ୍କୁ ସାମିଲ କରିବାକୁ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି ରୁକ୍ମିଣୀ। ଏ ସମ୍ପର୍କରେ ଜିଲା ସାମାଜିକ କଲ୍ୟାଣ ଅଧିକାରୀ କୁନା ପାତ୍ରଙ୍କୁ ପଚାରିବାରୁ ଘଟଣାର ତଦନ୍ତକରି ଉପଯୁକ୍ତ ସହାୟତା ଦେବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ରୁକ୍ମିଣୀ ମୁଦୁଲି

# ୧୦ରେ କଂଗ୍ରେସର ନବରଙ୍ଗପୁର ବଞ୍ଚାଅ ଆନ୍ଦୋଳନ

ନବରଙ୍ଗପୁର,୫।୭(ସଦାଶିବ ପ୍ରହରାଜ)





ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

ନବରଙ୍ଗପୁର ଜିଲା ଅସହାୟ ଓ ଭୟଭୀତ। ଜିଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ନିଘା ନାହିଁ। ୫-ଟି ସଚିବ ଭବିଷ୍ୟତରେ ନେତା ହେବା ଆଶାରେ ଅରାଜକତା ଚଳାଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ଶୂନ୍‌ଶାନ। ସବୁ ଦପ୍ତରରେ ମାଫିଆରାଜ୍ ଓ ଭ୍ରଷ୍ଟାଚାର ଚାଲିଛି ବୋଲି ନବରଙ୍ଗପୁରସ୍ଥିତ କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି। ଏହା ବିରୋଧରେ ଜିଲା କଂଗ୍ରେସ ୧୦ ତାରିଖରେ ନବରଙ୍ଗପୁର ବଞ୍ଚାଅ ଆନ୍ଦୋଳନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଜିଲାର ଅନେକ ସରକାରୀ କର୍ମଚାରୀ ଓ ଚୋରା ବ୍ୟବସାୟୀଙ୍କ ଲମ୍ବା ତାଲିକା ଭିଜିଲାନ୍ସ ହାତରେ ଅଛି। କେଉଁଠୁ ତଦନ୍ତ ଆରମ୍ଭ କରାଯିବ ତାହା ଭିଜିଲାନ୍ସ ଅଧିକାରୀ ଜାଣି ପାରୁନାହାନ୍ତି। ତତ୍କାଳୀନ ଅତିରିକ୍ତ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ପ୍ରାୟ ୭ କୋଟି ଟଙ୍କାର ଦୁର୍ନୀତି, ଡାବୁଗାଁ ସିଡିପିଓ ଜଣେ ବରିଷ୍ଠ କିରାଣିଙ୍କ ପ୍ରତି ଆକ୍ରମଣ, ପାପଡ଼ାହାଣ୍ଡି ବିଡିଓ ଅଫିସରେ କେକ୍ କାଟି ଜନ୍ମଦିନ ପାଳିଲେ। ଫଳରେ ଦୂରରୁ ଆସୁଥିବା ଲୋକେ ହନ୍ତସନ୍ତ ହେଲେ। ସରକାରୀ ଚାଉଳ ଦୁର୍ନୀତି ଓ ବନ ବିଭାଗ ଆଦେଶ ବିନା ସରକାରୀ କର୍ମଚାରୀ ଗଛ କାଟିବା ଭଳି ବ୍ଲକରୁ ଅଭିଯୋଗ ହେଉଛି। ଟିକିଏ ପବନ ହେଲେ ବାରମ୍ବାର ବିଜୁଳି କାଟିବା, ଅଧିକ ବିଦ୍ୟୁତ୍ ବିଲ୍ ଆଦାୟ କରି ଲୋକଙ୍କୁ ଶୋଷଣ କରାଯାଉଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ସିଡିଏମ୍‌ଓ କାର୍ଯ୍ୟାଳୟକୁ ନ ଯାଇ ଘରେ ବସି ଅଫିସ ଚଳାଉଛନ୍ତି। ଡାକ୍ତରଖାନାରେ ରୋଗୀ ହନ୍ତସନ୍ତ ହେଉଥିବା ଘଟଣା ପ୍ରତିଦିନ ସାମ୍ନାକୁ ଆସୁଛି। ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ବିଷୟରେ ଜାଣିବା ତ ଦୂରର କଥା ନିର୍ବାଚିତ ଏମ୍‌ପି ଓ ବିଧାୟକମାନେ ମଧ୍ୟ ସ୍ଥାଣୁ ପାଲଟିଯାଇଛନ୍ତି। ଲୋକ ପ୍ରତିନିଧିଙ୍କୁ ଅଫିସର ଭୟ କରୁନାହାନ୍ତି। ସେମାନେ ସିଧାସଳଖ ତୃତୀୟ ମହଲା ଅଧିକାରୀଙ୍କ ସହ ସମ୍ପର୍କ ରଖୁଥିବାରୁ ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ଭୟ ନାହିଁ ବୋଲି ଜିଲା ସଭାପତି କହିଛନ୍ତି। ନିତ୍ୟ ବ୍ୟବହାର ଜିନିଷର ଦରଦାମ ଏବେ ଆକାଶଛୁଆଁ । ବିଜୁଳି କାଟ, ଭୁଲ୍ ବିଜୁଳି ବିଲ୍, ଜିଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥା, ବ୍ଲକ୍‌ଗୁଡିକର ସରକାରୀ ଚାଉଳର ହେରଫେର ତଦନ୍ତ, ତତ୍କାଳୀନ ଅତିରିକ୍ତ ଉପଜିଲାପାଳ ରାଉତଙ୍କୁ ନବରଙ୍ଗପୁର ଆଣି ଦୁର୍ନୀତି ସହ ଜଡିତ ଲୋକଙ୍କ ଘରେ ଘରେ ବୁଲି ଜେରା, ଜିଲାଭିତ୍ତିକ ନିଯୁକ୍ତି ଦାବି କରାଯାଇଛି। ଏ ସବୁ ଅଣଦେଖା କଲେ ଜିଲା କଂଗ୍ରେସ ଆଇନ ଅମାନ୍ୟ ଆନ୍ଦୋଳନ କରିବ ବୋଲି ଜିଲା ସଭାପତି ତ୍ରିପାଠୀ କହିଛନ୍ତି।

## ଲୁନା-ଟ୍ରାକ୍ଟର ଧକ୍କା, ଚାଳକ ଗୁରୁତର

ବାଲିମେଲା,(ଶିବଦତ୍ତ ସାହୁ)-ବାଲିମେଲା-ଜୟପୁର ମୁଖ୍ୟ ରାସ୍ତା ଆପନମାଳା ଗ୍ରାମ ନିକଟ ଛକରେ ବୁଧବାର ଏକ ଲୁନାକୁ ଟ୍ରାକ୍ଟର ଧକ୍କା ଦେବାରୁ ଲୁନା ଚାଳକ ଗୁରୁତର ହୋଇଛନ୍ତି । ସେ ହେଲେ ଏମ୍‌ଭି ୩୮ ଗ୍ରାମର ଗୋପାଳ କର । ଟ୍ରାକ୍ଟର ନଂ ଓଡି ୧୦ ଟି୧୭୬୦ ଏବଂ ସେହି ରାସ୍ତା ଦେଇ ଯାଉଥିବା ଏକ ଲୁନା ନଂ ଓଡି ୩୦ଏ ୯୧୮୬ରେ ବାଜିବାରୁ ସେଠାରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ସ୍ଥଳରେ ଲୁନା ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକ ତାଙ୍କୁ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ଜଣାପଡ଼ିଛି ।

### ସଂକ୍ଷେପରେ

## ଲାଞ୍ଚ ନେଇ ରାଜସ୍ୱ ନିରୀକ୍ଷକ ଗିରଫ

ମାଲକାନଗିରି,୫।୭(ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ଜିଲା ସିନ୍ଧ୍ରମାଳ ସର୍କଲ ରାଜସ୍ୱ ନିରୀକ୍ଷକ ସୀମାଞ୍ଚଳ ସାହୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି । ପ୍ରକାଶ ଯେ, ଏୟାର ଷ୍ଟ୍ରିପ୍ ନିର୍ମାଣରେ ଜମି ହରାଇଥିବା ଗୌଡ଼ଗୁଡ଼ା ଗ୍ରାମର ମାୟାରାଣୀ ମଣ୍ଡଳଙ୍କୁ କ୍ଷତିପୂରଣ ବବାଦକୁ ୭ ଲକ୍ଷ ୩୧ ହଜାର ଟଙ୍କା ଦିଆଯିବାକୁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। କ୍ଷତିପୂରଣ ଅର୍ଥ ଦେବା ପାଇଁ ସିନ୍ଧ୍ରମାଳ ସର୍କଲ ରାଜସ୍ୱ ନିରୀକ୍ଷକ ସୀମାଞ୍ଚଳ ସାହୁ ହିତାଧିକାରୀ ମାୟାରାଣୀ ମଣ୍ଡଳଙ୍କୁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମହିଳା ଜଣଙ୍କ ଟଙ୍କା ପାଇବା ପରେ ସାହୁଙ୍କୁ ଦେବେ ବୋଲି କହିଥିଲେ। ବୁଧବାର ରାଜସ୍ୱ ନିରୀକ୍ଷକ ସାହୁ ଉକ୍ତ ମହିଳା ହିତାଧିକାରୀଙ୍କ ଘରକୁ ଯାଇ ୨୫ ହଜାର ଟଙ୍କା ଲାଞ୍ଚ ଆଣୁଥିବା ବେଳେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଟିମ୍ ହାତରେ ଧରା ପଡ଼ିଥିଲେ। ଟଙ୍କା ସହିତ ରାଜସ୍ୱ ନିରୀକ୍ଷକ ସାହୁଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଥିଲା। ଏନେଇ ନଂ.୨୦/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିବା ଭିଜିଲାନ୍ସ ଡିଏସ୍‌ପି ଏସ.କେ.ବିଶ୍ୱାଳ କହିଛନ୍ତି ।

## କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ବାଲିମେଲା ଗସ୍ତ

ବାଲିମେଲା,୫।୭ (ଶିବଦତ୍ତ ସାହୁ): ମାଲକାନଗିରି ଜିଲା ବାଲିମେଲା ସହରକୁ କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳ ସମ୍ପଦ ବିଭାଗ ମନ୍ତ୍ରୀ ଇଂ.ବିଶ୍ୱେଶ୍ୱର ଟୁଡୁ ବୁଧବାର ବାଲିମେଲା ସହରକୁ ଆସି ଥିବାରୁ ଭାଜପା କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଟୁଡୁ ବାଲିମେଲା ସହରର ଥିବା ଜଳ ବଦ୍ୟୁତ୍ କେନ୍ଦ୍ରରେ ଯନ୍ତ୍ରୀ ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିଲେ।

ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ବାଲିମେଲା ସହରରେ ପହଞ୍ଚି ପୋଟରୁ ଜଳସେଚନ ବିଭାଗ ଡାକ ବଙ୍ଗଳାରେ ରାତ୍ରିଯାପନ କରିବେ। ଗୁରୁବାର ସକାଳେ ବାଲିମେଲା ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପହଞ୍ଚି ସେଠାରେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ସାରିବା ପରେ ମୋଦି ସରକାରଙ୍କ ୯ ବର୍ଷ ସେବା ସୁଶାସନ ଏବଂ ଗରିବ କଲ୍ୟାଣ ପୂର୍ତ୍ତି ଅବସରରେ ଜନସମ୍ପର୍କ ଅଭିଯାନରେ ଘର ଘର ବୁଲି ଲିଫଲେଟ ବାଣ୍ଟିବା ସହ ଦଳୀୟ ନେତା ଓ କର୍ମୀଙ୍କ ସହ ଆଲୋଚନା କରିବେ। ଏହା ପରେ ଟୁଡୁ ଖଇରପୁଟଠାରେ ଏକ ଜନ ସମାବେଶରେ ଯୋଗ ଦେବେ ବୋଲି ଜିଲା ଭାଜପା ସଭାପତି ନିମାଇଁ ଚନ୍ଦ୍ର ପାଲ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ଓ ସୀମା ସୁରକ୍ଷା ବଳ ଯବାନଙ୍କ ପକ୍ଷରୁ ବାଲିମେଲା ସହର ସମେତ ବିଭିନ୍ନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

# ବିଜେଡିର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ

### ମାଲକାନଗିରି ଜିଲା

ମାଲକାନଗିରି,୫।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସରେ ଦଳ ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜୁ ଜନତା ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲା ବିଜୁ ଜନତା ଦଳ ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ସଭାପତିତ୍ୱରେ ଏହି ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗଦେଇ ଜିଲା ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କୁ ନେଇ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ବିଷୟରେ ସମୀକ୍ଷା କରିଛନ୍ତି। ବୈଠକକୁ ଜିଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ତଥା ଜିଲା ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା ପରିଚାଳନା କରିଥିବା ବେଳେ, ଜିଲା ସହ ପର୍ଯ୍ୟବେକ୍ଷକ ସାମୁଏଲ୍ ନାୟକ ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀ ୭ ବ୍ଲକର ସମସ୍ତ ପଞ୍ଚାୟତର ୱାର୍ଡସ୍ତରରେ ବିଜୁ ଜନତା ଦଳର ୱାର୍ଡ କମିଟି ଓ ବୁଥ୍ କମିଟି ଯଥା ଶୀଘ୍ର ଗଠନ କରିବା ପାଇଁ ରଣନୀତି ଉପସ୍ଥାପନ କରିଥିଲେ । ସେହିପରି ବୈଠକରେ ସମ୍ମାନିତ ଅତିଥି ଭାବରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ପୂର୍ବତନ ବିଧାୟକ ମାନସ ମାଡକାମୀ, ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଜିଲା ବିଜେଡି ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ଯୋଗଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟବେକ୍ଷକ ମୁନି ସାମନ୍ତରାୟ, ପର୍ଯ୍ୟବେକ୍ଷକ ପ୍ରସାଦ ବିଡିକା, ପର୍ଯ୍ୟବେକ୍ଷକ ବିଜିତ ସିଂଙ୍କ ସହ ଜିଲା ବିଜୁ ଜନତା ଦଳର ୭ ବ୍ଲକର ସମସ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷ ସମସ୍ତ ଜିଲା ପରିଷଦ ସଭ୍ୟା ସଭ୍ୟ, ସମସ୍ତ ଏମ୍‌ପି ପ୍ରତିନିଧି, ଦଳର ସମସ୍ତ ଜୋନ୍ ସଂଯୋଜକ, ସମସ୍ତ ବ୍ଲକ ସଭାପତି, ବିଜୁ ଯୁବ ଛାତ୍ର ଓ ମହିଳା ଜନତା ଦଳର ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତା ଏବଂ ସମସ୍ତ ବରିଷ୍ଠ ନେତା ଓ ଦଳୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।



ବିଜେଡି ଜିଲାସ୍ତରୀୟ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ ।

## ଘଡେଇ ଆବାସିକ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

ମାଲକାନଗିରି,୫।୭ (ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ସଦର ମହକୁମା ଘଡେଇ ଆବାସିକ ମହାବିଦ୍ୟାଳୟରେ କୃତୀ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସୁରେଶ ଚନ୍ଦ୍ର ଘଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଆଦିତ୍ୟ ମାଢୀ, ମୁଖ୍ୟ ବକ୍ତା ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ରହି ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଚଳିତ ବର୍ଷ ଏହି ଛାତ୍ରୀଛାତ୍ରମାନେ ଯୁକ୍ତ ୩ ପ୍ରଥମ ବର୍ଷରେ ନାମ ଲେଖାଇ ଥିବାରୁ ସେମାନଙ୍କୁ ମଧ୍ୟ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ଚଳିତ ବର୍ଷ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରୀଙ୍କୁ ମାନପତ୍ର ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ଜ୍ୟୋତ୍ସ୍ନାରାଣୀ ଗୌଡ ଭଲ ନମ୍ବର ରଖି ନବମ ସ୍ଥାନରେ ଥିବାରୁ ସ୍ୱତନ୍ତ୍ର ଭାବେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ, କମ୍ପ୍ୟୁଟର ଶିକ୍ଷା ସହ ଭଲ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।




ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର।

## ପୌର କାର୍ଯ୍ୟାଳୟରେ ଭଙ୍ଗାରୁଜା କଲେ ଭାଜପା କାଉନ୍‌ସିଲର

### ପୌର ନିର୍ବାହୀ ଅଧିକାରୀଙ୍କ ଅଫିସ କବାଟ କାଚ ଭାଙ୍ଗିଲେ

ନବରଙ୍ଗପୁର,୫।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌରାଞ୍ଚଳର ୧୬ ନମ୍ବର ଭାଜପା କାଉନ୍‌ସିଲର ଅମିତ ପ୍ରଧାନଙ୍କର ପୌର ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କ ସହ ମତାନ୍ତର ହେବାରୁ ସେ କାର୍ଯ୍ୟାଳୟର କବାଟ କାଚ ଭାଙ୍ଗିଦେଇଛନ୍ତି। କୌଣସି ଏକ ଠିକା କାମର ବିଲ୍‌କୁ ନେଇ ନିର୍ବାହୀ ଅଧିକାରୀଙ୍କ ସହ କଥା କଟାକଟି ହୋଇଥିଲା। ଏକ ଉନ୍ନୟନ କାର୍ଯ୍ୟର ବିଲ୍ କରୁନାହାନ୍ତି। ବିଲ୍ ବିଳମ୍ବ ଯୋଗୁ କୌଣସି କାମ ଆଗେଇପାରୁନାହିଁ ବୋଲି ଭାଜପା କାଉନ୍‌ସିଲରମାନେ କହିଛନ୍ତି । ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ ଭାଜପା ଦଳର। ତଥାପି ଭାଜପା କାଉନ୍‌ସିଲରମାନଙ୍କ କଥା ଏଠାରେ ରହୁନାହିଁ। ଭାଜପାର କାଉନ୍‌ସିଲରମାନେ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରୁଛନ୍ତି ବୋଲି ସେମାନେ କହିଛନ୍ତି। ୨ ଦିନ ପୂର୍ବେ ମଧ୍ୟ କାଉନ୍‌ସିଲରମାନେ ଏକ ଗଛକଟାଙ୍କୁ ନେଇ ପାଟିତୁଣ୍ଡ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କୁ ପଚାରିବାରୁ ଏହା ପରିବାରର ଘଟଣା। କାଉନ୍‌ସିଲ ବୈଠକରେ ବସି ସମାଧାନ କରଯାଇଛି। ଘଟଣାର ସମାଧାନ ହୋଇଯାଇଛି ବୋଲି ସେ କହିଛନ୍ତି।

## ବ୍ଲକସ୍ତରୀୟ ଜନଶୁଣାଣି: ୧୧୦ କାର୍ଯ୍ୟର ସମୀକ୍ଷା

କାଳିମେଲା, ୫।୭(ଜୀବନକୃଷ୍ଣ ଦାସ): ମାଲକାନଗିରି ଜିଲା କାଳିମେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବୁଧବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦଙ୍କ ଜରିଆରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଏଡିଏମ୍ ତ୍ରିନାଥ ମାଝି ଯୋଗଦେଇ ବ୍ଲକ ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସୋସିଆଲ ଅଡିଟର ସୁବ୍ରତ ସାମଲ କାଳିମେଲା ଏବିଡିଓ ବସନ୍ତ କୁମାର ବେହେରା, ଏମ୍‌ଜିଏନ୍‌ଆରଜିଏସ ଅଧିକାରୀ ସବ୍ୟସାଚୀ ଦାସ, ଲୋକପାଳ ସଦସ୍ୟ ସୁନାହର ପାଲ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୧୧୦ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏହି ଉପଲକ୍ଷେ ଭିଆରପି ସଦସ୍ୟଙ୍କ ଦ୍ୱାରା ପ୍ରତି ପଞ୍ଚାୟତର ସମୀକ୍ଷା କରାଯାଇଥିଲା । ଏହି ସମୀକ୍ଷା ସମୟରେ ବିଭିନ୍ନ ପଞ୍ଚାୟତର ଚାଲିଥିବା କିମ୍ବା କାର୍ଯ୍ୟ ସରିଥିଲେ ଏହାର କୌଣସି ରେକର୍ଡ ନ ଥିବା ଜଣାପଡିଛି। ଏଥିସହ ଅନେକ କାର୍ଯ୍ୟ ସରିଥିଲେ ସୁଦ୍ଧା ତାହାର କୌଣସି ସୂଚନା ଫଳକ ଲାଗି ନ ଥିବା ଅଭିଯୋଗ ହୋଇଛି । କାଙ୍ଗୁରୁକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଏମ୍‌ପିଭି ୩୪ ଗ୍ରାମରେ ନିର୍ମାଣ ହୋଇଥିବା ସୋକ୍ ପିଟ କାର୍ଯ୍ୟ ନିମ୍ନମାନର ଅଭିଯୋଗ ହୋଇଛି । ସେହିପରି ଭେଜାଙ୍ଗୀ ୱାର୍ଡା ପଞ୍ଚାୟତ ଅନ୍ତର୍ଗତ ଅରନମାଳା ଗ୍ରାମରେ ହୋଇଥିବା କାଜୁ ଚାରା ରୋପଣ କେନ୍ଦ୍ରକୁ ଅଡିଟ ଟିମ୍‌କୁ ଫିଲ୍ଡ ଭିତରକୁ ଯିବାକୁ ଦିଆ ଯାଇନଥିବା ଅଭିଯୋଗ ହୋଇଛି । ଏଥିସହ ଅନେକ ସ୍ଥାନରେ ଆର୍ଥିକ ଅନିୟମିତତା ସହ ନିୟମ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଥଲା ।


### OFFICE OF THE CHIEF DISTRICT AGRICULTURE OFFICER, SAMBALPUR
**(Corrigendum on Expression of Interest)**
Order No. 2338/Agril. Dated: 03.07.2023
No. L-52: Expression of Interest (EoI) is hereby invited from the interested organization for selection of Service Provider (i.e. Service Provider may be a NGO/Community Based Organizations like SHGs/Pani Panchayats/FIGs/CIGs/FPOs/Agro Service Centers) for implementation of Mechanized Direct Seeded Rice (DSR) under Sub-Scheme Promotion of Improved Package of Practices of the State Sector Scheme Crop Production Management in Dhankauda, Maneswar, Jujomura, Rengali, Rairakhol, Naktideul, Kuchinda, Jamankira & Bamra Blocks during 2023-24.
Last date for submission of application is 06th July 2023 by 3 P.M. by Registered Post/Speed Post/in Person in sealed cover which will be scrutinized & selected by the District Level Committee under the Chairmanship of the CDAO, Sambalpur on the same date at 4 P.M. in the Office of CDAO, Sambalpur.
Sd./- Chief District Agriculture Officer, Sambalpur
OIPR-15013/11/0015/2324



### ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
### OFFICE OF THE DIVISIONAL FOREST OFFICER CUM WILDLIFE WARDEN, ROURKELA FOREST DIVISION, ROURKELA, SUNDARGARH, ODISHA
Phone No.0661-2664637, Fax No.0661-2664638
e-mail: dfo.rourkela@odisha.gov.in
**AUCTION CALL NOTICE**
No.6152/5F-Offence/2023
Dated, Rourkela, the 3rd July, 2023
**No.MM-87:** Interested individual/firms are requested to participate in the auction sale of 2 (Two) nos. confiscated vehicles of Rourkela Forest Division "As is where is basis". The auction call documents can be obtained from Section Officer, Office of the Divisional Forest Officer, Rourkela Forest Division from Date 05.07.2O23 on working hour from 10.00 A.M. to 5.00 P.M on payment of Rs.200/- (Rupees two hundred) only or can be downloaded from the website www.odishaforest.in/ www.dforourkela.in/ www.sundargarh.nic.in. Those who will download the auction call documents shall have to pay the paper cost of Rs.200/- (Rupees two hundred) only by way of a non-refundable Demand Draft of any Nationalised Bank drawn in favour of the Divisional Forest Officer, Rourkela Forest Division payable at Rourkela.
Sd./-(Auction Calling Authority)
Divisional Forest Officer
Rourkela Forest Division
OIPR-08044/11/0005/2324



### GOVERNMENT OF ODISHA, "e"-PROCUREMENT NOTICE
### OFFICE OF THE SUPERINTENDING ENGINEER NAYAGARH (R&B) DIVISION, NAYAGARH
WORKS DEPARTMENT
TENDER CALL NOTICE
E-mail: pwdoffngd34@gmail.com
Bid Identification No. S.E.-Nayagarh (R&B) Division - Online 04/2023-24
No. B-425: The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Single Cover System in ONLINE MODE from eligible contractors for construction of Building work as detailed in the table below:
1. Nature of Work : Road Works
2. No. of Work : 8 Nos.
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt.07.07.2023 11.00 A.M. to Dt.17.07.2023 upto 5.00 P.M.
6. Date of Opening of Bid : Dt.18.07.2023 at 11.00 A.M.
7. They have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any Addendum/Corrigendum/Cancellation of tender can also be seen in the said website.
Sd./- Superintending Engineer
Nayagarh (R&B) Division, Nayagarh
OIPR-34138/11/0006/2324



### OFFICE OF THE PURI MUNICIPALITY, PURI
Letter No. 6387 Dated: 03.07.2023
**1st Corrigendum to Tender Call Notice No. 6022 Dt.23.06.2023**
No. C-710: The following additional Terms & Conditions are added along with the existing Terms & Conditions as mentioned in the said Notice.
1. The bidder must submit H.T./M.V. Licence along with tender documents.
2. The successful bidder shall be liable to maintain the street lights for a period of 02 years from the completion of the work, failing which the EMD deposited will be forfeited.
3. The amount of Initial Security Deposit to be deposited will be 02% of the tendered amount.
4. After completion of awarded work, the successful bidder should submit a Certificate from the Electrical Inspector, Bhubaneswar towards supply & erection of pole with fitting as per specification & satisfactory.

All other terms & conditions remain unchanged.
Sd./- Executive Officer
Puri Municipality, Puri
OIPR-13159/11/0019/2324



### GOVERNMENT OF ODISHA
### OFFICE OF THE SUPERINTENDING ENGINEER, RURAL WORKS DIVISION-I, BHADRAK
E-mail: ee_rwbdk@yahoo.com
**"e" Procurement Notice for Building Works**
**Bid Identification No.Online Tender 02 of 2023-24**
**No.O-304:** 1. Name of the Work : Building, 2. Total No. of Works : 1 No, 3. Estimated Cost : Rs.50.18 lakh, 4. Class of Contractor : "B" & "A" Class, 5. Period of Completion : As per Annexure, 6. Type of Tender: Double Cover, 7.Other Details:-

| Procurement Officer | Bid Identification No. | Availability of Tender online for bidding | | Date of seeking of Tender | Date & Time of Technical Opening of Tender | Date & Time of Financial Opening of Tender |
|---|---|---|---|---|---|---|
| | | From | To | | | |
| 1 | 2 | 3 | | 4 | 5 | 6 |
| Executive Engineer, Rural Works Division-I, Bhadrak | Online-2 of 2023-24 | 10.07.23 at 11.00 AM | 19.07.2023 at 4.00 PM | 19.07.2023 at 2.00 PM | 20.07.2023 At 11.00 AM | 27.07.2023 At 11.00 AM |

Further details can be seen from the e-procurement portal "https://tendersorissa.gov.in.
Sd./- Er. Kartikeswar Sahu
Executive Engineer, R.W. Division, Bhadrak
OIPR-25060/11/0002/2324



### OFFICE OF THE MEDICAL OFFICER I/C, CHC, SRIRAMCHANDRAPUR, DHENKANAL
Letter No.268, Date:5.7.23
**TENDER CALL NOTICE FOR HIRING OF VEHICLES**
**No.E-223:** Sealed proposals as per the prescribed RFP document are invited from interested eligible bidders (Private individuals / Tour operators / Travel Agency) for hiring & empanelment of vehicles for Block Programme Management Unit (BPMU) at Block CHC level on a monthly basis for implementation of the BPMU activities. The eligibility criteria, terms of reference and the formats for submission of bid are set forth in the RFP document, which can be downloaded from the website www.dhenkanal.nic.in. Interested bidders fulfilling the eligibility criteria may submit their proposals with EMD & documents as per RFP to the MO I/C of this CHC. The bidders have to submit their proposals with all required documents to the MO I/C, CHC, Sriramchandrapur, PO-Gondia , Dist- Dhenkanal, Pin- 759016 on or before dt. 26.07.2023 by 3 PM through Speed Post/Regd. Post/ Courier only. The opening date of tenders will be on 26.07.2023 at 3.30 PM at CHC. The undersigned reserves the right to reject any or all the proposals without assigning any reason thereof and is not responsible for any postal delay.
Sd./-Medical Officer I/C,
CHC, Sriramchandrapur, Dhenkanal
OIPR-10225/11/0001/2324



### idco | ODISHA NEW OPPORTUNITIES — OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR
No. CAD-1148
Tender Call Notice No. HO/CIVIL/T&E/E-4953/04/2023/20458 Dated: 03.07.2023
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
Name of the Work : Design, Engineering, Supply, Installation, Testing and Commissioning of LED Sports Flood Light System for retrofitting of existing light fixtures on existing High Mast Shafts including Operation & AMC for 05 years at Athletic-cum-Football Stadium in Kalinga Stadium Complex, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | CIVIL/ EST/07/2023-24 | From 17.00 hours of Dt.07.07.2023 | To 17.00 hours of Dt.24.07.2023 |

Further details can be seen from the e-Procurement Portal: **www.tendersodisha.gov.in**. Corrigendum or Addendum, if any will not be published in Newspapers and can be seen in e-Procurement portal as well as in IDCO Website.
OIPR-14003/11/0098/2324
Sd./- Chief General Manager (Civil), IDCO, Bhubaneswar



### ODISHA JOINT ENTRANCE EXAMINATION 2023 (OJEE 2023)
No: 298/OJEE Date: 04-07-2023
**NOTICE**
**No.h-10:** This is for the information of all concerned that OJEE Web-Based Counselling Process for admission to Technical Undergraduate Courses such as B. Tech, B. Arch, B. Plan, B. CAT and Integrated M.Sc. in different State Govt. and Pvt. Colleges/ Institutes/ Universities is going to start from 6th July, 2023 as per the following tentative schedule.
Interested candidates having JEEMAIN 2023 RANK interested to participate in the counselling process are advised to visit OJEE websites (www.ojee.nic.in/ www.odishajee.com). They are further advised to carefully go through the documents, "Counselling Brochure" and "Step-by-Step Procedure", available in the website to get detailed information about the entire counselling process.

**Tentative Schedule of Activity of B.TECH/B.ARCH*/B.PLAN/B.CAT/Int M.Sc Counselling, OJEE 2023**

| | DATE | DAY | TIME | ACTIVITY |
|---|---|---|---|---|
| Registration and Choice filling | 06th July, 2023 | Wednesday | 11PM | Candidate registration/choice filling for BTECH/BARCH*/BPLAN/BCAT/Int M.Sc programs under OJEE Starts |
| | 12th July, 2023 | Wednesday | 5PM | Display of Mock Seat Allotment based on choices filled-in by the candidates as on 10th July, 2023, 5.00 PM. |
| | 14th July, 2023 | Friday | 11: 30AM | Choice lock facility Activation using Candidate password Starts |
| | 15th July, 2023 | Saturday | 11: 59PM | **End of Registration and Choice locking** |
| | 16th July, 2023 - 18th July, 2023 | Sunday - Tuesday | By 5 PM | Reconciliation of data, verification and validation of allocated seats |
| Round-1 Activities | 19th July, 2023 | Wednesday | By 5 PM | **Display of Allotment: Round - 1** |
| | 19th July, 2023 - 23rd July, 2023 | Wednesday - Sunday | By 11:59PM 23rd July, 2023 | Online reporting: fee payment/ document upload / response by candidate to query (if required) (Round I)/ Exercise Freeze/ Float option. |
| | 25th July, 2023 | Tuesday | By 5PM | Last day to respond to query (Round 1) |
| | 20th July, 2023 - 25th July, 2023 | Thursday - Tuesday | By 5PM | Withdrawal of seats / Exit from seat allocation process (Once fee paid will be eligible for withdraw, if wish to exit from the counselling process) |
| | 26th July, 2023 - 27th July, 2023 | Wednesday - Thursday | | Reconciliation of data, verification and validation of allocated seats |
| Round-2 Activities | 31st July, 2023 | Monday | By 5 PM | **Display of Allotment: Round - 2** (Up-gradation Round) |
| | 1st August, 2023 - 5th August, 2023 | Thursday - Tuesday | Till 5th Aug, 2023, 11:59 PM | **Registration/Choice filling and locking for 2nd OJEE/Special OJEE B. TECH rank holders/ JEE main rank holders not registered earlier** |
| | 31st July, 2023 - 2nd Aug, 2023 | Monday -Wednesday | By 5: 00 PM | Online reporting: Part Admission cum Seat Confirmation Fee payment /Document upload, Exercise Freeze/Float option. (For newly allotted candidates Only in Round-2) |
| | 31st July, 2023 - 3rd Aug, 2023 | Monday -Thursday | By 5: 00PM | Withdrawal of seats / Exit from seat allocation process |
| | 4th Aug, 2023 | Friday | By 5:00 PM | Last day to respond to query (Round-2) |
| | 5th Aug, 2023 | Saturday | | Reconciliation of data, verification and validation of allocated seats |
| Round-3 Activities | 8th Aug, 2023 | Tuesday | By 5:00 PM | **Display of Allotment: Round - 3** (Up-gradation Round) |
| | 8th Aug, 2023 - 10th Aug, 2023 | Tuesday -Thursday | By 5: 00 PM | Online reporting: Part Admission cum Seat Confirmation Fee payment /Document upload, Exercise Freeze/Float option. (For newly allotted candidates Only) |
| | 8th Aug, 2023 - 10th Aug, 2023 | Tuesday -Thursday | By 5: 00PM | Withdrawal of seats / Exit from seat allocation process (Once fee paid will be eligible for withdraw, if wish to exit from the counselling process) |
| | 14th August, 2023 | Monday | By 5: 00 PM | **Final Allotment** |
| | 14th August, 2023 - 15th August, 2023 | Monday-Tuesday | | Online reporting: Part Admission cum Seat Confirmation Fee payment / Document upload. (For newly allotted candidates Only) All newly allotted candidates can only able to download their final allotment letter after completing fee payment and document verification. |

**All Candidates paid Part Admission cum Seat Confirmation Fee payment and verified their documents can download the final allotment letter and report to the finally allotted Institute/College as per the schedule. Failing which the allotment will be cancelled and the vacant seats will be filled in Institute/College level admission.**
*For Admission to B.ARCH course Candidates must have JEEMAIN Paper-II rank along with NATA 2023 score.
Sd./- Chairman
OIPR-14020/11/0009/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୬ ଜୁଲାଇ, ୨୦୨୩



## ସଂକ୍ଷେପରେ

### ରାଜେନ୍ଦ୍ରଙ୍କୁ ମିଳିଲା ୫ମ ଲେଭଲ ଡାନ୍ ବ୍ଲାକ୍ ବେଲ୍ଟ



ସୁନାବେଡ଼ା/ସେମିଲିଗୁଡ଼ା, ୫।୭(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼ ): ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଜୁଲାଇ ୧ ଓ ୨ରେ ଆଡଭାନ୍ସ କୁମିତେ ସେମିନାର ହୋଇଥିଲା। ଉତ୍କଳ କରାଟେ ଆସୋସିଏଶନର ମୁଖ୍ୟ ଡ. ହରି ପ୍ରସାଦ ପଟ୍ଟନାୟକ ଏହି ସେମିନାର ଆୟୋଜନ କରିଥିଲେ। ଏଥିରେ ବିଶ୍ୱ କରାଟେ ସଂସ୍ଥାର ଏକଜିକ୍ୟୁଟିଭ କମିଟି ସଭ୍ୟ ଓ ଭାରତୀୟ କରାଟେ ସଂଘର ମେଣ୍ଟର ହାନ୍ସି ଭାରତ ଶର୍ମା ଶିକ୍ଷାଦାନ କରିଥିଲେ। ଏଥିରେ ସେମିଲିଗୁଡ଼ାସ୍ଥିତ ଉତ୍କଳ କରାଟେ ସ୍କୁଲର ୧୧ କରାଟେକା ଭାଗ ନେଇଥିଲେ। ସେନସେଇ ରାଜେନ୍ଦ୍ର କେଶରୀ ସାମଲଙ୍କ କୁମିତେ (ଫାଇଟ) ଟ୍ରେନିଂରେ ବିଭିନ୍ନ ପ୍ରତିଭା ଦେଖି କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ପକ୍ଷରୁ ତାଙ୍କୁ ପଞ୍ଚମ ଗ୍ରେଡ୍‌ର ଡାନ୍ ବ୍ଲାକ୍ ବେଲ୍ଟ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ତାଙ୍କର ଏହି ସ୍ୱତନ୍ତ୍ର ଶିକ୍ଷା ପାଇଁ ହାନ୍ସି ଭାରତ ଶର୍ମା, ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରୀ ମହାନ୍ତି ରାଜେନ୍ଦ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସ୍ୱାସ୍ଥ୍ୟ ବିଭାଗ ନୂଆ କୋଠାକୁ ନେଇ ବଦଳୁଛି ଯୋଜନା



ବୈପାରିଗୁଡ଼ା,୫।୭(କଳ୍ପତରୁ ମହାନ୍ତି): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ନୂତନ କୋଠା ନିର୍ମାଣକରି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ବ୍ୟବସ୍ଥା କରୁଛନ୍ତି। ମାତ୍ର କେତେକ କ୍ଷେତ୍ରରେ ଏହା ବିଫଳ ହେଉଛି। କେତେଜଣ ଅଧିକାରୀଙ୍କ ଭିନ୍ନ ଭିନ୍ନ ଯୋଜନା ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନରେ ପ୍ରତିବନ୍ଧକ ସାଜୁଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ବୈପାରିଗୁଡ଼ାରେ ସ୍ୱାସ୍ଥ୍ୟସେବା ଲାଗି ନବନିର୍ମିତ କୋଠା କ୍ଷେତ୍ରରେ। ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ବୈପାରିଗୁଡ଼ା ବ୍ଲକରେ ଚାଲିଥିବା ନୂତନ କୋଠା ନିର୍ମାଣ ୬ ମାସ ତଳେ ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟ ଗେଟ୍‌ରେ ଫଳକ ମଧ ଲାଗିଛି। ପୂର୍ବରୁ ଏଠାରେ ଥିବା ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏଠାରୁ ପ୍ରାୟ ୧ କି.ମି. ଦୂର କୁନ୍ଦୁରା ରାସ୍ତାକୁ ସ୍ଥାନାନ୍ତର କରାଯାଇ ଏଠାରେ ଏହି ନୂତନ କୋଠା ନିର୍ମାଣ କରାଯାଇଛି। ଏବେ ଏଠାକୁ କୁନ୍ଦୁରା ରାସ୍ତାରେ ଚାଲିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରିବାକୁ ଯୋଜନା ଚାଲିଛି। ତେବେ କୁନ୍ଦୁରା ରାସ୍ତାରେ ଚାଲିଥିବା ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନର ଭବିଷ୍ୟତ କ'ଣ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଧିରାଜ ସାହୁଙ୍କୁ ପଚାରିବାରୁ ସେ କହିଲେ, କୁନ୍ଦୁରାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏଠାକୁ ସ୍ଥାନାନ୍ତର କରାଯିବ। ନୂଆ ବିଲ୍ଡିଂରେ ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିବ। କୁନ୍ଦୁରାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନକୁ ଏପିଡେମିକ୍ କେୟାର ସେଣ୍ଟରରେ ପରିଣତ କରାଯିବ ବୋଲି ସେ କହିଥିଲେ। ଅନ୍ୟ ପକ୍ଷରେ ଶିଶୁମାତୃ ସ୍ୱାସ୍ଥ୍ୟକେନ୍ଦ୍ର ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଶାଇଲେ ମା' ଓ ଶିଶୁମାନଙ୍କ ସୁରକ୍ଷିତ ଚିକିତ୍ସାରେ ସମସ୍ୟା ଉପୁଜିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

### ଘାସିଗୁଡ଼ାରେ ଅବକାରୀ ଚଢ଼ାଉ

ଜୟପୁର,୫।୭ (ପବନ ପାଣିଗ୍ରାହୀ): ଜୟପୁର ସଦର ଥାନା ଅନ୍ତର୍ଗତ ଘାସିଗୁଡ଼ାରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମଦ ବ୍ୟବସାୟୀମାନେ ନିକଟସ୍ଥ ଜଙ୍ଗଲରେ ଲୁଚାଇ ରଖିଥିବା ୧୨ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି। ତେବେ ଏହି ଚଢ଼ାଉ ପୂର୍ବରୁ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ମଦରନ୍ଧା ସରଞ୍ଜାମ ଜବତକରି କର୍ମଚାରୀମାନେ ଫେରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

# ଜିଲାରେ ପ୍ରତିଷ୍ଠା ହେବ ୧୦ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ: ଟୁଡୁ

ପଟ୍ଟାଙ୍ଗି/ଲକ୍ଷ୍ମୀପୁର,୫।୭
(ଶରତ ଧଳ/ଅନନ୍ତ ନାୟକ)





ପଟ୍ଟାଙ୍ଗିରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଆବାସିକ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

- ଏବେ ପଟ୍ଟାଙ୍ଗି, ଲକ୍ଷ୍ମୀପୁର ଓ କୋଟପାଡ ବ୍ଲକରେ ହେଲା ଭିତ୍ତିପ୍ରସ୍ତର ସ୍ଥାପନ
- ଉଡୁଥିବା ଦଳୀୟ ପତାକାକୁ କାଢ଼ିଦେଲେ ଜିଲା ସଭାପତି
- ଏମ୍‌ପି, ବିଧାୟକ ସହ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଉପେକ୍ଷା

କେନ୍ଦ୍ର ଆଦିବାସୀ କଲ୍ୟାଣ ତଥା ଜଳସମ୍ପଦ ବିଭାଗ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କୋରାପୁଟ ଜିଲା ଗସ୍ତରେ ଆସି ବୁଧବାର ଜିଲାର ୩ଟି ବ୍ଲକରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ସହ ଦଳୀୟ କର୍ମୀଙ୍କ ସହିତ ଆଲୋଚନା କରିଛନ୍ତି। ଜିଲା ମୁଖ୍ୟାଳୟରୁ ସେ ପ୍ରଥମେ ପଟ୍ଟାଙ୍ଗି ବ୍ଲକ ଗସ୍ତ କରି ଗାଙ୍ଗରଜପୁର ପଞ୍ଚାୟତର ଚିନ୍ତାଲଗୁଡା ଗ୍ରାମ ନିକଟରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଜିଲା ପ୍ରଶାସନ ଏଥିପାଇଁ ଯୋଗାଇ ଦେଇଥିବା ୧୪ ଏକର ଜମିକୁ ବୁଲି ଦେଖିଥିଲେ। ଏଠାରୁ କାର୍ଯ୍ୟକ୍ରମ ସାରି ସେ ଲକ୍ଷ୍ମୀପୁର ଓ କୋଟପାଡ ଗସ୍ତ କରି ସେଠାରେ ମଧ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏନେଇ ପଟ୍ଟାଙ୍ଗିରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଟୁଡୁ କହିଲେ, ଏହି ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ସିବିଏସଇ ପାଠ୍ୟକ୍ରମରେ ଶିକ୍ଷାଲାଭ କରି ଆଦିବାସୀ ଅଞ୍ଚଳର ଛାତ୍ରୀଛାତ୍ରମାନେ ଉପକୃତ ହେବେ। ଗୋଟିଏ ଲେଖାଏ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ୪୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଧାର୍ଯ୍ୟ କରିଛନ୍ତି ବୋଲି ପ୍ରକାଶ କରି ସେ କହିଲେ, ଆଗାମୀ ଦିନରେ କୋରାପୁଟ ଜିଲାର ୧୦ଟି ବ୍ଲକରେ ଏପରି ବିଦ୍ୟାଳୟମାନ ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି। ପଟ୍ଟାଙ୍ଗି ବ୍ଲକରେ ସ୍ଥାପନ ହେବାକୁ ଥିବା ଉକ୍ତ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଦେଢ଼ରୁ ଦୁଇ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଟୁଡୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, କେନ୍ଦ୍ର ସରକାର ୪୫ଟି ବିଭାଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି ଏଥିପାଇଁ ରାଜ୍ୟ ସରକାରଙ୍କୁ ଅନୁଦାନ ପ୍ରଦାନ କରୁଛନ୍ତି। ମାତ୍ର ରାଜ୍ୟ ସରକାର କେନ୍ଦ୍ର ଯୋଜନାଗୁଡିକୁ ନିଜ ନାମରେ ନାମିତ କରି ରାଜ୍ୟରେ ପ୍ରଚାର କରି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ ଏଥିରେ ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ଜିଲା ପରିଷଦ ସଭ୍ୟା ଏବଂ ପଞ୍ଚାୟତର ସରପଞ୍ଚଙ୍କୁ ଅଣଦେଖା କରାଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଦଳୀୟ କାର୍ଯ୍ୟକ୍ରମରେ ପରିଣତ ହୋଇଛି ବୋଲି ଜିଲା ପରିଷଦ ସଭ୍ୟା ଟିଙ୍କାଇ ଗେମେଲ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମ ଆୟୋଜନ ଦାୟିତ୍ୱରେ ଥିବା ଜିଲା ମଙ୍ଗଳ ବିଭାଗ ଏବଂ ଆଇଟିଡିଏ କିପରି ସ୍ଥାନୀୟ ଜନନେତାମାନଙ୍କୁ ଅଣଦେଖା କଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନାମଫଳକରେ ଏମ୍‌ପି ସପ୍ତଗିରି ଉଲ୍ଲାକା ଓ ବିଧାୟକ ପିତମ ପାଢ଼ୀଙ୍କ ନାମ ଲେଖି ଆୟୋଜକ ୨ ବିଭାଗ ନିଜ ଦାୟିତ୍ୱ ତୁଟାଇ ଦେଇଥିଲେ ମଧ ଏମ୍‌ପି ଏବଂ ବିଧାୟକଙ୍କୁ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରିବା ଭୁଲିଯାଇଛି।

ଏ ସମ୍ପର୍କରେ ବିଧାୟକ ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯେହେତୁ ଏହା ସରକାରୀ କାର୍ଯ୍ୟକ୍ରମ ଥିଲା ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଏମ୍‌ପି ଓ ବିଧାୟକଙ୍କୁ ଜଣାଇବା ନିହାତି ଆବଶ୍ୟକ ଥିଲା ବୋଲି କହିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପଜିଲାପାଳ ବେଣୁଧର ଶବରା, ପିଏ ଆଇଟିଡିଏ କାରୁ ସୋରେନ,ଡିଡବ୍ଲ୍ୟୁଓ ସୁନୀଲ ତାଣ୍ଡି, ବିଡବ୍ଲ୍ୟୁଓ ଅନିଲ ସେଠୀ, ଭାଜପାର ରାଜ୍ୟ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଗୌତମ ସାମନ୍ତରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା ନାୟକ, ବ୍ଲକ ମଣ୍ଡଳ ସଭାପତି ନରସିଂହ ବାଙ୍କା, ପଟ୍ଟାଙ୍ଗି ମଣ୍ଡଳ ପ୍ରଭାରୀ ଚୈତନ୍ୟ ହନ୍ତାଳ, ପୂର୍ବତନ ଜାତୀୟ ସଦସ୍ୟ କୃଷ୍ଣଚନ୍ଦ୍ର ଜାନି , ଜୋନ-୨ ପ୍ରଭାରୀ ଟି.ଗୋପାଳ ରାଓ, ଜିଲା ହରିଜନ ମୋର୍ଚ୍ଚା ଉପ ସଭାପତି ପୂର୍ଣ୍ଣ ବାଙ୍କା, ଜିଲା କୃଷକ ମୋର୍ଚ୍ଚା ସଭାପତି ଭଗବାନ ମୁଦୁଲି, ନନ୍ଦପୁର ମଣ୍ଡଳ ସଭାପତି ଜୟରାମ ଭୋଇ, ଯୁବ ସଙ୍ଗଠକ ରଞ୍ଜିତ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କାର୍ଯ୍ୟକ୍ରମ ବେଳେ ସଭାମଞ୍ଚ ନିକଟରେ ଦଳୀୟ ପତାକା ଲାଗିଥିବା ଦେଖି ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ ତରବରରେ ପତାକା କାଢି ଦେଇ ଏହା ଲଗାଇଥିବା କର୍ମୀମାନଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ।

ଲକ୍ଷ୍ମୀପୁରରେ କେନ୍ଦ୍ରମନ୍ତ୍ରୀଙ୍କ ହୋଇଥିବା ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ମାଧବ ଭତ୍ରା, ଉପସଭାପତି ନକୁଳ ବିଷୋୟୀ ରବି ପାଢ଼ୀ, ଉଦୟ ହିକକା, ଅନନ୍ତ ହୁଇକା, ଭୁବନ ଜାନି,ଶିବ ମୁଦୁଲି, ମନୋଜ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## କୋରାପୁଟରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା

କୋରାପୁଟ,୫।୭(ଅମିତାଭ ବେହେରା)

କୋରାପୁଟ ଗସ୍ତରେ ବୁଧବାର ଆସିଥିବା କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କୋରାପୁଟ ଷ୍ଟେଶନଠାରେ ପହଞ୍ଚିବା ପରେ ସେଠାରେ ଜିଲା ଭାଜପା ସଭାପତିଙ୍କ ସହ ବହୁ ନେତା, କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସେ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ପହଞ୍ଚି ସେଠାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନକାଳର ୯ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ବିକାଶରୁ ଲୋକେ କେତେ ସୁଫଳ ପାଇଛନ୍ତି ସେନେଇ ସେ ଅନୁଧ୍ୟାନ ଲାଗି ଜିଲାର ବିଭିନ୍ନ ଗ୍ରାମ ପରିଦର୍ଶନରେ ଆସିଥିବା କହିଥିଲେ। କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ନିଜ ଯୋଜନା ବୋଲି ଲୋକଙ୍କୁ ବିଭ୍ରାନ୍ତ କରି କରୁଥିବା ସବୁ କାର୍ଯ୍ୟ ସମ୍ପର୍କରେ ଲୋକେ ସତ କ'ଣ ବୁଝି ସାରିଲେଣି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ସେମାନେ ଏହାର ଉଚିତ ଜବାବ ଦେବେ ବୋଲି କେନ୍ଦ୍ର ମନ୍ତ୍ରୀ ଟୁଡୁ ପ୍ରକାଶ କରିଥିଲେ। ସେ ପୁଣି ସୂଚନା ଦେଇ କହିଲେ, କେନ୍ଦ୍ର ସରକାର ରାଜ୍ୟରେ ୮୭ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁମୋଦନ କରିଛନ୍ତି। ସେଥିରୁ ୫୦ଟିର ଭୂମିପୂଜନ କାର୍ଯ୍ୟ ଶେଷ ହୋଇଛି। ବୁଧବାର କୋରାପୁଟ ଜିଲାରେ ୩ଟି ବିଦ୍ୟାଳୟର ଭୂମିପୂଜନ କାର୍ଯ୍ୟକ୍ରମ ଥିବା ବେଳେ ଗୁରୁବାର ନବରଙ୍ଗପୁର ଓ ମାଲକାନାଗିରି ଜିଲା ଗସ୍ତରେ ଯିବାର ତାଙ୍କ କାର୍ଯ୍ୟକ୍ରମ ରହିଥିବା କେନ୍ଦ୍ରମନ୍ତ୍ରୀ ଆଲୋଚନା ବେଳେ କହିଥିଲେ।

# ଜବରଦଖଲ ଉଚ୍ଛେଦ କଲା ପୌର ପ୍ରଶାସନ

ଜୟପୁର, ୫।୭(ପବନ ପାଣିଗ୍ରାହୀ )

ଜୟପୁର ପୌର ପାଳିକା ପକ୍ଷରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପୌରାଞ୍ଚଳର ପୁରଣାଗଡ ରାସ୍ତାରେ ହୋଇଥିବା ଜବରଦଖଲ ଉଚ୍ଛେଦ ହୋଇଥିବା ଦେଖିବାକୁ ମିଳିଛି। ଏନେଇ ପୂର୍ବରୁ ପୁରୁଣାଗଡ ସାହିବାସିନ୍ଦା ଏକାଠି ହୋଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଭେଟି ପୁରୁଣାଗଡ ଅଞ୍ଚଳର ଜଣେ ବ୍ୟକ୍ତି ଜବରଦଖଲ କରି ସରକାରୀ ଜାଗାରେ ଘର ନିର୍ମାଣ କରିଥିବା ଅଭିଯୋଗ କରିଥିଲେ। ପରେ ନିର୍ବାହୀ ଅଧିକାରୀ ପଟ୍ଟନାୟକ ପୁରୁଣାଗଡ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ମାପ ଚୁପ କରି ଜବରଦଖଲ ଉଚ୍ଛେଦ କରିଥିଲେ। ଲୋକଙ୍କ ଅଭିଯୋଗକ୍ରମେ ଏହି ଉଚ୍ଛେଦ କରାଯାଇଥିବା ପଟ୍ଟନାୟକ କହିଛନ୍ତି ।



ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଡିଆଇସି ମ୍ୟାନେଜରଙ୍କ ଗାଡି ଉପରକୁ ଢେଲାମାଡ

ବୈପାରିଗୁଡା,୫।୭ (କଳ୍ପତରୁ ମହାନ୍ତି)

କୋରାପଟ ଡିଆଇସି ଅଫିସ୍ ମ୍ୟାନେଜରଙ୍କ ଗାଡି ଉପରକୁ ଜଣେ ଯୁବକ ବୁଧବାର ଢେଲାମାଡ଼ କରିଛନ୍ତି। ଏଥିରେ ତାଙ୍କ ଡ୍ରାଇଭରଙ୍କ ମୁଣ୍ଡ ଫାଟିଛି। ଖବରରୁ ଜଣାପଡିଛି, ସନ୍ଧ୍ୟାରେ ଡିଆଇସି ମ୍ୟାନେଜର ଚିନ୍ମୟ ପରିଡା କୌଣସି କାମରେ ମାଲକାନାଗିରି ଯାଇ ଫେରୁଥିବା ବେଳେ ବୈପାରିଗୁଡା ଥାନା ଅନ୍ତର୍ଗତ ମନ୍ତ୍ରିଆମ୍ବ ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ତାଙ୍କ ଗାଡି ଉପରକୁ ଢେଲାମାଡ଼ ହୋଇଥିଲା। ସେଠାରେ ୨ ଜଣ ବାଇକ୍ ଆରୋହୀ ପହଞ୍ଚି ସେମାଙ୍କ କାରକୁ ଅଟକାଇ ଜଣେ ବାଇକ୍ ଆରୋହୀ ତାଙ୍କୁ ଜୟପୁର ପର୍ଯ୍ୟନ୍ତ ଲିଫ୍ଟ ଦେବାକୁ କହିଥିଲେ। ମାତ୍ର ଡ୍ରାଇଭର ମୁନା ନାୟାର ମନା କରିଥିଲେ। ପରେ ଯୁବକଦ୍ୱୟ କାର ସାମନାକୁ ଆସି ଢେଲା ମାରିଥିଲେ ବୋଲି ନାୟାର କହିଛନ୍ତି। ଢେଲା ମାଡ଼ରେ ଡ୍ରାଇଭର ନାୟାରଙ୍କ ମୁଣ୍ଡ ଫାଟିଯାଇଛି। ସୂଚନା ଯୋଗ୍ୟ, ଏହା ଏକ ପ୍ରାଇଭେଟ୍ ଗାଡି। ଭଡା ସୂତ୍ରରେ ଅଫିସ୍ କାମରେ ଲାଗିଛି। ଗାଡିରେ କୌଣସି ସରକାରୀ ନାମଫଳକ ଲାଗିନାହିଁ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



ଆହତ ଡ୍ରାଇଭର

# ନାଟକ ମଞ୍ଚସ୍ଥ କରି କଲେ ସଚେତନ

ଜୟପୁର,୫।୭(ପବନ ପାଣିଗ୍ରାହୀ)

### ଟିପିଏସ୍‌ଓଡିଏଲର ବୈଦ୍ୟୁତିକ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଟି.ପି . ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡ ପକ୍ଷରୁ ଜନ୍ ୨୬ରୁ ଚାଲିଥିବା ଚତୁର୍ଥ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏନେଇ ଜୟପୁର ଟାଉନ ହଲ୍‌ଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚଳିତବର୍ଷ ଏହି ସୁରକ୍ଷା ସପ୍ତାହର ବିଷୟ ବସ୍ତୁ 'ବୈଦ୍ୟୁତିକ ସୁରକ୍ଷା: ଏହା ସହ ବୁଝାମଣା ନୁହେଁ, ଠିକ ଜ୍ଞାନ ଆବଶ୍ୟକ' ଥିଲା। ଜୟପୁର ବିଦ୍ୟୁତ ମଣ୍ଡଳର ଡିଜିଏମ୍ ମନ୍ମଥ ନାଥ ମିଶ୍ର, ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ଓ ଜିଆରଏଫର ଅଧକ୍ଷ ଟି . ତପନ ରଶ୍ମି ସୁବୁଦ୍ଧି ଓ ଜିଇପ୍ରୋର ନିର୍ବାହୀ ଯନ୍ତ୍ରୀ ହୃଦୟ ବଲ୍ଲଭ ପ୍ରଧାନ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ବିଭାଗୀୟ କର୍ମଚାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସୁରକ୍ଷା ଅଧିକାରୀ ପ୍ରମୋଦ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉଦ୍‌ଯାପନୀ ଉତ୍ସବକୁ ସନ୍ତୋଷ ମହାନ୍ତି ପରିଚାଳନା କରିଥିଲେ। ପରେ ବୈଦ୍ୟୁତିକ ସୁରକ୍ଷାକୁ ନେଇ ନାଟ୍ୟକାର ଇଂ. ସୌମ୍ୟ ରଞ୍ଜନ ଲେଙ୍କାଙ୍କ ଏକ ସଚେତନତାମୂଳକ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ସୁରଜିତ୍ ସ୍ୱାଇଁ, ରଶ୍ମି ସାହୁ, ଅଶୋକ ସ୍ୱାଇଁ, ଶିବ ଶଙ୍କର ପଟ୍ଟନାୟକ,ସନାତନ ସ୍ୱାଇଁ ଅଭିନୟ କରିଥିଲେ। ଉପସ୍ଥିତ ଅନ୍ୟ ଅଧିକାରୀମାନେ ହେଲେ ବିଶ୍ୱଜିତ୍ ମେଣ୍ଡୁଲି, ପରିମଳ ପଲ, ରାଜେଶ ସାହୁ,ସନ୍ଦିପ ପଟ୍ଟନାୟକ,ଚନ୍ଦ୍ରକାନ୍ତ ମହାନ୍ତି,ସୁଶୀଲ ନାୟକ, ସନ୍ତୋଷ ପୃଷ୍ଟି ,ରାକେଶ ତ୍ରିପାଠୀ,ରଞ୍ଜନ ମଲ୍ଲିକ।

# କୋରୁକୋଣ୍ଡା ଲ୍ୟାମ୍ପସ୍ ପରିଚାଳନା ପରିଷଦ ବୈଠକ



ଲ୍ୟାମ୍ପସ୍ ବୈଠକରେ ଲୋକଙ୍କ ସହ ଆଲୋଚନା କରାଯାଉଛି ।

ବାଲିମେଳା, ୫।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ଥିବା ଲ୍ୟାମ୍ପ କାର୍ଯ୍ୟାଳୟ ପରିସରରେ ଆଜି ସକାଳେ ଲ୍ୟାମ୍ପ ଅଧକ୍ଷ ସାଲୁ ଖିଲଙ୍କ ଅଧ୍ୟକ୍ଷତାରେ ଲ୍ୟାମ୍ପ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲ୍ୟାମ୍ପସ୍ ଉପାଧକ୍ଷା ପଦ୍ମିନୀ ଖିଲଙ୍କ ସମେତ ସଦସ୍ୟ ତ୍ରିଲୋଚନ ଚୌଧୁରୀ, ପଦ୍ମନାଭ ମାଡକାମୀ, ମନୋରଞ୍ଜନ ସାହୁ, ରାଧିକା ଦିଶାରୀ, ଯୁଧିଷ୍ଠିର ବେହେରା, ଏସ. ମହେଶଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା ଓ ଲ୍ୟାମ୍ପସ୍ କର୍ମଚାରୀ ଉପସ୍ଥିତ ଥିଲେ। ଏହି ବୈଠକକୁ କୋରୁକୋଣ୍ଡା ଲ୍ୟାମ୍ପସ୍ ଏମ୍‌ଡି ଅଭିମନ୍ୟୁ ହାଲୁଆ ପରିଚାଳନା କରିଥିଲେ। ପୂର୍ବ ବୈଠକର ବିବରଣୀ ପାଠ କରାଯିବା ସହ ଅନୁମୋଦନ କରାଯାଇଥିଲା। ଚଳିତ ବର୍ଷ କିଭଳି ଭାବେ ଚାଷୀଙ୍କୁ ବିହନ,ସାର ଏବଂ ଋଣ ସୁଚାରୁ ରୂପେ ଯୋଗାଇ ଦିଆଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏଥି ସହ ଆଗାମୀ ଦିନରେ ହେବାକୁ ଥିବା ଧାନ ମଣ୍ଡି ପାଇଁ ଉପଯୁକ୍ତ ଚାଷୀଙ୍କ ନାମ ପଞ୍ଜୀକରଣ, କମ୍ପ୍ୟୁଟରୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଦୀର୍ଘ ବର୍ଷ ଧରି ଲ୍ୟାମ୍ପସ୍ କାର୍ଯ୍ୟାଳୟ ଗୃହ ଛାତରୁ ବର୍ଷା ଦିନେ ପାଣି ଗଳି ଜରୁରୀ ଫାଇଲ ଓ କାଗଜପତ୍ର ନଷ୍ଟ ହେଉଛି। ବର୍ଷା ଦିନ ଅଫିସ କାର୍ଯ୍ୟରେ ବାଧା ଉପୁଜିଛି। ମରାମତି କରାଯାଉ ନ ଥିବାରୁ ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ଛାତ ଉପରେ ପଲିଥିନ ପକାଇ ଅଫିସ କାର୍ଯ୍ୟ କରୁଛନ୍ତି। କୋରୁକୋଣ୍ଡାରେ ଏକ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ କରିବା ସହ ପୁରୁଣା କୋଠାକୁ ତୁରନ୍ତ ମରାମତି ନିମନ୍ତେ ବୈଠକରେ ଥିବା ସମସ୍ତ ସଭ୍ୟା ସଭ୍ୟ ଦାବି କରିଥିଲେ। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ଲ୍ୟାମ୍ପସ୍ ଅଧକ୍ଷ ସାଲୁ ଖିଲ କହିଥିଲେ।

# ଡାକ କର୍ମଚାରୀଙ୍କ ନିଖୋଜ ନେଇ ପରିବାର ଲୋକେ ଦେଲେ ଏତଲା

କୋରାପୁଟ/ସୁନାବେଡା,୫।୭
(ଅମିତାଭ ବେହେରା/ କୃତିବାସ ପ୍ରଧାନ)

ସେମିଲିଗୁଡା ଡାକଘର କର୍ମଚାରୀ ପି.ସନ୍ତୋଷ କୁମାର ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ହୋଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ବୁଧବାର ସୁନାବେଡା ଥାନାରେ ଅଭିଯୋଗ କରାଯାଇଛି। କୋରାପୁଟ ଗାନ୍ଧୀନଗର ଅଞ୍ଚଳରେ ରହୁଥିବା ସନ୍ତୋଷ (୩୫) ମଙ୍ଗଳବାର ପୂର୍ବାହ୍ନରେ ସେ କାର୍ଯ୍ୟ କରୁଥିବା ସେମିଲିଗୁଡା ଡାକଘରକୁ ନିଜ ସ୍କୁଟି ଯୋଗେ ଯାଇଥିଲେ। ତେବେ ମଙ୍ଗଳବାର ରାତିରେ ସେ କୋରାପୁଟସ୍ଥିତ ନିଜ ଘରକୁ ଫେରି ନଥିଲେ। ପରିବାର ଲୋକ ସନ୍ତୋଷଙ୍କୁ ଫୋନ କରିଥିଲେ ମଧ ତାଙ୍କ ମୋବାଇଲ ବନ୍ଦ ରହିଥିଲା। ପରେ ପରିବାର ଲୋକେ ସେମିଲିଗୁଡା ଡାକଘରର ଅନ୍ୟ କର୍ମଚାରୀମାନଙ୍କୁ ଫୋନ କରିଥିଲେ। ତେବେ ସନ୍ତୋଷଙ୍କ ସମ୍ପର୍କରେ କେହି ଠିକ ଉତ୍ତର ଦେଇପାରି ନ ଥିଲେ। ମଙ୍ଗଳବାର ରାତିରେ କୋରାପୁଟ-ସୁନାବେଡା ରାସ୍ତାର ଘାଟଗୁଡା କୋଲାବ ଜଳଭଣ୍ଡାରର ବ୍ରିଜ ନିକଟରେ ଏକ ସ୍କୁଟି ରହିଥିବା ନେଇ ସୁନାବେଡା ପୋଲିସକୁ ସୂଚନା ମିଳିବା ପରେ ପୋଲିସ ଘଟଣାସ୍ଥଳରେ ଥିବା ସ୍କୁଟିକୁ ଜବତ କରି ତଦନ୍ତ ଜାରି ରଖିଛି। ଏହା ସନ୍ତୋଷଙ୍କ ସ୍କୁଟି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅନ୍ୟପକ୍ଷରେ ବୁଧବାର ସନ୍ତୋଷ ସେମିଲିଗୁଡା ଡାକ କାର୍ଯ୍ୟାଳୟକୁ ଯାଇ ନାହାନ୍ତି। ଫଳରେ ଏହା ତାଙ୍କ ପରିବାର ଲୋକଙ୍କୁ ଅଧିକ ଚିନ୍ତାରେ ପକାଇଛି । ପୋଲିସ ସୁନାବେଡା ସହ ଆଖପାଖ ଅଞ୍ଚଳରେ ତଦନ୍ତ ଜାରି ରଖିଛି।

# ତହସିଲ, ଜଙ୍ଗଲ ବିଭାଗ କରିବେ ସୀମା ଚିହ୍ନଟ

ନନ୍ଦପୁର ୫।୭(ଶଙ୍କର ପୂଜାରୀ)



ବିଡ଼ିଓଙ୍କ ଅଧକ୍ଷତାରେ ବସିଥିବା ବୈଠକ।

**ଆନ୍ଧ୍ର ଅନୁପ୍ରବେଶ ରୋକିବାକୁ ପ୍ରୟାସ**

- ବ୍ଲକ ସୀମାନ୍ତ ସୁରକ୍ଷା, ଉନ୍ନୟନ ନେଇ ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି
- ସୀମାରେ ସଜାଗ ରହିବେ ସବୁ ବିଭାଗ
- ପରିଦର୍ଶନ କରି ୧୫ଦିନକୁ ଥରେ ଦେବେ ରିପୋର୍ଟ
- ୧୨ରେ ରାଇପାହାଡ ଗ୍ରାମ ପରିଦର୍ଶନରେ ଯିବେ ସବୁ ଅଧିକାରୀ

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ୭ ପଞ୍ଚାୟତରେ ଆନ୍ଧ୍ରର ଅନୁପ୍ରବେଶ, ବିଭିନ୍ନ ଯୋଜନାରେ ଲୋକଙ୍କୁ ପ୍ରଲୋଭିତ କରୁଥିବା ଜାଣିବା ପରେ ବ୍ଲକ ପ୍ରଶାସନ ତତ୍ପର ହୋଇ ଉଠିଛି। ଆନ୍ଧ୍ରର ବିଭିନ୍ନ ଯୋଜନାକୁ ପ୍ରତିହତ କରିବାକୁ ଜିଲା ଓ ନନ୍ଦପୁର ବ୍ଲକ ପ୍ରଶାସନ ଅଣ୍ଟା ଭିଡିଛି। ଏନେଇ ବୁଧବାର ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ସୁଜିତ ମିଶ୍ରଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ବସି ଓଡ଼ିଶା ସୀମା ଉପରେ ସବୁ ବିଭାଗ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୨ ତାରିଖରେ ସବୁ ବିଭାଗର ଅଧିକାରୀମାନେ ମିଳିତ ଭାବେ ରାଇପାହାଡ ଗ୍ରାମ ପରିଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତି ୧୫ ଦିନରେ ସୀମା ସ୍ଥିତି ନେଇ ରିପୋର୍ଟ ଦେବାକୁ ସମସ୍ତଙ୍କୁ କୁହାଯାଇଛି।

ଅନୁଷ୍ଠିତ ବୈଠକରେ ସବୁ ବିଭାଗର ଅଧିକାରୀଙ୍କୁ ଆନ୍ଧ୍ରସୀମାନ୍ତ ଗୋଲୁର, ପାଟ୍ଟଲୁଙ୍ଗ, କୁଲାରସିଂ, ଚାଟୁଆ, ଖିନବର, ନନ୍ଦକା ଓ ବିଲାପୁଟ ପଞ୍ଚାୟତର ସୀମାବର୍ତ୍ତୀ ଗ୍ରାମଗୁଡ଼ିକ ପରିଦର୍ଶନ କରି ଆସନ୍ତା ୭ ଦିନ ମଧ୍ୟରେ ନିଜ ବିଭାଗର କାର୍ଯ୍ୟ ତ୍ୱରାନ୍ୱିତ କରି ଆବଶ୍ୟକ ପଦକ୍ଷେପ ପାଇଁ ରିପୋର୍ଟ ଦେବାକୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର ନରସିଂହ ଗାଦବା ଓ ବାଲଡା ବନାଞ୍ଚଳ ଅଧିକାରୀଙ୍କୁ ଆସନ୍ତା ୧୨ତାରିଖ ପୂର୍ବରୁ ସୀମା ଚିହ୍ନଟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ସରକାର ଓ ଆନ୍ଧ୍ର ସରକାରଙ୍କ ଯୋଜନାରେ ପାର୍ଥକ୍ୟ ଥିଲେ ମଧ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ସରକାରୀ ଯୋଜନାରେ ଯେପରି ସୀମାବର୍ତ୍ତୀ ଗ୍ରାମବାସୀଙ୍କୁ ସାମିଲ କରାଯାଇ ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ଆସନ୍ତା ୧୨ରେ ବ୍ଲକରେ କାର୍ଯ୍ୟରତ ସବୁ ବିଭାଗର ମୁଖ୍ୟ ଅଧିକାରୀମାନେ ରାଇପାହାଡ ଗ୍ରାମ ପରିଦର୍ଶନରେ ଯିବାକୁ ସ୍ଥିର ହୋଇଛି। ୧୨ ତାରିଖ ପୂର୍ବରୁ ରାଇପାହାଡ ଗ୍ରାମରେ ବିଦ୍ୟୁତ୍ ସଂଯୋଗ, ଭତ୍ତା, ଚାଉଳ ପ୍ରଦାନ ସହ ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟ, ଗ୍ରାମର ମହିଳା ଓ ଶିଶୁଙ୍କ ନିମନ୍ତେ ଅଙ୍ଗନୱାଡ଼ି ବ୍ୟବସ୍ଥା କରିବାକୁ ବିଡିଓ ମିଶ୍ର ନିର୍ଦ୍ଦେଶ ଦେଇ ଆଗାମୀ ଦିନରେ ସୀମାବର୍ତ୍ତୀ ଗ୍ରାମଗୁଡ଼ିକର ଉନ୍ନତି ନିମନ୍ତେ ବିଶେଷ ଧ୍ୟାନ ରଖାଯିବ ବୋଲି ପ୍ରକାଶ କରିଛନ୍ତି। ବୈଠକରେ ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ସିଡିପିଓ ମିନତିବାଳା ପଟ୍ଟନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା, ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ କାହ୍ନୁ ଚରଣ ସେଠୀ, ଏପିଓ ଚିନ୍ତାମଣି ତାଣ୍ଡି, ବିଦ୍ୟୁତ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଜଙ୍ଗଲ ବିଭାଗ, ଯୋଗାଣ ବିଭାଗ, ଜଳଛାୟା ପ୍ରକଳ୍ପର ଅଧିକାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୬ ଜୁଲାଇ, ୨୦୨୩



# ରାୟଗଡ଼ାରେ ସର୍ବାଧିକ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ

■ ଦେଶରେ ୪ର୍ଥ ସ୍ଥାନରେ ରାୟଗଡ଼ା ଜିଲା
■ ଝରଣା ପାଣି ବ୍ୟବହାର ମ୍ୟାଲେରିଆର ମୁଖ୍ୟ କାରଣ
■ ୭ ଲକ୍ଷ ମଶାରୀ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଛି ସ୍ୱାସ୍ଥ୍ୟ ବିଭାଗ

ରାୟଗଡ଼ା,୫।୭(ଆଶିଷ ରଞ୍ଜନ ପଣ୍ଡା)

ମ୍ୟାଲେରିଆ ନିରାକରଣ ପାଇଁ ସରକାରଙ୍କ ପକ୍ଷରୁ ଯେତେ ଯୋଜନା କାର୍ଯ୍ୟକାରୀ କରାଗଲେ ମଧ୍ୟ ରାଜ୍ୟରେ ମ୍ୟାଲେରିଆ ନିୟନ୍ତ୍ରଣ ହୋଇପାରୁନାହିଁ । ବରଂ ଦିନକୁ ଦିନ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ରାୟଗଡ଼ା ଜିଲାରେ ସର୍ବାଧିକ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ମାଲକାନଗିରି ଦ୍ୱିତୀୟ ସ୍ଥାନରେ ରହିଛି । ରାୟଗଡ଼ା ଜିଲା ଦେଶରେ ଚତୁର୍ଥ ସ୍ଥାନରେ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ୨୦୨୧-୨୨ ଅପେକ୍ଷା ୨୦୨୨-୨୩ରେ ଜିଲାରେ ମ୍ୟାଲେରିଆ ଆକ୍ରାନ୍ତ ସଂଖ୍ୟା ୩ ଗୁଣ ବୃଦ୍ଧି ପାଇଛି। ୨୦୨୨ ମେ ମାସ ପର୍ଯ୍ୟନ୍ତ ୮୬୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୦୨୩ ମେ ମାସ ମଧ୍ୟରେ ୨୧୬୮ ଜଣ ଚିହ୍ନଟ ହୋଇଛନ୍ତି । ଏହା ଦେଶର ଅନ୍ୟ ୩ ଟି ଜିଲାର ପାଖାପାଖି ରହୁଛି । ମେଘାଳୟ ରାଜ୍ୟର ସାଉଥଗାରୋହିଲସ ଦେଶର ସର୍ବାଧିକ ମ୍ୟାଲେରିଆ ଆକ୍ରାନ୍ତ ଜିଲା ହୋଇଥିବା ବେଳେ ଦ୍ୱିତୀୟରେ ଛତିଶଗଡର ବସ୍ତର ଓ ତୃତୀୟରେ ଝାଡଖଣ୍ଡ ରାଜ୍ୟର ପାକୁର ଜିଲା ରହିଛି । ତେବେ ରାୟଗଡ଼ା ଦେଶରେ ଚତୁର୍ଥ ମ୍ୟାଲେରିଆ ଆକ୍ରାନ୍ତ ସଂଖ୍ୟାରେ ରହିବା ଚିନ୍ତାଜନକ ବୋଲି ଚିକିତ୍ସକମାନେ ମତପ୍ରକାଶ କରିଛନ୍ତି । କିନ୍ତୁ ଗତ ୫ବର୍ଷ ତୁଳନାରେ ଏହା ଦ୍ୱିତୀୟରୁ ଚତୁର୍ଥ ସ୍ଥାନକୁ ଖସିଥିବା ଜଣାପଡିଛି। ତଥାପି ଦେଶର ପ୍ରଥମ ୫ଟି ଜିଲା ସ୍ଥିତିକୁ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚିନ୍ତା ପ୍ରକଟ କରିଛନ୍ତି।

ଜିଲା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ଚନ୍ଦ୍ରପୁର ଓ ଗୁଡାରୀ ବ୍ଲକରେ ସର୍ବାଧିକ ମ୍ୟାଲେରିଆ ଆକ୍ରାନ୍ତ ରହିଛନ୍ତି। ୨୦୨୨ ଜାନୁୟାରୀଠାରୁ ମେ ମାସ ମଧ୍ୟରେ ଚନ୍ଦ୍ରପୁର ବ୍ଲକରେ ୨୬୧ ଜଣ ଚିହ୍ନଟ ହୋଇଥିଲେ । ହେଲେ ଚଳିତ ବର୍ଷ ଏହା ୪୬୩ରେ ପହଞ୍ଚିଛି । ସେହିଭଳି ଗୁଡାରୀ ବ୍ଲକରେ ଗତବର୍ଷ ୧୯୮ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚଳିତବର୍ଷ ୪୨୬ରେ ପହଞ୍ଚିଛି। କୋଲନରା ବ୍ଲକରେ ଗତବର୍ଷ ମାତ୍ର ୧୭ ଜଣ ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ୧୯୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କାଶୀପୁର ବ୍ଲକରେ ଗତ ବର୍ଷ ୨୫ ଜଣ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ୮୪, ରାମନାଗୁଡା ବ୍ଲକରେ ଗତବର୍ଷ ୪୮ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ୧୧୭ ଜଣ, ବିଷମକଟକ ବ୍ଲକରେ ଗତବର୍ଷ ୩୨ଥିବା ବେଳେ ଚଳିତବର୍ଷ ୧୪୮ଜଣ, ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଗୁଣପୁର ଗ୍ରାମାଞ୍ଚଳରେ ଗତ ବର୍ଷ ୧୦ ଜଣ ଥିବାବେଳେ ଚଳିତ ବର୍ଷ ୫୫ଜଣ, ପଦ୍ମପୁର ବ୍ଲକରେ ଗତବର୍ଷ ୪୫ ରହିଥିବା ବେଳେ ଚଳିତ ବର୍ଷ ୧୩୯ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିଭଳି ମୁନିଗୁଡା ବ୍ଲକରେ ଗତ ବର୍ଷ ୯୨ ଜଣ ଥିବା ବେଳେ ଚଳିତ ବର୍ଷ ଏହା ୨୮୨ରେ ପହଞ୍ଚିଛି । କଲ୍ୟାଣସିଂହପୁର ବ୍ଲକରେ ଗତ ବର୍ଷ ୬୨ଜଣ ରହିଥିବା ବେଳେ ଚଳିତ ବର୍ଷ ୧୪୭ ଓ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରାୟଗଡା ବ୍ଲକ ଅଞ୍ଚଳରେ ଗତ ବର୍ଷ ୭୬ ଜଣ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ୧୧୩ ଜଣ ଚିହ୍ନଟ ହୋଇଛନ୍ତି। ରାୟଗଡା ଜିଲା ଓ ମେଘାଳୟର ସାଉଥଗାରୋହିଲସରେ ମୁଖ୍ୟତଃ ଏନୋଫିଲିସ ମଶାଜନିତ ମ୍ୟାଲେରିଆ ଦେଖିବାକୁ ମିଳିଥାଏ। ଫଳରେ ଜିଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ନିୟନ୍ତ୍ରଣ ହୋଇପାରୁନି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଫ୍ଲୋରିଡ଼ା ବିଶ୍ୱ ବିଦ୍ୟାଳୟର ରିସର୍ଚ୍ଚ ଅନୁସାରେ ଏହା ସର୍ବାଧିକ ବିପଦପୂର୍ଣ୍ଣ ବୋଲି ଜଣାପଡ଼ିଛି । ସରକାରୀ ଲାବରେ ମ୍ୟାଲେରିଆ ପରୀକ୍ଷଣ ପରେ ଏହିଭଳି ଉଦ୍‌ବେଗଜନକ ସ୍ଥିତି ନଜରକୁ ଆସିଛି। ତେବେ ଘରୋଇ ଲାବରେ ବିଭିନ୍ନ ସମୟରେ ହେଉଥିବା ପରୀକ୍ଷଣକୁ ଗଣତି କରାଗଲେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ଆହୁରି ବଢ଼ିଯିବ ବୋଲି ଚିକିତ୍ସକମାନେ ପ୍ରକାଶ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ଜିଲାରେ ୧୧.୪୯ % ଶିଶୁ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ଜିଲାରେ ବୋହି ଯାଉଥିବା ଝରଣା ପାଣିର ବ୍ୟବହାର ମ୍ୟାଲେରିଆର ମୁଖ୍ୟ କାରଣ ବୋଲି ଡାକ୍ତର କହିଛନ୍ତି। ଗୁଡ଼ାରୀ ଓ ଚନ୍ଦ୍ରପୁର ବ୍ଲକରେ ସର୍ବାଧିକ ମ୍ୟାଲେରିଆରେ ଆକ୍ରାନ୍ତ ହେବାର କାରଣ ଝରଣା ପାଣି ବୋଲି ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ, ଝରଣାର ଦୁଇ କୂଳରେ ପାଣି ଜମି ରହୁଥିବାରୁ ଏନୋଫିଲିସ ମଶାଙ୍କ ପ୍ରଜନନ ପାଇଁ ସୁବିଧା ହୋଇଥାଏ । ପରବର୍ତ୍ତୀ ସମୟରେ ସେହି ଅଣ୍ଡାରୁ ୭ ଦିନରେ ଲାର୍ଭା ଜନ୍ମ ହୋଇ ଏହା ପରବର୍ତ୍ତୀ ୭ ଦିନ ମଧ୍ୟରେ ମଶାରେ ପରିଣତ ହୋଇଥାଏ । ଏହି ଝରଣା ପାଣିକୁ ଲୋକେ ବ୍ୟବହାର କରି ମ୍ୟାଲେରିଆରେ ଆକ୍ରାନ୍ତ ହେଉଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବି.ଏଲ.ଏନ ପୃଷ୍ଟି କହିଛନ୍ତି ଯେ, ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ସବୁବେଳେ ସଜାଗ ରହିବା ସହ ନିଜ ଦାୟିତ୍ୱ ନିର୍ବାହ କରୁଛି । ୨୦୨୦ ମସିହାରେ ଯେଉଁ ମଶାରି ବଣ୍ଟନ ହୋଇଥିଲା ତାହା ବର୍ତ୍ତମାନ ଲୋକଙ୍କ ପାଖରେ ନାହିଁ । ତେଣୁ ୭ଲକ୍ଷ ମଶାରି ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସେହିଭଳି ଜଳ ଜମି ରହୁଥିବା ସ୍ଥାନରେ ମଶାବଂଶ ଦମନ ପାଇଁ ଗମ୍ବୁଶିଆ ମାଛ ଛାଡିବା କାର୍ଯ୍ୟକ୍ରମ ଚାଲିଥିବା କହିଥିଲେ।

## ସଂକ୍ଷେପରେ

### ଚନ୍ଦ୍ରପୁରରେ ବନ ମହୋତ୍ସବ



ଚନ୍ଦ୍ରପୁର, ୫।୭ (ବିଜୟ ପ୍ରସାଦ ଉଲାକା): ଚନ୍ଦ୍ରପୁର ବ୍ଲକର ଡ଼ାଙ୍ଗସୋରଡ଼ା ଫରେଷ୍ଟ ସେକ୍ସନ ଅନ୍ତର୍ଗତ କେରେଞ୍ଜା ଡିପିଏଫ ଜଙ୍ଗଲରେ ବୁଧବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଡ଼ାଙ୍ଗସୋରଡ଼ା ଫରେଷ୍ଟର ଘାସିରାମ ମାଝୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଶବର, ଶିକ୍ଷକ କୈଳାସ ଶବର, ବନ ବିଭାଗ କର୍ମଚାରୀ ବିଘ୍ନେଶ୍ୱର ମିଶ୍ର, ହାଡ଼ିପା ଗୌଡ଼ ଫରେଷ୍ଟ ଗାର୍ଡ କୁନି କୁସୁଲିଆ, ଜ୍ୟୋତିର୍ମୟୀ ଭୋଇଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଏହି ଅବସରରେ ଖାଲି ସ୍ଥାନରେ ଅଁଳା, କାଜୁ, ପଣସ, ଶିଶୁ, ବାଉଁଶ, ଗମ୍ଭାରୀ, ତେନ୍ତୁଳି, କରଞ୍ଜ ପ୍ରଭୃତି ଗଛର ଚାରାରୋପଣ କରାଯାଇଥିଲା। ଏଥିରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ସମସ୍ତ ଛାତ୍ରୀ ସହଯୋଗ କରିଥିଲେ। ଏ ସପ୍ତାହ ଭିତରେ ୮ ହେକ୍ଟର ଜମିରେ ୧୨ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବାର ଲକ୍ଷ୍ୟ ରହିଥିବା ଫରେଷ୍ଟର ମାଝୀ ସୂଚନା ଦେଇଛନ୍ତି।

### ଟିକିରି ରେଳ ଷ୍ଟେଶନରେ ରହିଲା ସମଲେଶ୍ୱରୀ

ଟିକିରି,୫।୭ ( ପ୍ରଫୁଲ୍ଲ କୁମାର ବେହେରା): ରାୟଗଡା ଜିଲା କାଶୀପୁର ବ୍ଲକ୍ ଟିକିରିସ୍ଥିତ ରେଳ ଷ୍ଟେଶନରେ ସମଲେଶ୍ୱରୀ ଟ୍ରେନ୍ ରହଣି ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଥିଲା। ଦୀର୍ଘଦିନ ପରେ ରେଳ କର୍ତ୍ତୃପକ୍ଷ ଟିକିରି ରେଳ ଷ୍ଟେଶନରେ ସମଲେଶ୍ୱରୀ ଟ୍ରେନ ରହଣି ପାଇଁ ଅନୁମତି ଦେଇଛନ୍ତି। ଫଳରେ ବୁଧବାରଠାରୁ ଜଗଦଲପୁର- ହାଓ୍ୱଡା ଓ ହାଓ୍ୱଡା -ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ ଟିକିରି ରେଳ ଷ୍ଟେଶନରେ ରହିଥିବାରୁ ଲୋକମାନେ ଖୁସିବ୍ୟକ୍ତ କରିଛନ୍ତି। ଟିକିରି ରେଳ ଷ୍ଟେଶନରେ ଟ୍ରେନ୍ ରହଣୀ ସମୟରେ ବିନୋଦ ନାଏକ, ଇନ୍ଦ୍ରଜିତ ସାହୁ, ହରପ୍ରସାଦ ନାୟକ, ସାଧୁ ମାଝି, ପ୍ରବିତ୍ର ନାଏକ, ମନୋଜ ବେହେରା ପ୍ରମୁଖ ରେଳ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ନୂତନ ବିଇଓଙ୍କୁ ଭେଟିଲେ ଶିକ୍ଷକ ସଂଘ



ଗୁଡ଼ାରି, ୫।୭(ପ୍ରମୋଦ କୁମାର ପତି): ଗୁଡ଼ାରି ବ୍ଲକର ଏନପିଏସ ଶିକ୍ଷକ ସଂଘର ଶିକ୍ଷକମାନେ ବୁଧବାର ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସ୍ୱାଗତ ଜଣାଇଥିଲେ। ସଭାପତି ସୁବାସ ଗୌଡ଼ଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ଏହି ବର୍ଗର ଶିକ୍ଷକମାନେ ଉପସ୍ଥିତ ଥିଲେ। ଶିକ୍ଷା କ୍ଷେତ୍ରରେ ନିଜ ନିଜ ବିଦ୍ୟାଳୟରେ ନିୟମିତ ଶିକ୍ଷାଦାନ କରିବା ପାଇଁ ସେ ପରାମର୍ଶ ଦେବା ସହ ସହଯୋଗ କାମନା କରିଥିଲେ।

# ଓଏସ୍‌ଏଫଡିସି ଅଧ୍ୟକ୍ଷଙ୍କ କାଶୀପୁର ଗସ୍ତ



କନ୍ୟାଶ୍ରମ ବିଦ୍ୟାଳୟରେ ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ଓଏସ୍‌ଏଫଡ଼ିସି ଅଧ୍ୟକ୍ଷ।

ଟିକିରି,୫।୭ ( ପ୍ରଫୁଲ୍ଲ କୁମାର ବେହେରା)

ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଅଧ୍ୟକ୍ଷ ଆଶିଷ କୁମାର ମହାନ୍ତି ବୁଧବାର କାଶୀପୁର ବ୍ଲକ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ଯୋଜନାର ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି। ଅନୁସୂଚିତ ଜାତି ବହୁଳ ବଡ଼ମାରି ଭଟାଗ୍ରାମର ଉନ୍ନତି ପାଇଁ ୪୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ଅଧ୍ୟକ୍ଷ ମହାନ୍ତି ସୂଚନା ଦେଇଥିଲେ। ଆଲୋକୀକରଣ ନିମନ୍ତେ ଏବେ ସୁଦ୍ଧା ଗ୍ରାମରେ ୫ଟି ସୋଲାର ଲାଇଟ୍ ଲଗାଯାଇଥିବା ବେଳେ ୨ଟି କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଛି। ସେହିପରି ଅଧ୍ୟକ୍ଷ ମହାନ୍ତି ଝୁରିଗାଁର ସୋଲାର ଲାଇଟ ଏବଂ ସିସି ରାସ୍ତା ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ । ଅଧ୍ୟକ୍ଷ ମହାନ୍ତି ଥୁଟିବର କଲୋନୀସ୍ଥିତ କନ୍ୟାଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷଙ୍କ ଗସ୍ତ ବେଳେ ଡବ୍ଲୁଇଓ ଅକ୍ଷୟ କୁମାର ସାହୁ, ଗିରିଜା କାନ୍ତ ଦାଶ, ସମିତ ସୌମ୍ୟ ପ୍ରକାଶ ସ୍ୱାଇଁ, ଖବରଦାତା ସୁବ୍ରତ ଚୌଧୁରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଅଭିରାମ ନାଏକ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବ୍ଲକରେ ଥିବା କାଳିଆପଡା, ଡ଼ି କରଳ, ବଡ଼ ମାରିଭଟା, ଝୁରି ଗାଁ, ଡ଼ିମୁଣ୍ଡି, ଏବଂ ଡ଼ି ମୁର୍କାଭଳି ଅନୁସୂଚିତ ଜାତି ବହୁଳ ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।

# ୟୁସିସି ସମର୍ଥନରେ ହସ୍ତାକ୍ଷର ଅଭିଯାନ




ବସନ୍ତ ଉଲ୍ଲାକା ଓ ଅନ୍ୟମାନେ ୟୁସିସି ସପକ୍ଷରେ ହସ୍ତାକ୍ଷର କରୁଛନ୍ତି।

ରାୟଗଡା,୫।୭ (ଭାଗ୍ୟଶ୍ରୀ ମିଶ୍ର)

ଦେଶରେ ନ୍ୟାୟିକ ସମାନତା ଆଣିବା ଉଦ୍ଦେଶ୍ୟରେ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) କାର୍ଯ୍ୟକାରୀ ପାଇଁ ଆଣିଥିବା ପ୍ରସ୍ତାବ ସପକ୍ଷରେ ରାୟଗଡ଼ା ଗାୟତ୍ରୀ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ବୁଧବାର ଏକ ହସ୍ତାକ୍ଷର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧର୍ମ ନିର୍ବିଶେଷରେ ଦେଶର ପ୍ରତ୍ୟେକ ନାଗରିକଙ୍କ ଲାଗି ବିବାହ, ଛାଡପତ୍ର, ଉତ୍ତରାଧିକାରୀ ଓ ପୋଷ୍ୟ ସନ୍ତାନ ଗ୍ରହଣ ଆଦି କ୍ଷେତ୍ରରେ ୟୁସିସି ଲାଗୁ ହେବା ଦରକାର ବୋଲି ମତପ୍ରକାଶ ପାଇଥିଲା। ଦୀପକ କୁମାର ରାଉତ ମା' ମଝିଘରିଆଣି ଏବଂ ଭାରତ ମାତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ସହରର ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିବିଶେଷ, ମହାବିଦ୍ୟାଳୟ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ ଯୋଗଦେଇ ହସ୍ତାକ୍ଷର କରି ୟୁସିସିକୁ ସମର୍ଥନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ଭାରତୀୟ ମଜଦୁର ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ୍ୱର ଦାଶ, ଶ୍ୟାମ କୁମାର ଦାଶ, ବିଦ୍ୟା ଭୂଷଣ ପଣ୍ଡା, ବସନ୍ତ କୁମାର ଉଲ୍ଲାକା, ଏମ. ବିଦ୍ୟା ସାଗର, ଗଣେଶ ସାହୁ, ଟି. ନାଗରାଜୁ, ମଞ୍ଜୁଳା ମିନିଆକା, ଝରଣା ମହାନ୍ତି, ସନ୍ତୋଷ ହିକ୍କା, ରାଜେଶ ପାଣିଗ୍ରାହୀ ଏବଂ ଅଜୟ ତୁଲେଟ ପରିଚାଳନା କରିଥିଲେ।

# ଡିଆଇସି ମ୍ୟାନେଜରଙ୍କ ଗାଡି ଉପରକୁ ଢେଲାମାଡ

ବୈପାରିଗୁଡା,୫।୭ (କଳ୍ପତରୁ ମହାନ୍ତି)

କୋରାପଟ ଡିଆଇସି ଅଫିସ୍ ମ୍ୟାନେଜରଙ୍କ ଗାଡି ଉପରକୁ ଜଣେ ଯୁବକ ବୁଧବାର ଢେଲାମାଡ଼ କରିଛନ୍ତି। ଏଥିରେ ତାଙ୍କ ଡ୍ରାଇଭରଙ୍କ ମୁଣ୍ଡ ଫାଟିଛି। ଖବରରୁ ଜଣାପଡିଛି, ସନ୍ଧ୍ୟାରେ ଡିଆଇସି ମ୍ୟାନେଜର ଚିନ୍ମୟ ପରିଡା କୌଣସି କାମରେ ମାଲକାନାଗିରି ଯାଇ ଫେରୁଥିବା ବେଳେ ବୈପାରିଗୁଡା ଥାନା ଅନ୍ତର୍ଗତ ମନ୍ତ୍ରିଆନ୍ଧ ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ତାଙ୍କ ଗାଡି ଉପରକୁ ଢେଲାମାଡ଼ ହୋଇଥିଲା। ସେଠାରେ ୨ ଜଣ ବାଇକ୍ ଆରୋହୀ ପହଞ୍ଚି ସେମାଙ୍କ କାରକୁ ଅଟକାଇ ଜଣେ ବାଇକ୍ ଆରୋହୀ ତାଙ୍କୁ ଜୟପୁର ପର୍ଯ୍ୟନ୍ତ ଲିଫ୍ଟ ଦେବାକୁ କହିଥିଲେ। ମାତ୍ର ଡ୍ରାଇଭର ମୁନା ନାୟାର ମନା କରିଥିଲେ। ପରେ ଯୁବକଦ୍ୱୟ କାର ସାମନାକୁ ଆସି ଢେଲା ମାରିଥିଲେ ବୋଲି ନାୟାର କହିଛନ୍ତି। ଢେଲା ମାଡ଼ରେ ଡ୍ରାଇଭର ନାୟାରଙ୍କ ମୁଣ୍ଡ ଫାଟିଯାଇଛି।

# ଫେଲ୍ ମାରିଲା ମଶାଖିଆ ଗମ୍ବୁଶିଆ ମାଛ ଯୋଜନା

## ବର୍ଷାରେ ନଦୀକୁ ଚାଲିଗଲେ ଗମ୍ବୁଶିଆ ମାଛ

ରାୟଗଡ଼ା,୫।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ଅତ୍ୟଧିକ ମାତ୍ରାରେ ମଶା ରହିଥିବାରୁ ମଶା ବଂଶ ନିପାତ ପାଇଁ ପରୀକ୍ଷାମୂଳକ ଭାବେ ସହରର ୬ଟି ସ୍ଥାନରେ ଗମ୍ବୁଶିଆ ମାଛ ଛଡ଼ାଯାଇଥିଲା । ତେବେ ବର୍ଷାଦିନେ ଏହି ମାଛ ଛଡ଼ାଯାଇଥିବା ବେଳେ ଲଗାତାର ୩ ଦିନ ଧରି ବର୍ଷା ହେବାରୁ ଉକ୍ତ ଗମ୍ବୁଶିଆ ମାଛ ଡ୍ରେନରେ ଭାସି ନଦୀକୁ ଚାଲିଯାଇଥିବା ଜଣାପଡ଼ିଛି । ତେବେ ପରୀକ୍ଷାମୂଳକ ଭାବେ ଖରାଦିନେ ପାଣି ଜମି ରହିଥିବା ସ୍ଥାନରେ ମାଛ ଛଡ଼ା ନ ଯାଇ ବର୍ଷା ଦିନରେ କାହିଁକି ଛଡ଼ାଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ମଶାର ଲାର୍ଭା ଖାଇବାକୁ ଛଡ଼ା ଯାଇଥିବା ମାଛ ହିଁ ଉକ୍ତ ସ୍ଥାନରେ ନ ରହିବେ ତେବେ ମଶା ଲାର୍ଭା କିଏ ଖାଇବ ବୋଲି ପ୍ରଶ୍ନ କରିଛନ୍ତି ଜନସାଧାରଣ । ରାୟଗଡ଼ା ସହରରେ ଗତ କିଛି ବର୍ଷ ହେବ ବହୁ ପରିମାଣରେ ମଶା ବୃଦ୍ଧି ପାଇଛି। ମଶା ବୃଦ୍ଧିକୁ ରୋକିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସେଭଳି କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିଲା । ସ୍ୱାସ୍ଥ୍ୟ ବିଭାଗର ଉଦ୍ୟମରେ ଏବେ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏକ ଲାର୍ଭାଖିଆ ମାଛ ଉତ୍ପାଦନ କେନ୍ଦ୍ର ଗୃହ ନିର୍ମାଣ କରାଯାଇଛି। କନ୍ଧମାଳ ଅଞ୍ଚଳରୁ କିଛି ଗମ୍ବୁଶିଆ ମାଛ ଯାଆଁଳ ଆଣି ଉକ୍ତ ମାଛ ପ୍ରଜନନ କୁଣ୍ଡରେ ଛଡ଼ା ଯାଇଥିଲା । ମାଛଗୁଡ଼ିକ ପ୍ରଜନନ କରି ମାଛ ସଂଖ୍ୟା ବୃଦ୍ଧି ପରେ ପୌର ପ୍ରଶାସନ ପକ୍ଷରୁ ପାଣି ଜମି ରହୁଥିବା ଅଞ୍ଚଳରେ ଛଡ଼ା ଯାଇଥିଲା । ସାଇପ୍ରିୟା ନଗରର ୩ଟି ସ୍ଥାନ, ରୟତ କଲୋନୀର ଗୋଟିଏ ସ୍ଥାନ ଏବଂ କୋଅପରେଟିଭ କଲୋନୀର ୨ଟି ଖାଲୁଆ ସ୍ଥାନରେ ଏହି ମାଛ ଛଡ଼ାଯାଇଥିଲା । ଉକ୍ତ ମାଛଗୁଡ଼ିକ ମଶା ଅଣ୍ଡାରୁ ଉତ୍ପନ୍ନ ହେଉଥିବା ଲାର୍ଭାଗୁଡ଼ିକୁ ଖାଇଦେବା ଦ୍ୱାରା ମଶାବଂଶ ବୃଦ୍ଧିରେ ଅଙ୍କୁଶ ଲାଗିଥାଏ । ହେଲେ ପୌର ପ୍ରଶାସନ ଖରା ଦିନରେ ଏହି ପଦକ୍ଷେପ ନେବା ବଦଳରେ ବର୍ଷା ଦିନରେ କରିଥିବାରୁ ଏହା ଫେଲ୍ ମାରିଛି ବୋଲି ସାଧାରଣରେ ଆଲୋଚନା ଚାଲିଛି ।

# ବର୍ଷାରେ ଧୋଇଗଲା ପୋଲ



ଟିକିରି,୫।୭ ( ପ୍ରଫୁଲ୍ଲ କୁମାର ବେହେରା): ରାୟଗଡା ଜିଲା କାଶୀପୁର ବ୍ଲକରେ ବୁଧବାର ପ୍ରବଳ ବର୍ଷା ଯୋଗୁ କାଙ୍କାମ୍ଭ ଡାକିଲି ଗ୍ରାମରେ ଥିବା ପୋଲ ଭାସିଯାଇଥିବା ଜଣାପଡ଼ିଛି। ବୁଧବାର କାଶୀପୁର ଅଞ୍ଚଳରେ ବର୍ଷା ଲାଗିରହିବାରୁ ଛୋଟ ନାଳଗୁଡିକରେ ବର୍ଷା ପାଣି ସୁଅ ଛୁଟୁଥିଲା। ତେବେ ଡାକିଲି ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜ ଉପରେ ବର୍ଷାପାଣି ଯିବାରୁ ପୋଲର ଗୋଟିଏ ପାର୍ଶ୍ୱ ଭୁଶୁଡି ପଡ଼ିଥିବା ଦେଖିବାକୁ ମିଳିଛି। ଏହି ପୋଲ ସମ୍ପୂର୍ଣ୍ଣ ଭୁଶୁଡିବା ପୂର୍ବରୁ ଏହାକୁ ତୁରନ୍ତ ମରାମତି କରାଯିବାକୁ ଦାବି ହୋଇଛି।

# ସିପିଏମ୍ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

ଜେକେପୁର,୫।୭(ନିଧି ଗାଣ୍ଡେଟା)



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

ରାୟଗଡ଼ା ଜଲା ଜେକେପୁରସ୍ଥିତ ୟୁନିୟନ ଅଫିସ ସମ୍ମୁଖ ପଡ଼ିଆରେ ମଙ୍ଗଳବାରଠାରୁ ସିପିଏମ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ୧୫ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିବା ଜଣାପଡ଼ିଛି । ଜେକେପୁର ନୂଆ ମାର୍କେଟ ସହ ଦେବଦଳା ଦଳ ମଧ୍ୟରେ ଉଦଘାଟିତ ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ନୂଆ ମାର୍କେଟ ଦଳ ଟସ୍‌ରେ ବିଜୟ ଲାଭ କରି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ଉଦ୍‌ଘାଟନୀ ମ୍ୟାଚରେ ନୂଆ ମାର୍କେଟକୁ ହରାଇ ଦେବଦଳା ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟ ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବେ ଜେକେ କାଗଜ କଳ ତରଫରୁ ବିଶ୍ୱଜିତ ଦ୍ୱିବେଦୀ, ଚାନ୍ଦିଲି ଥାନା ଭାରପ୍ରାପ୍ତ ଅଧିକାରୀ ଯଶବନ୍ତ ହିୟାଲ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ପି ଗୌରୀଶଙ୍କର, ସରପଞ୍ଚ ରାମୁଲୁ ପେଦେଣ୍ଟି ଉପସ୍ଥିତ ଥିଲେ । ପ୍ରଭାତ କୁମାର ସ୍ୱାଇଁ, ଈଶ୍ୱର ରାଓ ଇସୁ , ଗୌରପା, ଅନିଲ ଅଧିକାରୀ ପ୍ରମୁଖ ଏହି ଏହି କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରିଥିବା ଜଣାପଡ଼ିଛି।

# ଇମ୍ଫାରେ ବୈଦ୍ୟୁତିକ ସୁରକ୍ଷା ସପ୍ତାହ ପାଳିତ

କୋଲନରା,୫।୭(ବାପି ମିଶ୍ର )

ରାୟଗଡ଼ା ଜିଲା କୋଲନରା ବ୍ଲକ୍ ସ୍ଥିତ ଇମ୍ଫା କାରଖାନା ପରିସରରେ ସପ୍ତାହେ ବ୍ୟାପୀ ୪ର୍ଥ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହାର ଉଦଘାଟନ ଉତ୍ସବରେ ଇମ୍ଫାର ଉପସଭାପତି ତଥା-ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଆଶିଷ କୁମାର ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମବେତ ଶ୍ରମିକ ଓ ଅଧିକାରୀମାନଙ୍କୁ ସୁରକ୍ଷା ଶପଥ ପାଠ କରାଇଥିଲେ। ଏଥିସହ ଚଳିତ ବର୍ଷର ବିଷୟବସ୍ତୁ 'ସାଲିସ କରନି, ବୁଦ୍ଧିମାନ ହୁଅ' ଉପରେ ଆଲୋକପାତ କରି ବିଦ୍ୟୁତ ଆପଣଙ୍କୁ ବନ୍ଦ କରିପାରେ ତେଣୁ ସତର୍କତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କାରଖାନା ପରିସରରେ ଓ ବାହାରେ ବିଦ୍ୟୁତ ସତର୍କତା ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ପ୍ରାଚୀରପତ୍ର ପ୍ରଦର୍ଶିତ ହୋଇଥିଲା । ଇମ୍ଫା ବିଦ୍ୟୁତ ବିଭଗର ଭାରପ୍ରାପ୍ତ ମୁଖ୍ୟ ଅଧିକାରୀ କିଶୋର ଚନ୍ଦ୍ର ଦାସ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଶ୍ରମିକ ଓ କର୍ମଚାରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ତଥା ପ୍ରଶିକ୍ଷଣମାନ ଆୟୋଜନ କରାଯିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା ।




ଇମ୍ଫା ଉପସଭାପତି ଶ୍ରମିକ ଓ ଅଧିକାରୀମାନଙ୍କୁ ସୁରକ୍ଷା ଶପଥ ପାଠ କରାଉଛନ୍ତି।

# ବର୍ଷା ଅଭାବରୁ ଶୁଖିଲା ପଡ଼ିଛି ଜମି, ଚିନ୍ତାରେ ଚାଷୀ

## ଗଜାମରୁଡ଼ି ଆଶଙ୍କା

ମୁନିଗୁଡ଼ା, ୫।୭ (ରାଧେଶ୍ୟାମ ଅଗ୍ରୱାଲ )

ଆଷାଢ଼ ଯାଇ ଶ୍ରାବଣ ମାସ ଆରମ୍ଭ ହୋଇଥିବାବେଳେ ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍‌ରେ ଆବଶ୍ୟକ ପରିମାଣର ବର୍ଷା ହୋଇ ନ ଥିବାରୁ ଚାଷକାର୍ଯ୍ୟରେ ବିଳମ୍ବ ଦେଖାଦେଇଛି। ବର୍ତ୍ତମାନ ବର୍ଷା ଉପରେ ଚାଷକାମ ସମ୍ପୂର୍ଣ୍ଣ ନିର୍ଭର କରୁଛି ବୋଲି ଅଞ୍ଚଳର ଚାଷୀ କହିଛନ୍ତି। ବର୍ଷା ଅଭାବରୁ ଜମିରେ ତଳି ପକାଇବା କି ବୁଣା କାମ ପ୍ରାୟ ହୋଇନାହିଁ । କେତେକ ଚାଷୀ ବିଲରେ ଆଗୁଆ ଧାନ ବିହନ ପକାଇଥିଲେ, ସେଥିରୁ ଗଜା ମଧ୍ୟ ଉଠି ଯାଇଥିଲା। ହେଲେ ବର୍ଷା ଅଭାବରୁ ଗଜା ମରୁଡି ଦେଖାଦେଇଛି। ନିକଟ ଭବିଷ୍ୟତରେ ଭଲ ବର୍ଷା ନ ହେଲେ ମରୁଡି ହେବା ନିଶ୍ଚିତ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ବିଳମ୍ବରେ ମୌସୁମୀ ଆସିଥିଲେ ମଧ୍ୟ ଏହା ଦୁର୍ବଳ ହୋଇପଡ଼ିଥିବାରୁ ମୁନିଗୁଡ଼ା ବ୍ଲକ୍‌ରେ ଚାଷ ଅନୁକୂଳ ବର୍ଷା ହୋଇନାହିଁ। ସେପଟେ ବର୍ଷାକୁ ଚାତକ ଭଳି ଚାହିଁ ରହିଥିବା ଚାଷୀ ଚାଷକାମ ଆରମ୍ଭ କରିପାରୁ ନ ଥିବାବେଳେ ଚାଷଜମି ପଡ଼ିଆ ପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ଚାଷକାମକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବର୍ଷା କେବେ ହେବ ତାର ମଧ୍ୟ କିଛି ସୂଚନା ନାହିଁ। ଅନ୍ୟପକ୍ଷରେ ଚାଷୀ ଖରାଟିଆ ଚାଷ କରି ବର୍ଷାକୁ ଚାତକ ଭଳ ଅନେଇ ରହିଛି। ଚଳିତ ବର୍ଷ ବ୍ଲକ୍ ଅଞ୍ଚଳରେ ୩ ରୁ ୪ ଥର ସାମାନ୍ୟ ବର୍ଷା ହୋଇଥିବାବେଳେ ଏହା ଖାଲି ରାସ୍ତାକୁ ଓଦା କରିବା ଭଳି ବୋଲି ଆଲୋଚନା ହେଉଛି। ଚାଷ ପାଇଁ ଏ ପର୍ଯ୍ୟନ୍ତ ଆବଶ୍ୟକ ପରିମାଣର ବର୍ଷା ହୋଇନାହିଁ। ଆଗାମୀ ଦିନରେ ଭଲ ବର୍ଷା ନ ହେଲେ ମରୁଡି ହେବା ନିଶ୍ଚିତ ବୋଲି ମୁନିଗୁଡ଼ା ବ୍ଲକର ଭୈରବଗଡ଼, କୁମୁଡ଼ାବାଲି, ପାତ୍ରଗୁଡା, ଶିବପଦର, ମୁନିଗୁଡ଼ା ପଞ୍ଚାୟତର ଚାଷୀମାନେ କହିଛନ୍ତି।



ଶୁଖିଲା ପଡିଥିବା ଚାଷଜମି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବୌଦ୍ଧର ସମସ୍ତ ମହାବିଦ୍ୟାଳୟ ରୂପାନ୍ତରିତ ହେବ

**ବୌଦ୍ଧ/କନ୍ଧମାଳ/ଘଣ୍ଟାପଡ଼ା/ପୁରୁଣାକଟକ/ତଳଗାଁ,୫।୭(ଅଜିତ କୁମାର ବାରିକ/ଆଦିତେଶ୍ୱର ମିଶ୍ର/ପ୍ରଭାତ ସାହୁ, ସୁକାନ୍ତ ପଟ୍ଟନାୟକ, କୁନା ବେହେରା)**

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନ ବୁଧବାର ଦିନିକିଆ ବୌଦ୍ଧ ଜିଲା ଗସ୍ତରେ ଆସି ବୌଦ୍ଧ ଓ କନ୍ଧମାଳ ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣିବା ସହ ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରିଛନ୍ତି।

ବୁଧବାର ସକାଳେ ୫-ଟି ସଚିବ ପାଣ୍ଡିଆନ ସୁବର୍ଣ୍ଣପୁର ଜିଲା ସର୍କିଟ ହାଉସଠାରୁ ବାହାରି ହେଲିକପ୍ଟର ଯୋଗେ ବୌଦ୍ଧ ଜିଲା କନ୍ଧମାଳ ନିର୍ବାଚନମଣ୍ଡଳୀର ଆମ୍ବଗାଁ ଜନତା ଉଚ୍ଚବିଦ୍ୟାଳୟ ପଡ଼ିଆଠାରେ ପହଞ୍ଚିବା ପରେ ସେଠାରେ ଆୟୋଜିତ ଏକ ସଭାରେ ଯୋଗଦେଇ ଲୋକଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସଭାରେ ମୁଖ୍ୟମନ୍ତ୍ରୀ ପଠାଇଥିବା ସଚିବ କହିବା ସହ ୭ ଦିନ ଭିତରେ ମନ୍ଦିର, କମ୍ୟୁନିଟି ସେଣ୍ଟର, ଚର୍ଚ୍ଚ ଓ ମସ୍‌ଜିଦର ବିଭିନ୍ନ ସମସ୍ୟା ପୂରଣ ହେବ ବୋଲି କହିଥିଲେ। ମହିଳାମାନଙ୍କୁ ସଶକ୍ତ କରିବା ଆମର ଲକ୍ଷ୍ୟ ବୋଲି କହି ଗତବର୍ଷ ବୌଦ୍ଧ ଜିଲାର ୩ ଗୋଟି ବ୍ଲକ ପାଇଁ ୧୦୩ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିବା କହିଥିଲେ। ଏହାସହ ଜିଲାର ବିଭିନ୍ନ ସମସ୍ୟାର ସମାଧାନ କରାଯିବା ସହ ସମସ୍ତ ପରିବାରକୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କହିଥିଲେ।

ଏହାପରେ ୫-ଟି ସଚିବ ଆମ୍ବଗାଁ ୫-ଟି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରମାନଙ୍କ ସହ ମତ ବିନିମୟକରି ଶିକ୍ଷାର ବିକାଶ କିପରି ହେବ ସେ ନେଇ ଆଲୋଚନା କରିଥିଲେ। ତେବେ ଆମ୍ବଗାଁ ଗସ୍ତ ସମୟରେ ଆମ୍ବଗାଁଠାରେ କଂଗ୍ରେସ ଓ ଭାଜପା କର୍ମୀମାନେ କଳା ପତାକା ପ୍ରଦର୍ଶନ କରିଥିଲେ। ସେଠାରୁ ବୌଦ୍ଧ ଜିଲା ଷ୍ଟାଡିୟମ ଯାଇ ସେଠାରେ ମିଶନ ଶକ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନାକରି ସେମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ। ସଭାରେ କମ୍ୟୁନିଟି କର୍ମଚାରୀଙ୍କୁ ସରକାର ଦରମା ଦେବେ, ସେମାନଙ୍କୁ ପ୍ରସବକାଳୀନ ଛୁଟି ମିଳିବା ସହ ଗାଡି ଯୋଗାଇ ଦିଆଯିବ ବୋଲି କହିଥିଲେ। ସେଠାରୁ ଚନ୍ଦ୍ରଚୂଡ଼ ମନ୍ଦିର ନିକଟରେ ନିର୍ମାଣାଧୀନ ଆଳତି ଘାଟ ପରିଦର୍ଶନ କରିଥିଲେ। ପରେ ବିଜୁ ଆଦର୍ଶ କୃଷକ ବଜାରଠାରେ ମିଶନ ଶକ୍ତି କାଫେଠାରେ ପହଞ୍ଚି ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ସେମାନଙ୍କ ଜୀବନ ଜୀବିକା ନେଇ ଆଲୋଚନା କରିଥିଲେ। ସେଠାରେ ଆୟୋଜିତ ବୁଣାକାର ସମ୍ମିଳନୀରେ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମର୍ଜାକୁଦ ସେତୁ ବୁଲି ଦେଖିଥିଲେ। ସେଠାରୁ ଜିଲା ସଂଗ୍ରହାଳୟ ବୁଲି ଦେଖିବା ସହ ସେଠାରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ସେଠାରୁ ୫-ଟି ସଚିବ ସଡ଼କପଥରେ ହରଭଙ୍ଗା ବ୍ଲକକୁ ଗସ୍ତକରି ବାମଣ୍ଡା ନିକଟସ୍ଥ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରିବା ସହ ଏକ ସଭା କରିଥିଲେ। ସେଠାରେ ଜିଲାର ସମସ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ଶିକ୍ଷା ନେଇ ଆଲୋଚନା କରିବା ସହ ଜିଲାର ମହାବିଦ୍ୟାଳୟଗୁଡିକ ୫-ଟିରେ ରୂପାନ୍ତରିତ ହେବ ବୋଲି କହିଥିଲେ। ସେଠାରୁ ୫-ଟି ସଚିବ ବଡ଼ବନ୍ଧ ଆବାସିକ କନ୍ୟାଶ୍ରମ ବୁଲି ଦେଖିବା ସହିତ ଛାତ୍ରୀମାନଙ୍କ ସହ ଶିକ୍ଷା ନେଇ ଆଲୋଚନା କରିଥିଲେ। ଛାତ୍ରୀମାନଙ୍କ ସହ ସଚିବ ବସି ଖାଇଥିଲେ। ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ଭୈରବୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ମନ୍ଦିର ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଥିଲେ। ସେଠାରୁ ଭୈରବୀ ମିନିଷ୍ଟାଡିୟମଠାରେ ଏକ ସଭାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ସହ ମନ୍ଦିର, କମ୍ୟୁନିଟି ସେଣ୍ଟର,ଚର୍ଚ୍ଚ, ମସ୍‌ଜିଦର ସମସ୍ୟା ପୂରଣ ହେବା ନେଇ କଥାକୁ ଦୋହରାଇଥିଲେ। ସମସ୍ତ ସଭାସ୍ଥଳରେ ବହୁ ସଂଖ୍ୟାରେ ମହିଳା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ। ସଚିବଙ୍କ ଗସ୍ତ ସମୟରେ ପୂର୍ବତନ ଜିଲାପାଳ ସତ୍ୟରଞ୍ଜନ ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ଉପଜିଲାପାଳ ରବୀନ୍ଦ୍ର ନାଥ କହଁର, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମହେର, ସମସ୍ତ ବ୍ଲକର ବିଡିଓ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଷ୍ଟାଡିୟମ ପରିସରରେ ମହିଳାମାନଙ୍କ ସହ ୫-ଟି ସଚିବ।

**୫-ଟି ସଚିବଙ୍କ ଦିନିକିଆ ବୌଦ୍ଧ ଜିଲା ଗସ୍ତ**

- ମନ୍ଦିର, କମ୍ୟୁନିଟି ସେଣ୍ଟର, ଚର୍ଚ୍ଚ, ମସ୍‌ଜିଦ ନେଇ ସମସ୍ୟା ସମାଧାନ ହେବ
- ୭ ଦିନ ଭିତରେ ମିଳିବ ଶୁଭ ଖବର

# କୋଲାବ ବ୍ରିଜ୍ ଉପରେ ସ୍କୁଟି ରଖି ଡାକ କର୍ମଚାରୀ ନିଖୋଜ

**ଜଳଭଣ୍ଡାରରେ ୨୪ ଘଣ୍ଟା ଖୋଜି ପାଇଲେନି ଅଗ୍ନିଶମ କର୍ମଚାରୀ**

**କୋରାପୁଟ/ସୁନାବେଡ଼ା ୫।୭ (ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ)**

କୋରାପୁଟ ଜିଲା ସୁନାବେଡ଼ା ଥାନା ଅନ୍ତର୍ଗତ ଘାଟଗୁଡ଼ା ବ୍ରିଜ୍ ଉପରେ ଗାଡ଼ି ରଖି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଉଛନ୍ତି କୋରାପୁଟ ଗାନ୍ଧିନଗରଠାରେ ରହୁଥିବା ପି.ସତ୍ୟନାରାୟଣଙ୍କ ପୁଅ ପି. ସନ୍ତୋଷ କୁମାର। ସେ ସେମିଳିଗୁଡ଼ାରେ ଡାକ କର୍ମଚାରୀ ରୂପେ କାର୍ଯ୍ୟ କରନ୍ତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାବେଳେ ସନ୍ତୋଷ କୋଲାବ ଜଳଭଣ୍ଡାର ଉପର ବ୍ରିଜ୍ ଉପରେ ନିଜ ସ୍କୁଟି ରଖି କେଉଁଆଡ଼େ ଚାଲି ଯାଇଥିଲେ। ଏନେଇ ଖବର ପାଇ ସୁନାବେଡା ପୋଲିସ ଘଟଣାସ୍ଥଳକୁ ଯାଇ ସ୍କୁଟି ଜବତକରି ସେମିଳିଗୁଡା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି କୋଲାବ ଜଳଭଣ୍ଡାରରେ ଖୋଜାଖୋଜି କରିଥିଲେ। ଦୀର୍ଘ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଖୋଜିବା ପରେ ମଧ୍ୟ ସନ୍ତୋଷଙ୍କ କୌଣସି ପତ୍ତା ମିଳି ନ ଥିବା ଜଣାପଡିଛି। ତେବେ ଘରୋଇ କଳିରୁ ସନ୍ତୋଷ ବ୍ରିଜ୍ ଉପରେ ଗାଡି ରଖି କେଉଁଆଡେ ଚାଲିଯାଇଥିବା ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷରେ ସେ ବ୍ୟବହାର କରୁଥିବା ମୋବାଇଲ ଫୋନ ବର୍ତ୍ତମାନ ବନ୍ଦ ରହିଛି। ବୁଧବାର ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି। ସୁନାବେଡ଼ା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ବୋର୍ଡ ସାର୍ଟିଫିକେଟ ଦେବାକୁ ଟଙ୍କା ଆଦାୟ: ପ୍ରଧାନ ଶିକ୍ଷକ ନିଲମ୍ବିତ

**ମାଲକାନଗିରି,୫।୭(ଦୁର୍ଯ୍ୟୋଧନ ପାତ୍ର)/ପଡିଆ,(ଭାସ୍କର ରାଓ)**

ବୋର୍ଡ ସାର୍ଟିଫିକେଟ ଦେବା ପାଇଁ ଟଙ୍କା ମାଗୁଥିବା ଭିଡିଓ ଭାଇରାଲ ହେବା ପରେ ମାଲକାନଗିରି ଜିଲା ଗଠନପାଲି ନବୀନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଜଳନ୍ଧର ବେହେରା ବୁଧବାର ନିଲମ୍ବିତ ହୋଇଛନ୍ତି।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ଗଠନପାଲି ସ୍ଥିତ ନବୀନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୨୨ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ଶନିବାର ଏହି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ସ୍କୁଲ ଲିଭିଂ ସାର୍ଟିଫିକେଟ, ମାଇଗ୍ରେସନ୍, କଣ୍ଡକ୍ଟ ଓ ବୋର୍ଡ ସାର୍ଟିଫିକେଟ ଆଦି ଦିଆଯାଉଥିଲା। ତେବେ ଏହାକୁ ଦେବା ପାଇଁ ପ୍ରଧାନ ଶିକ୍ଷକ ଜଳନ୍ଧର ୮ଜଣ ଗରିବ ଓ ଆଦିବାସୀ ଛାତ୍ରୀଛାତ୍ରଙ୍କଠାରୁ ୧ ହଜାର ଟଙ୍କା ଲେଖାଏ ଆଦାୟ କରିଥିଲେ। ପ୍ରଧାନ ଶିକ୍ଷକ ଟଙ୍କା ନେଉଥିବା ସମୟର ଦୃଶ୍ୟ ଜଣେ ଛାତ୍ର ନିଜ ମୋବାଇଲରେ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ମୋ ସ୍କୁଲ ଅଭିଯାନ ପାଇଁ ୮ଜଣ ପିଲାଙ୍କଠାରୁ ୧ ହଜାର ଟଙ୍କା ଲେଖାଏ ଆଦାୟ କରାଯାଇଥିବା ନେଇ ପ୍ରଧାନ ଶିକ୍ଷକ କହିଥିଲେ। ପରେ ପିଲାଙ୍କ ବାକି ଥିବା ଟଙ୍କା ଆଦାୟ କରିଥିବା କହିବା ସହ ସମସ୍ତ ଟଙ୍କା ଫେରାଇ ଦେବେ ବୋଲି କହିଛନ୍ତି। ଏନେଇ ଜିଲା ଶିକ୍ଷାଧିକାରୀ ମାନସ କୁମାର ଜେନାଙ୍କୁ ଯୋଗାଯୋଗ କରିବାରୁ ଏ ବିଷୟରେ ସୂଚନା ପାଇଛି। ଘଟଣାର ତଦନ୍ତ କରାଯାଇ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ସେ କହିଛନ୍ତି।


CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE
For Booking Contact: 0674-2580385

ଲୋନ୍! ଲୋନ୍! ଲୋନ୍!
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805



ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# Classified Everyday
0674-2580101, 2549949


REAL ESTATE

**SALE**

Litigation free plot for sale near KIIT University or near Ashok Leyland, Chandaka Road side. Anyone to purchase please Contact: 8249742867 or 9853821712. D-0732

**Kalinga stadium ସାମ୍ନା BDA Nico park ରାସ୍ତାର ସୁନାଦେଇ ମନ୍ଦିର ନିକଟରେ 5500 sqft. ର ଦୁଇ ମହଲା ଘର (125 Decimil) ବିକ୍ରି ହେବ। ଯୋଗାଯୋଗ: 9937138533, 7978005735.** D-0737

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ଼ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

Duplex sale at Bhubaneswar @ 57 Lakhs only. Contact: 9777433701. D-74881

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




04 BHK Four Flats Suitable Office Guestroom Hostel Residential Hi-tech Sundarpada-8093199489. D-0749

Tolet at Patharagadia on Ganesh Vihar road side near to KIIMS, KIISS, DLF, Cybercity Infosys, Silicon Ground floor 1400 sqft. 2 BHK, 2 bathroom, pooja gruha, 2nd Floor- 1600 sqft. 3 BHK, 4 bathroom, pooja gruha and parking. Contact: 6371096067. D-0753




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74700

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Newly open Salon /Spa with expert therapist (Health Benefits). 9090400507. D-75126

Herbal full body massage by smart/expert therapist. Contact: 9040171280. D-74699

Spa Kerala Body Massage only best Therapist @699/- Bhubaneswar, 9337672475. D-0750

Newly open Spa positively health benefits with expert therapist. 9040286886. D-75127

**AFFIDAVIT**

By an affidavit sworn before the Notary Public, Sambalpur, I Chandrika Ben Patel, R/o. Nayapara, Golebazar, At/P.O./Dist.- Sambalpur-768001 (Odisha) declare that my name has been wrongly mentioned as Money Patel instead of Chandrika Ben Patel in the share certificate. That both the name belongs to one and same person. D-0751

I, Satrughna Khilar (49 years), S/o- Late Murali Khilar, Village-Acharyanagar (Bonthchhak), P.S./Dist.- Bhadrak, Odisha. I affirm that my daughter's actual name spelling is Lipaksi Khilar according Aadhaar card and birth certificate. But in my Ex-Army service discharge book my daughter's name spelling has been mentioned as Lipakshi Khilar. That I am swearing this affidavit purpose of correction my daughter's name spelling as Lipaksi Khilar. D-0754

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

**ବିବାହ ବନ୍ଧନର ଶୁଭକାମନା**



**ଶ୍ରୀ ସତ୍ୟକାମ ପଟ୍ଟନାୟକ**
**ଶ୍ରୀମତୀ ପ୍ରଣତୀ ବିଶ୍ୱାଳ**

ବିଦ୍ୟା, ବୁଦ୍ଧି, ଚିନ୍ତା ଓ ଚେତନା ଊର୍ଦ୍ଧ୍ୱଗାମୀ ହେଲେ ଜ୍ଞାନ ଉଦୟ ହୁଏ। ଉତ୍କୃଷ୍ଟ ଜ୍ଞାନ ବିଜ୍ଞାନକୁ ସମ୍ଭବ କରାଏ। କିନ୍ତୁ ବିଜ୍ଞାନର ସାଧନା ପଥ ସହଜସାଧ୍ୟ ନୁହେଁ। ତୋ ପରି ଜଣେ ବିଜ୍ଞାନୀର ଏପରି ଜଟିଳ ପଥକୁ ସୁଗମ୍ୟ କରିବା ପାଇଁ ପ୍ରଣତୀର ଊର୍ଦ୍ଧ୍ୱଗାମୀ ଚେତନା ପରମାତ୍ମାଙ୍କଠାରେ ସଞ୍ଜ ସକାଳରେ ପ୍ରଣତି ଡାଳୁଛି। ଏପରି ପରାପୂର ସମ୍ପର୍କ ଇହକାଳ ଓ ପରକାଳରେ ଚିରନ୍ତନ ହେବା ପାଇଁ ବୋଉ ବାପାଙ୍କର ଶ୍ରୀରଙ୍ଗା ଚରଣରେ ନିବେଦନ।
D-0746

**ବିବାହ ବନ୍ଧନର ଶୁଭକାମନା**



**ଶ୍ରୀ ରାଜୀବ ଦୁଗଲ**
**ଶ୍ରୀମତୀ ସମୀକ୍ଷା ଦୁଗଲ**

ଏକ ସଫଳ ଜୀବନ ପ୍ରାପ୍ତି ପାଇଁ ସତ୍‌ଚିନ୍ତା, ସତ୍‌କର୍ମ, କଠିନ ପରିଶ୍ରମ ସହିତ ପବିତ୍ର ଐଶ୍ୱରିକ ଚିନ୍ତା ଓ ଅନୁଭୂତି ପାଇଁ ବେଦ, ପୁରାଣ ପଠନ, ସତ୍‌ସଙ୍ଗ, ଧ୍ୟାନ, ପ୍ରାର୍ଥନା ଓ ସଦ୍‌ଗୁରୁ ସାନିଧ୍ୟ ଅତ୍ୟନ୍ତ ଜରୁରୀ। ତୁମ ଦୁହିଁଙ୍କ ଜୀବନ ଚର୍ଯ୍ୟାରେ ଏସବୁ ଅଭ୍ୟାସ ପ୍ରତିଫଳିତ ହେଉଛି। ଆମେ ଆନନ୍ଦିତ। ଏହା ଭଗବାନଙ୍କ ଆଶୀର୍ବାଦ। ଅଧିକ ମାତ୍ରାରେ ଓ ବ୍ୟାପକ ପରିପ୍ରେକ୍ଷୀରେ ଏହାର ପ୍ରୟୋଗକରି ସୁଖ, ଶାନ୍ତି ଓ ଖ୍ୟାତି ଅର୍ଜନ କରିବା ପାଇଁ ବୋଉ ଓ ବାପାଙ୍କର ରଙ୍ଗାଧରଙ୍କ ପଦ୍ମପୟରରେ ବିନୟ ପ୍ରାର୍ଥନା।
D-0747

**LEGAL NOTICE**

**ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର**
**ଆର୍.ପି. କେସ୍ ନଂ.-୮୭୯/୨୦୧୫**

ସାଧନା ରଥ ... ... ... ବାଦୀ

ବନାମ

ଗଣପତି ଇଷ୍ଟକୋନ୍ (ପି) ଏଲ୍.ଟି.ଡି. ଏବଂ ଅନ୍ୟମାନେ ... ... ... ପ୍ରତିବାଦୀ

**ନୋଟିସ ସି.ପି.ସି. ଅର୍ଡର -୫ ରୁଲ୍-୨୦ ମୁତାବକ**

୧. ଗଣତି ଇଷ୍ଟକୋନ (ପି) ଏଲ୍.ଟି.ଡି.
ଉପସ୍ଥାପନ କରୁଛନ୍ତି ଏହାର ନିର୍ଦ୍ଦେଶକ ଜ୍ୟୋତିରମୟ ଦାସ, ପିତା ପ୍ରଫୁଲ୍ଲ କୁମାର ଦାସ, ସା./ପୋଷ୍ଟ- ବିଂଝୁଆ, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା
୨. ପ୍ରଶାନ୍ତ ବେହେରା, ପିତା ବାହୁଡ଼ି ବେହେରା, ସା. ରଙ୍ଗମାଟିଆ (ଉପର ସାହି), ପୋଷ୍ଟ- ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା- ଗାଡ଼କନ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
୩. ଧଡ଼ିଆ ବେହେରା
୪. ଧନେଶ୍ୱର ବେହେରା,ପିତା ସ୍ୱର୍ଗତ ଜାଡୁ ବେହେରା
୫. କୁନି ଦେବୀ, ସ୍ୱାମୀ- ନକୁଳ ପଣ୍ଡା, ସା./ପୋଷ୍ଟ- ହରିରାଜପୁର, ଥାନା- ବାଙ୍କୀ- ୭୫୪୦୦୭୮, ଜିଲ୍ଲା- କଟକ

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟ୍‌ଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.୧, ୨, ୩, ୪ ଏବଂ ୭ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.୩ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୦।୮।୨୦୨୩ ଦିବା ୦୨.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ସମ୍ପତ୍ତିର ବିବରଣୀ**

ମୌଜା- ଗାଡ଼କନ, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

| ସାବକ ଖାତା ନଂ. | ସାବକ ପ୍ଲଟ୍ ନଂ. | ଏରିଆ | ହାଲ୍ ଖାତା ନଂ. | ହାଲ୍ ପ୍ଲଟ୍ ନଂ. | ଏରିଆ |
|---|---|---|---|---|---|
| ୯୧୩ | ୨୯୩୪ | ଏ.୦.୦୪୫. ୯୧ଡି. | ୨୫୦୧ | ୬୪୬୮ | ଏ.୦.୦୪୫. ୯୧ଡି. |

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

**ଅତିରିକ୍ତ କମିଶନର ଅଦାଲତ ନଂ. ୩ଙ୍କ ଆଦେଶକ୍ରମେ**
**ସ୍ୱା./- (କୋର୍ଟ ଅଧିକାରୀ)**
ଧ-୦୭୫୨


# କଲରାପତରିଆ ବାଘ ଶିକାର: ୧୧ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ବାଘଛାଲ(ଇନ୍‌ସେଟ୍)।

**ରାଇକିଆ, ୫।୭(ପ୍ରଦୀପ ବେହେରା)**

କଲରାପତରିଆ ବାଘ ଶିକାର ଅଭିଯୋଗରେ କନ୍ଧମାଳ ଜିଲା ରାଇକିଆ ବ୍ଲକ ବଡ଼ବାରବା ରେଞ୍ଜର ବାଦଗଡ ଗ୍ରାମର ୧୧ ଜଣଙ୍କୁ ବୁଧବାର ବନ ବିଭାଗ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଦଗଡ ଗ୍ରାମର ଭୀଷ୍ମ ବିଷୋୟୀ, ପରୀ ବିଷୋୟୀ, ସୁନୀଲ ବିଷୋୟୀ, ଉସ ଦଳବେହେରା, ପ୍ରଦୀପ ଦଳବେହେରା, ବାବୁ ଭୂୟାଁ, ଗରିବ ନାୟକ, ସୀମାଞ୍ଚଳ ନାୟକ, ଭଗବାନ ଦଳବେହେରା, ଚନ୍ଦ୍ରକେତୁ ନାୟକ ଓ ଭିକା ନାୟକ।

ପ୍ରକାଶ ଯେ, ବାଦଗଡ ଗ୍ରାମ ନିକଟ ଜଙ୍ଗଲରେ ଏକ କଲରାପତରିଆ ବାଘ ବୁଲୁଥିଲା। ସେ ଗାଁର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ଆହତ କରିଥିବା ନେଇ ଲୋକମାନଙ୍କ ମଧ୍ୟରେ ଆଲୋଚନା ହେଉଥିଲା। ଏହା ଶୁଣି ଅଭିଯୁକ୍ତମାନେ ଜଙ୍ଗଲକୁ ଯାଇ ମିଳିତ ଭାବେ ବାଘକୁ ଆକ୍ରମଣ କରିଥିଲେ। ସଂଘବଦ୍ଧ ଆକ୍ରମଣରେ ଶିକାର ହୋଇ କଲରାପତରିଆ ବାଘର ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତମାନେ ବାଘର ଛାଲ ବାହାର କରିବା ସହ ଦାନ୍ତ ଓ ନଖ ଉପାଡ଼ି ଦେଇଥିଲେ। ଖବର ପାଇ ବନ ବିଭାଗ ତରଫରୁ ଗ୍ରାମରେ ଚଢ଼ାଉ କରାଯାଇ ବାଘଛାଲ, ମାଂସ, ନଖ, ଦାନ୍ତ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ସମସ୍ତ ୧୧ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଫୁଲବାଣୀ ଡିଏଫ୍‌ଓ ପ୍ରକାଶ ପଟେଲ କହିଛନ୍ତି। ଚଢ଼ାଉ ବେଳେ ଏସିଏଫ୍ ମଳୟ ରଞ୍ଜନ କାଲୋ, ବଡ଼ବାରବା ରେଞ୍ଜର ବିରଞ୍ଚି ନାରାୟଣ ପଣ୍ଡା, ରାଇକିଆ ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ, ଫରେଷ୍ଟର ଅଜିତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।


**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ଗଙ୍ଗାଧର ମିଶ୍ର**
ଶ୍ରୀଲୋକନାଥ ଲଜିଂ, ବଡ଼ଦାଣ୍ଡ, ପୁରୀ-୧
ଆବିର୍ଭାବ: ୦୬।୦୫।୧୯୪୩
(ବୈଶାଖ ଶୁକ୍ଳପକ୍ଷ ୨ୟା)
ତିରୋଧାନ: ୧୬।୦୭।୨୦୨୨
(ଶ୍ରାବଣ କୃଷ୍ଣପକ୍ଷ ୪ର୍ଥୀ)
"ତୁମେ ଆଜି ନାହଁ ଆମ ଗହଣରେ, ପାର୍ଥିବ ରୂପ ନେଇ ରହିଥିବ କିନ୍ତୁ ସ୍ମୃତିରେ ଆମର ଚିର ଅମଳିନ ହୋଇ।"
ଶ୍ରଦ୍ଧାଞ୍ଜଳି ସହ- ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୦୭୪୫


# ପଛୁଆ ବର୍ଗଙ୍କ ସଂରକ୍ଷଣ ଦାବିରେ ଓଡ଼ିଶା ପଛୁଆ ବର୍ଗ କମିଶନଙ୍କୁ ଭେଟିଲେ ୧୦ ଦଳର ସଦସ୍ୟ

**ଭୁବନେଶ୍ୱର, ୫।୭(ସୁନିତ୍ ମିଶ୍ର)**

ଓଡ଼ିଶା ଜନସଂଖ୍ୟାର ୫୪ ପ୍ରତିଶତ ହେଉଛନ୍ତି ପଛୁଆବର୍ଗର ଲୋକ। କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ, ଏହି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ଆଦୌ ସ୍ଥାନ ସଂରକ୍ଷଣ ଦିଆଯାଇନାହିଁ। ୨୦୦୫ରୁ କେନ୍ଦ୍ର ସରକାର ଏହି ବର୍ଗର ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ଦେଇଥିବା ସ୍ଥଳେ ଓଡ଼ିଶାରେ ଏହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହେବା ଏହି ବର୍ଗଙ୍କ ପ୍ରତି ଚରମ ଅବହେଳା ଓ ଅନ୍ୟାୟ ବୋଲି ଓଡିଶା ପଛୁଆ ବର୍ଗ କମିଶନଙ୍କୁ ୧୦ଟି ଦଳର ସଦସ୍ୟମାନେ ଯାଇ ଭେଟିବା ସହ ଦାବି ରଖିଛନ୍ତି। ପଛୁଆବର୍ଗଙ୍କୁ ଚାକିରୀ କ୍ଷେତ୍ରରେ ମାତ୍ର ୧୧.୨୫% ସଂରକ୍ଷଣ ଦିଆଯାଉଛି, ଯାହା ଅତିକମରେ ୫୪% ହେବା କଥା। ପଛୁଆ ବର୍ଗଙ୍କୁ ଅତିକମରେ ୨୭% ସଂରକ୍ଷଣ ଦିଆଯାଉ। ଏହା ନ ହେବା ଯୋଗୁ ଏହି ବର୍ଗର ପ୍ରାୟ ୫ ଲକ୍ଷ ପିଲାମାନେ ସରକାରୀ ଚାକିରୀରୁ ବଞ୍ଚିତ ହୋଇଛନ୍ତି। ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରୁ ନାମଲେଖା ଆରମ୍ଭ ହେବାକୁ ଥିବାରୁ ତୁରନ୍ତ ଏଥିପ୍ରତି ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ରିହାତିରେ ତେଲ କିଣି ତୈଳ କମ୍ପାନୀ ଲାଭବାନ

## ରୁଷିଆରୁ ତେଲ ଆଣି ୭ ବିଲିୟନ ଡଲାର ସଞ୍ଚୟ

ନୂଆଦିଲ୍ଲୀ,୫।୭ (ଅଭୟ ଦାଶ)



ଗତ କିଛି ବର୍ଷ ହେବ ଭାରତୀୟ ତୈଳ କମ୍ପାନୀଗୁଡିକ ରୁଷିଆରୁ ତେଲ କିଣି ବ୍ୟାପକ ଲାଭବାନ ହୋଇଛନ୍ତି। ବିଶେଷ କରି ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ବିଭିନ୍ନ ରାଷ୍ଟ୍ର ରୁଷିଆ ଉପରେ କଟକଣା ଲାଗୁ କରିଥିଲେ। ଏପରିକି ବିଭିନ୍ନ ରାଷ୍ଟ୍ରର ଧମକ ଓ ଆର୍ଥିକ କଟକଣା ଯୋଗୁ ରୁଷିଆ ଭାରତକୁ ଶସ୍ତାରେ ତେଲ ଯୋଗାଇ ଦେଇଥିଲା। ଫଳରେ ଭାରତୀୟ ତୈଳକମ୍ପାନିଗୁଡ଼ିକ ବିଗତ ୩ ବର୍ଷ ମଧ୍ୟରେ ବିପୁଳ ପରିମାଣର ତୈଳ ଆମଦାନୀ କରି ବେଶ୍ ଲାଭ କମାଇଛନ୍ତି। ହେଲେ ଉକ୍ତ ଆମଦାନୀର ସୁଫଳ ସାଧାରଣ ଖାଉଟିଙ୍କ ନିକଟକୁ ଯାଇନାହିଁ। ଫଳରେ ଖାଉଟିଗତ ୨ ବର୍ଷ ହେବ ଉଚ୍ଚ ଦରରେ ଉଭୟ ପେଟ୍ରୋଲ ଓ ଡିଜେଲ ଏବଂ ପେଟ୍ରୋଲଜାତ ସାମଗ୍ରୀ ଆଦି କିଣୁଛନ୍ତି। ଅପରପକ୍ଷରେ ଜାତୀୟ ଗଣମାଧ୍ୟମର ଏକ ରିପୋର୍ଟ ଅନୁସାରେ ରୁଷିଆରୁ ଭାରତ ଶସ୍ତା ମୂଲ୍ୟରେ ଅଶୋଧିତ ତୈଳ ଆମଦାନୀ କରୁଥିବାରୁ ଭାରତୀୟ ତୈଳକମ୍ପାନିଗୁଡ଼ିକ ଗତ ୧୪ ମାସ ମଧ୍ୟରେ ପ୍ରାୟ ୭.୧୭ ବିଲିୟନ ଡଲାରର ଅର୍ଥ ସଞ୍ଚୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୨ ଏପ୍ରିଲରୁ ୨୦୨୩ ମେ ମଧ୍ୟରେ ଭାରତୀୟ ତୈଳ କମ୍ପାନୀଗୁଡିକ ପ୍ରାୟ ୫୭,୫୦୦ କୋଟି ଟଙ୍କାର ଅର୍ଥରାଶି ସଞ୍ଚୟ କରିଛନ୍ତି। ବିଶେଷ କରି ଭାରତ ବିଶ୍ୱର ୩ୟ ବୃହତ ତୈଳ ଆମଦାନୀକାରୀ ଦେଶ ହୋଇଥିବାବେଳେ ପ୍ରାୟ ୮୫% ଅଶୋଧିତ ତୈଳ ଆବଶ୍ୟକ କରିଥାଏ।

ଅପରପକ୍ଷରେ ୨୦୨୨ ଫେବୃୟାରୀ ଶେଷ ବେଳକୁ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ବଢ଼ିବାରୁ ରୁଷିଆ ଉପରେ ଅନେକ ଦେଶ କଟକଣା ଜାରି କରିଥିଲ କିନ୍ତୁ ଭାରତ ସେହି ସମୟରେ ରୁଷିଆଠାରୁ ସୁଲଭ ମୂଲ୍ୟରେ ତେଲ କିଣିବା ଆରମ୍ଭ କରିଥିଲା ହେଲେ ବର୍ତ୍ତମାନ ସୁଦ୍ଧା ମଧ୍ୟ ଭାରତୀୟ ଗ୍ରାହକ ଉକ୍ତ ତେଲର ସୁବିଧା ପାଇପାରିଲେ ନାହିଁ କି ଗ୍ରାହକଙ୍କ ନିକଟକୁ ଶସ୍ତା ତେଲର କୌଣସି ସୁଫଳ ପହଞ୍ଚୁନାହିଁ, ଏହାକୁ ନେଇ ସାରା ଦେଶରେ ଅସନ୍ତୋଷ ସୃଷ୍ଟି ହେଉଛି। ଉକ୍ତ ରିପୋର୍ଟ ଅନୁଯାୟୀ ୨୦୨୨ ଏପ୍ରିଲରୁ ୨୦୨୩ ମେ ମଧ୍ୟରେ ଭାରତର ମୋଟ ଅଶୋଧିତ ତୈଳ ଆମଦାନୀ ବିଲ୍ ୧୮୬.୪୫ ବିଲିୟନ ଡଲାର ରହିଥିଲା। ଏପରିକି ଯଦି ଭାରତ ସେହି ଅଶୋଧିତ ତୈଳକୁ ଅନ୍ୟ ଏକ ଯୋଗାଣକାରୀ ଦେଶରୁ ଆମଦାନୀ କରିଥାନ୍ତା, ତେବେ ଭାରତକୁ ୧୯୬.୬୨ ବିଲିୟନ ଡଲାର ଦେବାକୁ ପଡ଼ିଥାନ୍ତା।

ସୂଚନାଯୋଗ୍ୟ, ଗତ ୧୪ ମାସ ମଧ୍ୟରେ ରୁଷିଆରୁ ଭାରତ ପ୍ରାୟ ୪୦ବିଲିୟନ ଡଲାରର ଅଶୋଧିତ ତୈଳ ଆମଦାନୀ କରିଛି। ବିଶେଷ କରି ଭାରତ ଉପରୋକ୍ତ ପରିମାଣର ଅଶୋଧିତ ତୈଳ ବ୍ୟାରେଲ ପିଛା ୭୯.୭୫ ଡଲାର ମୂଲ୍ୟରେ କିଣିଥିଲା ଯାହା କି ଅନ୍ୟ ଦେଶର ହାରାହାରି ମୂଲ୍ୟ ତୁଳନାରେ ବ୍ୟାରେଲ ପିଛା ୧୪.୫ ଡଲାର ଶସ୍ତା ବୋଲି ରିର୍ପୋଟରେ ଉଲ୍ଲେଖ କରାଯାଇଛି।

# ଭି ପକ୍ଷରୁ ସୁପର ଡାଟା ପ୍ୟାକ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୫।୭

ଦେଶର ପ୍ରମୁଖ ଟେଲିକମ୍ ଅପରେଟର ଭି ପକ୍ଷରୁ ସୁପର ଡାଟା ପ୍ୟାକ୍‌ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଗ୍ରାହକଙ୍କ ଡାଟାର ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ଲାଗି ଘଣ୍ଟା ପିଛା ଓ ଦୈନିକ ବ୍ୟବହାର ପାଇଁ ସୁପର ଡାଟା ପ୍ୟାକ୍‌ର ଶୁଭାରମ୍ଭ କରାଯାଇଛି। ଏପରିକି ଗ୍ରାହକମାନେ ବ୍ୟବହାର କରୁଥିବା ଡାଟାର ପରିମାଣ ବଢ଼ିବାରେ ଲାଗିଛି। ତାହାକୁ ଦୃଷ୍ଟିରେ ରଖି ଭି ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ସାସେ ଡାଟା ପ୍ୟାକ୍ ସୁପର ଆୱାର ଓ ସୁପର ଡେ'ର ଶୁଭାରମ୍ଭ କରାଯାଇଛି। ଭିର ସୁପର ଆୱାର ଡାଟା ପ୍ୟାକ୍‌ର ମୂଲ୍ୟ ୨୪ ଟଙ୍କା ରହିଥିବା ବେଳେ ସେଥିରେ ୬୦ ମିନିଟ୍ ପାଇଁ ଅସୀମିତ ଡାଟା ମିଳିବ। ସେହିପରି ସୁପର ଡେ' ପ୍ୟାକ୍‌ର ମୂଲ୍ୟ ୪୯ଟଙ୍କା ଥିବା ବେଳେ ସେଥିରେ ୨୪ ଘଣ୍ଟା ପାଇଁ ୬ ଜିବି ଡାଟା ମିଳିବ। ଅଧିକ ଡାଟା ବ୍ୟବହାର କରୁଥିବା ଯୁବପିଢିଙ୍କୁ ଦୃଷ୍ଟିରେ ରଖି ଏହି ସାସେ ଡାଟା ପ୍ୟାକ୍‌ଗୁଡ଼ିକୁ ପ୍ରସ୍ତୁତ କରାଯାଇଛି।

# ପ୍ରଥମ ତ୍ରୈମାସରେ ସୋନାଲିକାର ୪୦,୭୦୦ ଟ୍ରାକ୍ଟର ବିକ୍ରି

ଭୁବନେଶ୍ୱର,୫।୭



ରମଣ ମିତ୍ତଲ

ଦେଶର ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ୍ ସୋନାଲିକା ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ମୋଟ ୪୦,୭୦୦ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି। ଏପରିକି ଆର୍ଥିକ ବର୍ଷର ସର୍ବୋଚ୍ଚ ତ୍ରୈମାସିକ ବିକ୍ରି ରେକର୍ଡ ହାସଲ ସହ ଘରୋଇ ଶିଳ୍ପ ଅଭିବୃଦ୍ଧିକୁ ମଧ୍ୟ ପଛରେ ପକାଇଛି। ବିଶେଷକରି କୃଷକଙ୍କ ଆବଶ୍ୟକତା ପୂରଣ କରିବା ସହିତ ଉଦ୍ଭାବନ କ୍ଷେତ୍ରରେ କମ୍ପାନୀ ମଜଭୁତ ସାମ୍ରାଜ୍ୟ ବଜାୟ ରଖିଛି। ସେହିଭଳି ସୋନାଲିକାର ହେଭି ଡ୍ୟୁଟି ଟ୍ରାକ୍ଟର ଓ ଅଞ୍ଚଳକେନ୍ଦ୍ରିକ ଆଭିମୁଖ୍ୟ ଏହାର ଅଭିବୃଦ୍ଧି ବେଗକୁ ଆଗକୁ ବଢିବାରେ ସାହାଯ୍ୟ କରିଛି। ସେହିପରି କୃଷକମାନଙ୍କୁ ଶକ୍ତିଶାଳୀ କରିବା ସହିତ ସୋନାଲିକା ଟ୍ରାକ୍ଟରର ହେଭି ଡ୍ୟୁଟି ଟ୍ରାକ୍ଟର ରେଞ୍ଜ ସହ ସେମାନଙ୍କୁ ସଶକ୍ତ କରିବା ପାଇଁ ଉତ୍ସାହିତ ରହିଛି, ଯାହା ଟେକ୍-ସକ୍ଷମ ଓ ସୁଲଭ କୃଷିକୁ ସୁନିଶ୍ଚିତ କରୁଛି, ବିଶ୍ୱର ଏକ ନମ୍ବର ଟ୍ରାକ୍ଟର ଉତ୍ପାଦନକାରୀ କାରଖାନାରେ ନିର୍ମିତ ସୋନାଲିକାର ୨୦-୧୨୦ ଏଚ୍‌ପି ମଧ୍ୟରେ ବିସ୍ତୃତ ଟ୍ରାକ୍ଟର ରେଞ୍ଜକୁ ୧୫୦ରୁ ଅଧିକ ଦେଶର ୧୪ ଲକ୍ଷରୁ ଅଧିକ କୃଷକ ବିଶ୍ୱାସ କରୁଛନ୍ତି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ କମ୍ପାନୀ ୪୦,୭୦୦ ୟୁନିଟ ଟ୍ରାକ୍ଟର୍ ବିକ୍ରି କରିବା ସହ ଘରୋଇ ଶିଳ୍ପ ଅଭିବୃଦ୍ଧିକୁ ଅତିକ୍ରମ କରିବା ପାଇଁ ସକ୍ଷମ ହୋଇଛି।

# ଟ୍ରିମ୍‌ସ ପଲିଟେକ୍‌ନିକର ମେଗା କ୍ୟାମ୍ପସ ଚୟନ

ଭୁବନେଶ୍ୱର,୫।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଟ୍ରିମସ ଗ୍ରୁପର ସହଯୋଗୀ ଅନୁଷ୍ଠାନ ଟ୍ରିମ୍‌ସ ପଲିଟେକନିକ ପକ୍ଷରୁ ନିକଟରେ ଏକ ମେଗା କ୍ୟାମ୍ପସ ଚୟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କ୍ୟାମ୍ପସ ଚୟନରେ ଟ୍ରିମ୍‌ସ ପଲିଟେକ୍‌ନିକର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦେଶର ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ବିଶେଷ କରି ୨୦୨୩ ବ୍ୟାଚ୍ ପାଇଁ ଏହି ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ମେକାନିକାଲ, ଇଲେକ୍ଟ୍ରିକାଲ, ସିଭିଲ, କମ୍ପ୍ୟୁଟର ସାଇନ୍ସ ଏବଂ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେଶନ ଇଂଜିନିୟରିଂ ବିଭାଗର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଟ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେବା ସହ କ୍ୟାମ୍ପସ ଚୟନରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଉକ୍ତ ସଫଳତା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଟ୍ରିମସ ସମୂହର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକ୍‌ନିକ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଂଜନ ମହାନ୍ତି, ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ, ସିଡିସିର ନିର୍ଦ୍ଦେଶକ ରମାକାନ୍ତ କାଣ୍ଡୁ, ସହ ନିର୍ଦ୍ଦେଶକ ପ୍ରାଧ୍ୟାପକ ଜିତେନ୍ଦ୍ର ଶତପଥୀ, ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କ୍ୟାମ୍ପସ ନିଯୁକ୍ତିଦାତା ଉଦ୍ୟୋଗ ମଧ୍ୟରେ ଟାଟା ପାୱାର, ଉଇଣ୍ଡ ୱାର୍ଲଡ, ଉଇପ୍ରୋ, ଟାଟା ଷ୍ଟିଲ, ଟାଟା କନସଲଟିଂ ଇଞ୍ଜିନିୟର୍ସ, କ୍ୟୁମିନ୍‌ସ ଇଣ୍ଡିଆ, ଏଲ୍ ଆଣ୍ଡ ଟି, ରିଜେନ୍, ବଜାଜ ଅଟୋ ଓ ଜେଏସ୍‌ପିଏଲ ଭଳି ପ୍ରମୁଖ କମ୍ପାନୀ ସାମିଲ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ।

# ଟାଟା ଷ୍ଟିଲ୍‌ର ୧୧୬ତମ ବାର୍ଷିକ ସାଧାରଣ ବୈଠକ




ଭୁବନେଶ୍ୱର,୫।୭

ଟାଟା ଷ୍ଟିଲ୍‌ର ୧୧୬ ତମ ବାର୍ଷିକ ସାଧାରଣ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ୍‌ର ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେଖରନ୍ ଅଂଶଧନକାରୀମାନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ଅଭିଭାଷଣ ଏବଂ କମ୍ପାନିର ଆର୍ଥିକ ପ୍ରଦର୍ଶନ ଓ ଭବିଷ୍ୟତ ଯୋଜନା ବିଷୟରେ ଚନ୍ଦ୍ରଶେଖରନ୍ ବିସ୍ତୃତ ଆଲୋକପାତ କରିଛନ୍ତି। ଏପରିକି ଏକ ସରଳ ଗଭର୍ନାସ ଢାଞ୍ଚା ଉପରେ କମ୍ପାନି ଗୁରୁତ୍ୱାରୋପ କରୁଛି। ଭାରତରେ ଉଭୟ ପୁଞ୍ଜି ସମ୍ପ୍ରସାରଣ ଓ ଅଧିଗ୍ରହଣ ଜରିଆରେ କମ୍ପାନି ତା'ର ବ୍ୟବସାୟକୁ ବଢ଼ାଇବା ଜାରି ରଖିବ ଏବଂ ୨୦୩୦ସୁଦ୍ଧା ଭାରତର କ୍ଷମତାକୁ ୪୦ନିୟୁତ ଟନ୍‌ରେ ପହଞ୍ଚାଇବା ଲକ୍ଷ୍ୟ ହାସଲ କରିବାକୁ କଂପାନି ଉଦ୍ୟମ କରିବ ବୋଲି ଚନ୍ଦ୍ରଶେଖରନ ମତପ୍ରକାଶ କରିଛନ୍ତି। ଯେଉଁଥିରେ କମ୍ପାନିର ବ୍ୟବସାୟ ଓ ମୂଲ୍ୟ ଶୃଙ୍ଖଳା ଡିକାର୍ବନାଇଜେସନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଭବିଷ୍ୟତରେ ଟାଟା ଷ୍ଟିଲ୍ ପାଇଁ ବିପୁଳ ସୁଯୋଗ ରହିଛି ଏବଂ ତାର ଲାଭ ହାସଲ କରିବା ଲାଗି କଂପାନି ବହୁତ ଭଲ ସ୍ଥିତିରେ ରହିଛି। ଆମର ଯାତ୍ରା ଜାରି ରହିଥିବା ବେଳେ ପରିଚାଳନା ଟିମ୍ ଗ୍ରାହକ କୈନ୍ଦ୍ରୀକତା, ପ୍ରଯୁକ୍ତି, ଡିଜିଟାଲ୍ ଓ ଦୀର୍ଘସ୍ଥାୟୀ ଅଭିଯାନ ଉପରେ ଗୁରୁତ୍ୱ ପ୍ରଦାନ କରି ବିଶ୍ୱ ଇସ୍ପାତ ଶିଳ୍ପରେ କଂପାନିର ପ୍ରତିଦ୍ୱନ୍ଦ୍ୱିତା ସ୍ଥିତିରେ ଉନ୍ନତି ଆଣୁଛନ୍ତି।

ଅପରପକ୍ଷରେ କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଅଧୀନରେ କମ୍ପାନି ୨୦୨୨-୨୩ ରେ ୪୮୧ କୋଟି ଟଙ୍କା ବ୍ୟୟ କରିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଟାଟା ଷ୍ଟିଲ୍‌ର ରାଜସ୍ୱ ୧,୨୯,୦୦୭ କୋଟି ଟଙ୍କା ରହିଥିବା ବେଳେ ଟିକସ ପରବର୍ତ୍ତୀ ଲାଭ ୧୫,୪୯୫ କୋଟି ଟଙ୍କା ରହିଛି। ବ୍ରିଟେନ କାରଖାନାର ୬ ବିଲିଅନ ବ୍ରିଟିଶ ପାଉଣ୍ଡ ଷ୍ଟିଲ ପେନ୍‌ସନ୍‌ସ୍କିମ୍‌ର ସମ୍ପୂର୍ଣ୍ଣ ବୀମା କରିବାରେ କମ୍ପାନି ସଫଳ ହୋଇଛି। ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ଆର୍ଥିକ ବର୍ଷ ପାଇଁ କମ୍ପାନି ପକ୍ଷରୁ ଇକ୍ୱିଟି ସେୟାର ପିଛା ୩ ଟଙ୍କା ୬୦ ପଇସାର ଲାଭାଂଶ ଘୋଷଣା କରାଯାଇଛି।

# ୟୁନିୟନ୍ ବ୍ୟାଙ୍କ ପକ୍ଷରୁ ସୋଲାର ଟ୍ୟୁବ୍ ଲାଇଟ୍ ବଣ୍ଟନ

ଭୁବନେଶ୍ୱର,୫।୭

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ସାମାଜିକ କାର୍ଯ୍ୟକ୍ରମ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁପାଲି ଗ୍ରାମର ଆର୍ଥିକ ଅନଗ୍ରସର ମହିଳାମାନଙ୍କୁ ୨୦୦ ସୋଲାର ଟ୍ୟୁବ୍ ଲାଇଟ୍ ବଣ୍ଟନ କରାଯାଇଛି। ଉଲ୍ଲେଖଯୋଗ୍ୟ, ୟୁନିୟନ୍ ବ୍ୟାଙ୍କର ସୋସିଆଲ ଫାଉଣ୍ଡେଶନ୍ ଏବଂ ପରିଚୟ ଫାଉଣ୍ଡେଶନ୍‌ର ମିଳିତ ସହଯୋଗରେ ଉକ୍ତ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ସର୍ବେଶ ରଞ୍ଜନ, ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିଆ, ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ସମ୍ମିତ ମିଶ୍ରଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମାଜର ପ୍ରତ୍ୟେକ ବର୍ଗ ପାଇଁ ବିଭିନ୍ନ ଆବଶ୍ୟକତା ଭିତ୍ତିକ ପ୍ରତିଯୋଗିତାମୂଳକ ଉତ୍ପାଦ ସହିତ ୧୪କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଉଛି ଏବଂ ସମାଜକୁ ସମର୍ଥନ କରିବା ପାଇଁ ବିଭିନ୍ନ ସରକାରୀ ଯୋଜନାରେ ସକ୍ରିୟ ଅଂଶଗ୍ରହଣ କରୁଛି। ଏପରିକି ବ୍ୟାଙ୍କ କ୍ରମାଗତ ଭାବେ ସମଗ୍ର ଦେଶରେ ଏହିପରି ସିଏସ୍‌ଆର୍ କାର୍ଯ୍ୟକ୍ରମ ଆୟୋଜିତ କରି ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସାହାଯ୍ୟ କରିଆସୁଛି। ପରିଶେଷରେ ପରିଚୟ ଫାଉଣ୍ଡେଶନ୍‌ର ସଂସ୍ଥାପକ ଡ. ରୋଜାଲିନ୍ ପାଟଶାଣୀ ମିଶ୍ର ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏତାଦୃଶ କାର୍ଯ୍ୟ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଫୁର୍‌ସତ୍



କଙ୍ଗନା ରଣାଓ୍ୱତ୍

# ୩ ମାସରେ ୩ ଫିଲ୍ମ

ମୁମ୍ବାଇ

ସେପ୍ଟେମ୍ବର, ଅକ୍ଟୋବର ଏବଂ ନଭେମ୍ବର ଅଭିନେତ୍ରୀ କଙ୍ଗନା ରଣାଓ୍ୱତ୍‌ଙ୍କ ପାଇଁ ବହୁତ ଖାସ୍। କାରଣ ଏହି ୩ ମାସରେ ତାଙ୍କର ୩ ଫିଲ୍ମ ଆସିବାକୁ ଯାଉଛି। କଙ୍ଗନା ତାଙ୍କ ଆଗାମୀ ଫିଲ୍ମ 'ତେଜସ୍'ର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ସିନେମା ଅକ୍ଟୋବର ୨୦ରେ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି। ମୁଭିରେ କଙ୍ଗନା ଜଣେ ଏୟାରଫୋର୍ସ ପାଇଲଟ୍‌ର ଭୂମିକାରେ ଅଭିନୟ କରୁଛନ୍ତି। ଏଥିନେଇ ସେ ୨ ଫଟୋ ଶେୟାର କରିଛନ୍ତି। ଗୋଟିଏରେ ସେ ଏୟାରଫୋର୍ସ ପାଇଲଟ୍ ବେଶରେ ନଜରକୁ ଆସିଛନ୍ତି। ଅନ୍ୟଟିରେ ଏକ ଜଳନ୍ତା ଜିପ୍ ଆଗରେ ଆସୁଥିବା ଦେଖିବାକୁ ମିଳିଛି। କଙ୍ଗନା ତାଙ୍କର ଏହି ଫିଲ୍ମକୁ ଭାରତର ପ୍ରଥମ ଏରିୟଲ ଆକ୍ସନ ଫିଲ୍ମ ବୋଲି କହିଛନ୍ତି। ସର୍ବେସ ମିୱାରାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୦୨୦ରେ ରିଲିଜ୍ ହେବାର ଥିଲା। ହେଲେ କରୋନା ପାଇଁ ଶୁଟିଂ ଡେରିରେ ସରିଲା। ତେବେ କଙ୍ଗନାଙ୍କ ପୋଷ୍ଟ ଦେଖି ଲୋକେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ଏଥିସହ ତାଙ୍କର ଆଉ ଦୁଇ ସିନେମା ମଧ୍ୟରେ 'ଚନ୍ଦ୍ରମୁଖୀ' ସେପ୍ଟେମ୍ବର ୧୯ରେ ଏବଂ 'ଏମର୍ଜେନ୍ସି' ନଭେମ୍ବର ୨୪ରେ ରିଲିଜ୍ ହେବାକୁ ଯାଉଛି। କଙ୍ଗନା ପ୍ରଥମ ଥର ପାଇଁ ୨୦୦୬ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଧାକଡ୍'ରେ ଦେଖିବାକୁ ମିଳିଥିଲା। ଏହାପରେ ଆମାଜନ ପ୍ରାଇମ ଭିଡିଓରେ ମୁଭି 'ଟିକୁ ୱେଡ୍‌ସ ସିରୁ'ରେ ନଜରକୁ ଆସିଥିଲେ। ଏଥିସହ ସେ ଟିଭି ଶୋ'ରେ ମଧ୍ୟ ନଜରକୁ ଆସିଛନ୍ତି।

# ପ୍ରାଣୀଙ୍କଠାରୁ ସୁରକ୍ଷିତ ଦୂରତା ବଜାୟ ରଖିବା ଜରୁରୀ

## ବିଶ୍ୱ ଜୁନୋଜ ଦିବସ



ପ୍ରତିବର୍ଷ ଜୁଲାଇ ୬ରେ ବିଶ୍ୱ ଜୁନୋଜ ଦିବସ ପାଳନ କରାଯାଇଥାଏ। ୧୮୮୫ ମସିହାରେ ଏହିଦିନ ଫ୍ରାନ୍ସର ଜୈବବିଜ୍ଞାନୀ ଲୁଇ ପାଶ୍ଚର ଜଳାତଙ୍କ ଟିକା ବିକଶିତ କରିଥିଲେ। ତାଙ୍କ କାର୍ଯ୍ୟକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ବିଶ୍ୱ ଜୁନୋଜ ଦିବସ ପାଳନ କରାଯାଇଥାଏ। ଜୁନୋସିସ୍ ବା ଜୁନୋଟିକ୍ ରୋଗ ହେଉଛି ଏକ ସଂକ୍ରମଣ ଯାହା ପ୍ରାକୃତିକ ଭାବରେ ମେରୁଦଣ୍ଡୀ ପ୍ରାଣୀଙ୍କଠାରୁ ମଣିଷକୁ ସଂକ୍ରମିତ ହୁଏ। ପ୍ରାଣୀମାନେ ପ୍ରାୟତଃ କ୍ଷତିକାରକ ଜୀବାଣୁ ବହନ କରିପାରନ୍ତି, ଯାହା ମଣିଷଙ୍କୁ ବ୍ୟାପିଥାଏ ଏବଂ ରୋଗ ସୃଷ୍ଟି କରେ। ଏହାକୁ ଜୁନୋଜ କୁହାଯାଏ । ଏସବୁ ରୋଗ ସୃଷ୍ଟିକାରୀ ଅଣୁଜୀବଙ୍କ ମଧ୍ୟରେ ଜୀବାଣୁ, ଭୂତାଣୁ, ପରଜୀବୀ ଏବଂ କବକ ଆଦି ଜୁନୋଟିକ୍ ରୋଗ ସୃଷ୍ଟି କରିଥାନ୍ତି। ୨୦୦ରୁ ଅଧିକ ଜଣାଶୁଣା ପ୍ରକାର ଜୁନୋଜ ଅଛି, ଯାହା ମାନବଠାରେ ନୂତନ ଏବଂ ବିଦ୍ୟମାନ ରୋଗର ଏକ ବୃହତ୍ ଅଂଶକୁ ନେଇ ଗଠିତ। ଜଳାତଙ୍କ ହେଉଛି ଏକ ଜୁନୋଟିକ୍ ରୋଗ ଯାହାକୁ ଟିକାକରଣ ଏବଂ ଅନ୍ୟାନ୍ୟ ପଦ୍ଧତି ମାଧ୍ୟମରେ ଶତ ପ୍ରତିଶତ ରୋକାଯାଇପାରିଥାଏ। ଜୁନୋଟିକ୍ ପାଥୋଜେନ୍ ସିଧାସଳଖ ଯୋଗାଯୋଗ କିମ୍ବା ଖାଦ୍ୟ, ଜଳ କିମ୍ବା ପରିବେଶ ମାଧ୍ୟମରେ ମଣିଷକୁ ବ୍ୟାପିପାରେ ଏବଂ ସମଗ୍ର ବିଶ୍ୱରେ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟା ଭାବେ ସଙ୍କଟ ସୃଷ୍ଟି କରିଥାଏ। କରୋନା ମହାମାରୀ ପରେ କିଭଳି ପରବର୍ତ୍ତୀ ମହାମାରୀକୁ ରୋକାଯିବ ସେ ନେଇ ଏହି ଦିବସ ପାଳନ ଅବସରରେ ଗୁରୁତ୍ୱାରୋପ କରାଯାଇଛି। ଜୁନୋଟିକ୍ ରୋଗ ମଣିଷକୁ କିପରି ନ ବ୍ୟାପିବ ସେ ନେଇ ବିଶ୍ୱର ବିଭିନ୍ନ ଦେଶ ପକ୍ଷରୁ ସକ୍ରିୟ ପଦକ୍ଷେପ ଗ୍ରହଣ କରାଯାଇଛି।

ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ପି) ଏବଂ ଅନ୍ତର୍ଜାତୀୟ ପ୍ରାଣୀ ସମ୍ପଦ ଅନୁସନ୍ଧାନ ପ୍ରତିଷ୍ଠାନ (ଆଇଏଲ୍‌ଆର୍‌ଆଇ)ର ମିଳିତ ପ୍ରୟାସରେ ଭବିଷ୍ୟତରେ ମହାମାରୀକୁ ରୋକିବା ପାଇଁ ୧୦ଟି ସୁପାରିସ ଉପସ୍ଥାପନ କରାଯାଇଛି। ଏହା ଜୁନୋଟିକ୍ ରୋଗର ବୃଦ୍ଧି ଘଟୁଥିବା ୭ଟି ଧାରାକୁ ଚିହ୍ନଟ କରିଛି। ଏହି ରିପୋର୍ଟ ଅନୁଯାୟୀ, ଇବୋଲା ଆକ୍ରାନ୍ତ ସମେତ ଅନେକ ଜୁନୋଟିକ୍ ମହାମାରୀକୁ ଅନୁଭବ କରିଥିବା ଏବଂ ପ୍ରତିକ୍ରିୟା ରଖିଥିବା ଆଫ୍ରିକା ଭବିଷ୍ୟତରେ ହେଉଥିବା ରୋଗକୁ ଦୂରକରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସମାଧାନର ଉତ୍ସ ହୋଇପାରେ। ଏହି ରିପୋର୍ଟରେ ୭ଟି ମାନବ-ମଧ୍ୟସ୍ଥି କାରକ ଚିହ୍ନଟ ହୋଇଛି ଯାହା ଜୁନୋଟିକ୍ ରୋଗର ଜାତର ଆଶଙ୍କା ରହିଛି ବୋଲି ଜୈବ ବିବିଧତା ସମ୍ମିଳନୀ ଏହାର ୱେବ୍‌ସାଇଟରେ କହିଛି। ସେଗୁଡ଼ିକ ହେଉଛି ପ୍ରାଣୀ ପ୍ରୋଟିନ ପାଇଁ ମାନବ ଚାହିଦା ବୃଦ୍ଧି, ଅସ୍ଥାୟୀ କୃଷି ତୀବ୍ରତା, ବନ୍ୟଜନ୍ତୁଙ୍କ ବ୍ୟବହାର ଏବଂ ଶୋଷଣ, ସହରୀକରଣ, ଜମି ବ୍ୟବହାର ପରିବର୍ତ୍ତନ ଏବଂ ଉତ୍ତୋଳନକାରୀ ଶିଳ୍ପ ଦ୍ୱାରା ତ୍ୱରାନ୍ୱିତ ହେଉଥିବା ପ୍ରାକୃତିକ ସମ୍ପଦର ସ୍ଥାୟୀ ବ୍ୟବହାର, ଭ୍ରମଣ ଏବଂ ପରିବହନ ବୃଦ୍ଧି, ଖାଦ୍ୟ ଯୋଗାଣରେ ପରିବର୍ତ୍ତନ ଏବଂ ଜଳବାୟୁ ପରିବର୍ତ୍ତନ ଇତ୍ୟାଦି।

ରିପୋର୍ଟରେ ଦର୍ଶାଯାଇଛି ପ୍ରାଣୀମାନଙ୍କୁ ସଂକ୍ରମିତ କରୁଥିବା ପ୍ରାୟ ୮୦ ପ୍ରତିଶତ ରୋଗ ସୃଷ୍ଟିକାରୀ ଅଣୁଜୀବ 'ମଲ୍ଟି ହୋଷ୍ଟ' ଭାବେ କାର୍ଯ୍ୟ କରିଥାନ୍ତି। ଏହାର ଅର୍ଥ ହେଉଛି, ରୋଗ ସୃଷ୍ଟିକାରୀ ଅଣୁଜୀବ ମଣିଷ ସମେତ ବିଭିନ୍ନ ପ୍ରାଣୀ ହୋଷ୍ଟ ମଧ୍ୟରେ ଗତି କରିଥାନ୍ତି। ଜୈବ ବିବିଧତା ହ୍ରାସ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ସୁସ୍ଥ ଏବଂ ସ୍ଥିର ଇକୋସିଷ୍ଟମ ବିପଦରେ ପଡ଼ିଛି। ପ୍ରତିବର୍ଷ ବିଶ୍ୱ ଜୁନୋଜ ଦିବସ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ପର୍ଯ୍ୟବସିତ ହୋଇଥାଏ। ଚଳିତ (୨୦୨୩)ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ରହିଛି 'ପ୍ରାଣୀଙ୍କଠାରୁ ସୁରକ୍ଷିତ ଦୂରତା ବଜାୟ ରଖିବା' (ମେଣ୍ଟେନ ଏ ସେଫ୍ ଡିଷ୍ଟାନ୍ସ ଫ୍ରମ୍ ଆନିମଲ)।

# ଚାଷ ପାଇଁ ହେଲିକପ୍ଟର କିଣିବେ ଛତିଶଗଡ଼ ଚାଷୀ

## ଦେଶରେ ପ୍ରଥମ



ରାଜାରାମ ତ୍ରିପାଠୀ

**ରାୟପୁର:** ଛତିଶଗଡ଼ର ଜଣେ ଚାଷୀ ତାଙ୍କ କ୍ଷେତର ଦେଖାଶୁଣା କରିବା ପାଇଁ ଏକ ହେଲିକପ୍ଟର କିଣିବାକୁ ଯାଉଛନ୍ତି, ଯାହାର ମୂଲ୍ୟ ୭ କୋଟି ଟଙ୍କା। କୋଣ୍ଡାଗାଓଁ ଜିଲାର ବାସିନ୍ଦା ରାଜାରାମ ତ୍ରିପାଠୀ ଭାରତର ଏକମାତ୍ର ଚାଷୀ, ଯିଏ ତାଙ୍କ କ୍ଷେତ ପାଇଁ ହେଲିକପ୍ଟର କିଣୁଛନ୍ତି। ସେଥିପାଇଁ ସେ ହଲାଣ୍ଡର ରୋବିନସନ କମ୍ପାନୀ ସହ ତାଙ୍କ ଏଗ୍ରିମେଣ୍ଟ କରିସାରିଛନ୍ତି। ଆର୍-୪୪ ମଡେଲ ହେଲିକପ୍ଟରରେ ୪ ସିଟ୍ ରହିଛି। ସେ ମା' ଦନ୍ତେଶ୍ୱରୀ ହର୍ବାଲ ଗ୍ରୁପ୍‌ର ସିଇଓ ଅଛନ୍ତି। ଯେଉଁଥିରୁ ୩୫ କୋଟି ଟଙ୍କା ବାର୍ଷିକ ରାଜସ୍ୱ ଆଦାୟ ହେଉଛି। ସେ ୪୦୦ ଆଦିବାସୀ ପରିବାର ସହିତ ମିଶି ୧ହଜାର ଏକର ଜମିରେ ଗୋଲମରିଚ ଏବଂ ଧଳା ମୁସେଲି ଚାଷ କରୁଛନ୍ତି। ତାଙ୍କର ଏହି ସଂସ୍ଥା ଆମେରିକା ଏବଂ ୟୁରୋପକୁ ଗୋଲମରିଚ ରପ୍ତାନି ମଧ୍ୟ କରୁଛି। ପୂର୍ବରୁ ଜୈବିକ ପ୍ରଣାଳୀରେ ଚାଷ ପାଇଁ ରାଜାରାମ ଶ୍ରେଷ୍ଠ ଚାଷୀ ଭାବେ ୪ ଥର ପୁରସ୍କୃତ ହୋଇଛନ୍ତି। ସେ ଚାଷ ପାଇଁ ଗ୍ରୀନ୍‌ହାଉସ୍ ସହ ଅଷ୍ଟ୍ରେଲିୟାନ ପ୍ରଣାଳୀ ଆପଣେଇଛନ୍ତି। କୃଷି ମନ୍ତ୍ରଣାଳୟର ନ୍ୟାଶନାଲ ହର୍ଟିକଲ୍‌ଚର ବୋର୍ଡ ପକ୍ଷରୁ ତାଙ୍କୁ ଅନେକ ଥର ଏବଂ ଶ୍ରେଷ୍ଠ ଚାଷୀ ଓ ରପ୍ତାନିକାରୀ ଭାବେ ଭାରତୀୟ କୃଷି ଏବଂ ଖାଦ୍ୟ ପରିଷଦ ପକ୍ଷରୁ ୩ ଥର ସମ୍ମାନିତ ମଧ୍ୟ ହୋଇଛନ୍ତି। ତ୍ରିପାଠୀ କହିଛନ୍ତି, ଇଂଲଣ୍ଡ ଏବଂ ଜର୍ମାନୀରେ ରହିବା ସମୟରେ ସେଠାରେ ଚାଷରେ ଔଷଧ ଏବଂ ଫର୍ଟିଲାଇଜର ବ୍ୟବହାର ହେଉଥିବା ଦେଖିଥିଲେ। ସେ ଏହାକୁ ଧ୍ୟାନରେ ରଖି ତାଙ୍କ ୧ ହଜାର ଏକର କ୍ଷେତ ପାଇଁ ହେଲିକପ୍ଟର କିଣିବାକୁ ନିଷ୍ପତ୍ତି ନେଇଛନ୍ତି। ଉଜ୍ଜୈନର ଆଭିଏଶନ ଏକାଡେମୀ ତାଙ୍କ ପୁଅ ଏବଂ ବଡ଼ ଭାଇଙ୍କୁ ହେଲିକପ୍ଟର ଚଳାଇବା ଟ୍ରେନିଂ ଦେଉଛି। ୭୦ ବର୍ଷ ପୂର୍ବେ ରାଜାରାମଙ୍କ ଜେଜେବାପା ଶମ୍ଭୁନାଥ ତ୍ରିପାଠୀ ଉତ୍ତରପ୍ରଦେଶର ପ୍ରତାପଗଡ଼ରେ ରହୁଥିଲେ। ପରେ ସେ ସେଠାରୁ ଛତିଶଗଡ଼ ଆସିଥିଲେ। ଜଗଦଲପୁରରେ କଲେଜ ପଢ଼ା ପରେ ସେ ବ୍ୟାଙ୍କ ପିଓ ଭାବେ ନିଯୁକ୍ତି ପାଇଥିଲେ। ହେଲେ ୧୯୯୮ରେ ସେ ଚାକିରି ଛାଡ଼ି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ।

## ତିଳକ ବର୍ମା, ଜୟସ୍ୱାଲ ନୂଆ ମୁହଁ

**ନୂଆଦିଲ୍ଲୀ, ୫।୭ (ପି.ଟି.):** ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଅଧିନାୟକ ରହିଥିବା ବେଳେ ବାମହାତୀ ତିଳକ ବର୍ମା ଓ ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ରଥମ ଥର ଜାତୀୟ ଦଳକୁ ଡାକରା ମିଳିଛି। ଉଇକେଟ କିପର ସଞ୍ଜୁ ସାମ୍‌ସନଙ୍କ ସମେତ ଆଭେଶ ଖାଁ ଓ ରବି ବିଷ୍ଣୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବରିଷ୍ଠ ଖେଳାଳିଙ୍କ ମଧ୍ୟରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଏହି ଦଳରୁ ବାଦ ଦିଆଯାଇଛି। ଭାରତୀୟ ଦଳ: ଇଶାନ କିଶନ (ଉଇକେଟ କିପର), ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ(ଉପ ଅଧିନାୟକ), ସଞ୍ଜୁ ସାମସନ୍ (ଉଇକେଟ କିପର), ହାର୍ଦ୍ଦିକ ପାଣ୍ଡ୍ୟା (ଅଧିନାୟକ), ଅକ୍ଷର ପଟେଲ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ଉମ୍ରାନ୍ ମଲିକ୍, ଆଭେଶ ଖାନ୍, ମୁକେଶ କୁମାର।

## ସୋବର୍ସଙ୍କୁ ଭେଟିଲେ ଭାରତୀୟ ଦଳ

**ବାର୍ବାଡୋସ, ୫।୭ (ପି.ଟି.):** ୱେଷ୍ଟଇଣ୍ଡିଜ୍ କ୍ରିକେଟ କିମ୍ବଦନ୍ତୀ ସାର୍ ଗାରଫିଲ୍ଡ ସୋବର୍ସଙ୍କୁ ଭେଟିଛି ଭାରତୀୟ କ୍ରିକେଟ ଦଳ। କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କୁ ଭାରତୀୟ ଦଳର ଖେଳାଳି ଭେଟିବା ସହତ ଅନେକ ସମୟ ଆଲୋଚନା ମଧ୍ୟ କରିଥିଲେ। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦୁଇଟି ଟେଷ୍ଟ, ୩ ଦିନିକିଆ ଓ ୫ ଟି୨୦ ମ୍ୟାଚ୍ ଖେଳିବ। ଜୁଲାଇ ୧୨ରେ ପୋର୍ଟ ଅଫ୍ ସ୍ପେନ୍‌ରେ ଦଳ ଏହାର ପ୍ରଥମ ଟେଷ୍ଟ ଖେଳିବ। ଭାରତୀୟ ଖେଳାଳିମାନେ ସୋବର୍ସଙ୍କୁ ଭେଟୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛି ବିସିସିଆଇ। ଏହି ଭିଡିଓର କ୍ୟାପଶନ୍ ରହିଛି 'ବାର୍ବାଡୋସରେ କିଛି ମହାନ୍ ବ୍ୟକ୍ତିତ୍ୱଙ୍କ ସହିତ'। ୮୬ ବର୍ଷୀୟ ସୋବର୍ସ ନିଜ ପତ୍ନୀଙ୍କ ସହିତ ସମସ୍ତ ଭାରତୀୟ ଖେଳାଳିଙ୍କୁ ଭେଟିଥିଲେ। ଭାରତୀୟ ଦଳର ମୁଖ୍ୟ କୋଚ୍ ରହିଥିବା ରାହୁଲ ଦ୍ରାବିଡ୍ ନିଜ ଖେଳାଳିମାନଙ୍କୁ ସୋବର୍ସଙ୍କ ସହିତ ପରିଚିତ କରାଇଥିଲେ। ଭାରତୀୟ ଖେଳାଳିଙ୍କ ମଧ୍ୟରେ ରୋହିତ ଶର୍ମା, ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ରବିଚନ୍ଦ୍ରନ ଅଶ୍ୱିନ ଓ ଶୁବମନ ଗିଲ୍ ସୋବର୍ସଙ୍କୁ ଭେଟିଥିଲେ। ମଜାଦାର କଥା ହେଉଛି ଯେ ସୋବର୍ସଙ୍କ ନାମରେ ପ୍ରଦାନ କରାଯାଉଥିବା ସାର୍ ଗାରଫିଲ୍ଡ ସୋବର୍ସ ଆୱାର୍ଡରେ କୋହଲିଙ୍କୁ ସମ୍ମାନିତ କରାଯାଇଥିଲା। ଓପନର ଶୁବମନଙ୍କ ପରିଚୟ ଦେବାକୁ ଯାଇ ଦ୍ରାବିଡ କହିଥିଲେ, 'ଆମ ଦଳର ଚିତ୍ତାକର୍ଷକ ଯୁବ ଖେଳାଳି'।

# ପଶ୍ଚିମାଞ୍ଚଳ ତାରକା ବ୍ୟାଟର ବିଫଳ

### ଦୁଲିପ ଟ୍ରଫି ସେମିଫାଇନାଲ

**ଅଲୁର, ୫।୭ (ପି.ଟି.)**

ଦୁଲିପ ଟ୍ରଫି କ୍ରିକେଟର ପ୍ରଥମ ସେମିଫାଇନାଲ ଏଠାରେ ବୁଧବାର ପଶ୍ଚିମାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଆରମ୍ଭ ହୋଇଛି। ତାରକା ବ୍ୟାଟରଙ୍କ ବିଫଳତା ଯୋଗୁ ପଶ୍ଚିମାଞ୍ଚଳ ପ୍ରଥମ ଦିବସ ଖେଳ ଶେଷ ବେଳକୁ ପ୍ରଥମ ଇନିଂସରେ ୨୧୬ ରନ ମଧ୍ୟରେ ୮ ଉଇକେଟ ହରାଇଛି। କେନ୍ଦ୍ରାଞ୍ଚଳର ଶିବମ୍ ମାଭି ୪୩ ରନ ମଧ୍ୟରେ ୪ ଉଇକେଟ ହାସଲ କରି ପଶ୍ଚିମାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ୭ ନମ୍ବର ବ୍ୟାଟର ଅତିତ ସେଠ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ୭୪ (୧୨୯ ବଲ୍) ରନ ଦଳର ସମ୍ମାନ ରଖିଛି।

ମ୍ୟାଚ ଆରମ୍ଭରୁ ପଶ୍ଚିମାଞ୍ଚଳ ଫେଭରାଇଟ ବିବେଚିତ ହେଉଥିଲା। ଦଳର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ମାତ୍ର ୧୬ତମ ଓଭରରେ ପୃଥ୍ୱୀ ଶ' ଆଉଟ ହେବା ସହ ଦଳର ବ୍ୟାଟିଂ ବିପର୍ଯ୍ୟୟ ଆରମ୍ଭ ହୋଇ ଯାଇଥିଲା। ୨୬ ରନ କରିଥିବା ପୃଥ୍ୱୀଙ୍କୁ ଆଉଟ କରି କେନ୍ଦ୍ରାଞ୍ଚଳକୁ ବ୍ରେକ୍ ଥ୍ରୁ ଦେଇଥିଲେ ସୌରଭ କୁମାର। ଏହାପରେ ଅଧିନାୟକ ପ୍ରିୟଙ୍କ ପଞ୍ଚାଲ ୧୩, ସୂର୍ଯ୍ୟକୁମାର ଯାଦବ ୭, ସର୍ଫରାଜ ଖାଁ ଖାତା ଖୋଲିବା ପୂର୍ବରୁ ଏବଂ ହିତ୍ ପଟେଲ ୫ ରନକରି ଆଉଟ ହେବାରୁ ପଶ୍ଚିମାଞ୍ଚଳ ସ୍କୋର ୩୨.୫ ଓଭର ବେଳକୁ ୬୫/୫ ହୋଇ ଯାଇଥିଲା। ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ମଧ୍ୟ ଅଧିକ ସମୟ ତିଷ୍ଠି ନ ପାରି ୨୮ ରନରେ ପ୍ୟାଭିଲିୟନ ଫେରିଥିଲେ। ଏକମାତ୍ର ଅର୍ଦ୍ଧଶତକ ହାସଲ କରିଥିବା ଅତିତ ୭୮ ଓ ଧର୍ମେନ୍ଦ୍ରସିନ୍ ଜାଡେଜା ୩୯ ରନ କରିବାରୁ ଦଳ ୨୦୦ ରନ ସ୍ପର୍ଶ କରି ପାରିଥିଲା। ଷ୍ଟମ୍ପ ପ୍ରତ୍ୟାହାର ହେବା ବେଳକୁ ଚିନ୍ତନ ଗାଜା ୧୩ ଓ ଅର୍ଜନ ନାଗ୍ୱାସ୍ୱାଲା ୫ ରନକରି ଅପରାଜିତ ରହିଥିଲେ। କେନ୍ଦ୍ରାଞ୍ଚଳ ବୋଲରଙ୍କ ମଧ୍ୟରେ ମାଭି ୪ଟି ଏବଂ ଆଭେଶ ଖାଁ, ଯଶ୍ ଠାକୁର, ସୌରଭ କୁମାର ଓ ସାରାଂଶ ଜୈନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଭରକାଷ୍ଟ କଣ୍ଡିଶନରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେବା ମଧ୍ୟ ପଶ୍ଚିମାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟର ଅନ୍ୟତମ କାରଣ ବୋଲି ବିବେଚନା କରାଯାଉଛି।

**ସଂକ୍ଷିପ୍ତ ସ୍କୋର**

ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୨୧୬/୮ (ଅତିତ ସେଠ୍-୭୪, ଧର୍ମେନ୍ଦ୍ରସିନ୍ ଜାଡେଜା-୩୯, ଶିବମ୍ ମାଭି-୪/୪୩, ଆଭେଶ ଖାଁ-୧/୨୬, ଯଶ୍ ଠାକୁର-୧/୫୦, ସୌରଭ କୁମାର-୧/୬୪, ସାରାଂଶ ଜୈନ-୧/୨୯)।



କଟକର ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ପେସ୍ ବୋଲର ପ୍ରତିଭା ଅନ୍ୱେଷଣ ଶିବିର।

## ଉତ୍ତରାଞ୍ଚଳ ୧୯୮ରେ ଅଲ୍‌ଆଉଟ


୫ ଉଇକେଟ ହାସଲ ପରେ ବଲ୍ ପ୍ରଦର୍ଶନ କରୁଛନ୍ତି ବିଦ୍ୱାଥ କଭେରପ୍ପା।

**ବେଙ୍ଗାଲୁରୁ, ୫।୭**

ଦୁଲିପ ଟ୍ରଫି କ୍ରିକେଟର ଏଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ବୋଲରମାନେ ଚମତ୍କାର ବୋଲିଂ କରି ଉତ୍ତରାଞ୍ଚଳ ପ୍ରଥମ ଇନିଂସକୁ ୧୯୮ ରନରେ ସୀମିତ ରଖିଛନ୍ତି। ପଶ୍ଚିମାଞ୍ଚଳ ବୋଲିଂ ଆକ୍ରମଣର ନେତୃତ୍ୱ ନେଇଛନ୍ତି ବିଦ୍ୱାଥ କଭେରପ୍ପା। ଏହି ଡାହାଣହାତୀ ମିଡିୟମ ପେସର ୨୮ ରନ ବିନିମୟରେ ୫ ଉଇକେଟ ହାସଲ କରି ଉତ୍ତରାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟ ବୋଲରଙ୍କ ମଧ୍ୟରେ କେ.ଭି. ଶଶିକାନ୍ତ ୨ଟି ଏବଂ ବିଜୟ କୁମାର ବ୍ୟଶକ, ସାଇ କିଶୋର ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ପ୍ରଭସିମରନ ସିଂ ସର୍ବାଧିକ ୪୯, ଅଙ୍କିତ କୁମାର ୩୩ ଓ ହର୍ଷିତ ରାଣା ୩୧ ରନ କରିଥିଲେ। ପଶ୍ଚିମାଞ୍ଚଳ ମଧ୍ୟ ପ୍ରଥମ ଇନିଂସରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଦିବସ ଖେଳ ଶେଷ ବେଳକୁ ୬୩ ରନ ମଧ୍ୟରେ ୪ ଉଇକେଟ ହରାଇଛି। ମୟଙ୍କ ଅଗ୍ରୱାଲ ୩୭ ଓ ତିଳକ ବର୍ମା ୧୨ ରନରେ ଅପରାଜିତ ରହିଛନ୍ତି। ଆଉଟ ହୋଇଥିବା ୪ ଜଣ ଯାକ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ବାଲ୍‌ତେଜ୍ ସିଂ ଓ ହର୍ଷିତ ରାଣା ୨ଟି ଲେଖାଏ ଉଇକେଟ ନେଇଛନ୍ତି।

## ୱିଲିୟମସନ୍ ଏକ ନମ୍ବର

**ଦୁବାଇ, ୫।୭(ପି.ଟି.):** ବୁଧବାର ପ୍ରକାଶିତ ଆଇସିସି ଟେଷ୍ଟ ବ୍ୟାଟର ର୍‍ୟାଙ୍କିଙ୍ଗରେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ୍। ପ୍ରଥମ ସ୍ଥାନରେ ଥିବା ଜୋ ରୁଟ୍‌ଙ୍କୁ ପଛରେ ପକାଇଛନ୍ତି ୱିଲିୟମସନ୍। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ପରାଜିତ ହୋଇଥିଲେ ହେଁ ଭାରତ ବିଶ୍ୱର ଏକ ନମ୍ବର ଟେଷ୍ଟ ଦଳ ରହିଛି। ଅନ୍ୟ ପକ୍ଷରେ ଭାରତୀୟ ବୋଲର ରବି ଚନ୍ଦ୍ରନ ଅଶ୍ୱିନ ବୋଲରଙ୍କ ତାଲିକାରେ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ଅଲରାଉଣ୍ଡରଙ୍କ ମଧ୍ୟରେ ଏକ ନମ୍ବର ସ୍ଥାନରେ ଥିବା ଆଉ ଜଣେ ଭାରତୀୟ ହେଉଛନ୍ତି ରବୀନ୍ଦ୍ର ଜାଡେଜା।

# ପ୍ରଥମ ପର୍ଯ୍ୟାୟରେ ଭାଗନେଲେ ୩୫୮

### ଓସିଏର ପେସ୍ ବୋଲର ପ୍ରତିଭା ଅନ୍ୱେଷଣ

**ଭୁବନେଶ୍ୱର, ୫।୭**
**(ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ପେସ୍ ବୋଲର ପ୍ରତିଭା ଅନ୍ୱେଷଣ ଶିବିର (ପ୍ରଥମ ପର୍ଯ୍ୟାୟ) ବୁଧବାର କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ନୟାଗଡ଼ ଜିଲାରୁ ମୋଟ ୩୫୮ ପ୍ରତିଭା ସମ୍ପନ୍ନ ପେସ୍ ବୋଲର ଏହି ଶିବିରରେ ଯୋଗ ଦେଇଥିଲେ। ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ ଏବଂ ଅମିୟ ରାୟ, ସୌରଜିତ ମହାପାତ୍ର, ସୁବିତ ବିଶ୍ୱାଳ ଓ ପ୍ରଭଞ୍ଜନ ମଲିକ ଆଦି ଓସିଏର ସିନିୟର ଓ ଜୁନିୟର କୋଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ପେସ୍ ବୋଲର ପ୍ରତିଭା ଅନ୍ୱେଷଣର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଶିବିର ଯଥାକ୍ରମେ ଗୁରୁବାର ଓ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ଅନ୍ୟ ଜିଲା ଗୁଡ଼ିକରୁ ପେସ୍ ବୋଲର ପ୍ରତିଭାମାନେ ଅଂଶଗ୍ରହଣ କରିବେ।

# ୭ ଦୃଷ୍ଟିବାଧିତ ଖେଳାଳିଙ୍କୁ ସହାୟତା

**କଟକ, ୫।୭**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ଆସନ୍ତା ୧୮ରୁ ୨୭ ତାରିଖ ପର୍ଯ୍ୟନ୍ତ ବର୍ମିଂହାମ୍‌ରେ ହେବ ଆଇବିଏସ୍‌ଏ ବିଶ୍ୱ କ୍ରୀଡ଼ା। ଏଥିପାଇଁ ପୁରୁଷ ଓ ମହିଳା ଦୃଷ୍ଟିବାଧିତ କ୍ରିକେଟ ଦଳରେ ଓଡ଼ିଶାର ମୋଟ ୭ଜଣଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଛି। ଜାତୀୟ ଦୃଷ୍ଟିବାଧିତ ପୁରୁଷ ଦଳରେ ମହମ୍ମଦ ଜାଫର ଇକବାଲ, ପଙ୍କଜ ଭୁଏ, ନକୁଳ ବଡନାୟକ ଏବଂ ମହିଳା ଦଳରେ ଫୁଲ ସୋରେନ, ବାସନ୍ତି ହାଁସଦା, ଝିଲ୍ଲୀ ବିରୁଆ, ପଦ୍ମିନୀ ଟୁଡୁ ସାମିଲ ହୋଇଛନ୍ତି। ଏହି ୭ ଖେଳାଳିଙ୍କୁ ଆନନ୍ଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହିତ ପ୍ରୋତ୍ସାହନ ସ୍ୱରୂପ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ସଭାପତି ଅନ୍ନପୂର୍ଣ୍ଣା ମହାନ୍ତି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ଲୋଚନ ମହାନ୍ତି ନୂତନ ଖେଳ ସରଞ୍ଜାମ ଏବଂ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଭଲ ଖେଳିବା ସହିତ ଚାମ୍ପିୟନ ହୋଇ ଫେରିବାକୁ ଟ୍ରଷ୍ଟ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ଜିକ୍‌ସନଙ୍କ ପତାକା ସେଲିବ୍ରେଶନକୁ ନେଇ ବିବାଦ

### ଫୁଟବଲ ପଡ଼ିଆରେ ମଣିପୁର ହିଂସା

**ବେଙ୍ଗାଲୁରୁ, ୫।୭(ପି.ଟି.)**

ଦୁଇ ମାସ ଧରି ମଣିପୁରରେ ଜାରି ରହିଥିବା ହିଂସାକାଣ୍ଡ ଶେଷରେ ଫୁଟବଲ ପଡିଆରେ ପହଞ୍ଚିଛି। ସାଫ୍ ଚାମ୍ପିୟନଶିପ୍ ଫାଇନାଲରେ ଭାରତୀୟ ଜାତୀୟ ଫୁଟବଲ ଦଳର ସଦସ୍ୟ ଜିକ୍‌ସନ ସିଂଙ୍କ ସେଲିବ୍ରେଶନକୁ ନେଇ ବିବାଦ ଦେଖାଦେଇଛି। ଫାଇନାଲରେ ଭାରତ ସଡନ୍‌ଡେଥ୍‌ରେ କୁଏତ୍‌କୁ ପରାସ୍ତ କରିବା ପରେ ସମଗ୍ର ଦଳର ଖେଳାଳି ଜାତୀୟ ପତାକା ସହିତ ସେଲିବ୍ରେଶନ କରୁଥିବା ବେଳେ ଜିକ୍‌ସନ କିନ୍ତୁ ମେଇତେଇ ସମ୍ପ୍ରଦାୟର ପତାକାରେ ନଜର ଆସିଥିଲେ। ସାତ ରଙ୍ଗର ଏହି ପତାକାକୁ କାଙ୍ଗଲେଇପାକ୍ ବା ସାଲାଇ ଟାରେଟ ବୋଲି କୁହାଯାଏ। ପୁରାତନ ମଣିପୁରର ୭ ସମ୍ପ୍ରଦାୟକୁ ଏହି ୭ ରଙ୍ଗ ଦର୍ଶାଇଥାଏ। ଏହାକୁ ମେଇତେଇ ସମ୍ପ୍ରଦାୟ ବ୍ୟବହାର କରିଥାଏ। ତେବେ ଏହି ନର୍ଥ ଇଷ୍ଟ ରାଜ୍ୟରେ ଦୁଇ ମାସ ହେବ ହିଂସା ଲାଗି ରହିଛି। କୁକି ଓ ମେଇତେଇ କମ୍ୟୁନିଟି ମଧ୍ୟରେ ଏହି ଲଢେଇ ମେ ମାସରୁ ଲାଗି ରହିଥିବା ବେଳେ ରାଜ୍ୟ ଜଳୁଛି। କୁକି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରାଯାଇଥିବା ବେଳେ ମେଇତେଇ ମଧ୍ୟ ସାମନ ଦାବି କରୁଛି। ଏହାକୁ ନେଇ ରାଜ୍ୟରେ ହିଂସାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି। ସାଲାଇ ଟାରେଟ ସହିତ ସେଲିବ୍ରେଟ୍ କରିଥିବା ଜିକ୍‌ସନ୍ ସମାନ ପତାକା ପକାଇ ପଦକ ଗ୍ରହଣ କରିବାକୁ ମଧ୍ୟ ଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ଭାରତୀୟ ଭାବରେ ଏକ ବିଶ୍ୱକପରେ ସ୍କୋର କରିଛନ୍ତି ଜିକ୍‌ସନ। ୨୨ ବର୍ଷୀୟ ଜିକ୍‌ସନ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପରେ ପ୍ରଥମେ ଭାରତ ପାଇଁ ଗୋଲ୍ ସ୍କୋର କରିଥିଲେ।

**ଜିକ୍‌ସନଙ୍କ ସ୍ପଷ୍ଟୀକରଣ:** ଜିକ୍‌ସନଙ୍କ ସେଲିବ୍ରେଶନ ପରେ ଏହାକୁ ନେଇ ସୋସିଆଲ ମିଡିଆରେ ବିବାଦ ଦେଖା ଦେଇଥିଲା। ଫଳରେ ଟୁଇଟରରେ ଜିକ୍‌ସନ ସ୍ପଷ୍ଟୀକରଣ ଦେଇଥିଲେ। ଏପରି ସେଲିବ୍ରେଶନ ଦ୍ୱାରା କାହାକୁ ଅପମାନିତ କରିବା ମୋର ଲକ୍ଷ୍ୟ ନ ଥିଲା ବୋଲି ସେ ସ୍ପଷ୍ଟ କରିଥିଲେ। ସାଫ୍ ଚାମ୍ପିୟନଶିପ୍‌ର ବିଜୟ ସମଗ୍ର ଭାରତୀୟଙ୍କ ପାଇଁ ଉତ୍ସର୍ଗୀକୃତ ବୋଲି ସେ କହିଥିଲେ। ମୋ ରାଜ୍ୟ ବିଗତ ଦୁଇ ମାସ ହେଲାଣି ଜଳୁଛି। ଶାନ୍ତିର ଅପିଲ୍ ପାଇଁ ମୁଁ ଏହି ସେଲିବ୍ରେଶନ କରିଥିଲି ବୋଲି ସେ କହିଛନ୍ତି। ମୋ ପରିବାର ସୁରକ୍ଷିତ ରହିଥିଲେ ମଧ୍ୟ ମୋ ରାଜ୍ୟର ଶହ ଶହ ଘର ଜଳୁଛି ତେଣୁ ଶାନ୍ତି ଫେରି ଆସିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ବ୍ରେଣ୍ଡନ କିଙ୍ଗ୍‌ଙ୍କ ଶତକ

**ହରାରେ, ୫।୭:** କ୍ରମାଗତ ୩ ପରାଜୟ ସହ ଦିନିକିଆ କ୍ରିକେଟ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନରେ ପ୍ରଥମଥର ପାଇଁ ବିଫଳ ହୋଇଥିବା ୱେଷ୍ଟଇଣ୍ଡିଜ କ୍ୱାଲିଫାୟର୍ସରେ ବୁଧବାର ପ୍ରଥମ ବିଜୟ ହାସଲ କରିଛି। ବ୍ରେଣ୍ଡନ କିଙ୍ଗ୍‌ଙ୍କ ଶତକ ସହାୟତାରେ ଏହି ଦଳ ଓମାନକୁ ୭ ଉଇକେଟରେ ପରାସ୍ତ କରିଛି। ଓମାନ ୫୦ ଓଭରରେ ୯ ଉଇକେଟ ହରାଇ ୨୨୧ ରନ କରିଥିଲା। ୨୨୨ ରନ ବିଜୟ ଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ ୩୯.୪ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। କିଙ୍ଗ୍ ୧୦୪ ବଲ୍‌ରୁ ୧୦୦ ରନ ସ୍କୋର କରିଥିଲେ।

# ସୁପର କପ୍ ବିଜେତାକୁ ପୁରସ୍କାର ପ୍ରଦାନ

### ଫାଓ ଲିଗ୍ ଉଦ୍‌ଘାଟିତ

**କଟକ, ୫।୭**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ବୁଧବାର ଫୁଟବଲ ଲିଗ୍ ଉଦ୍‌ଘାଟିତ ହୋଇଛି। ଫାଓ ଲିଗ୍ ନାମରେ ପରିଚିତ ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ ଓଡ଼ିଶା ପୋଲିସ ଓ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ୪-୪ ଗୋଲରେ ଡ୍ର ରହିଥିଲା। ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ରାଇସେନ ଟୁଡୁ ୧୩ ଓ ୨୮ତମ ମିନିଟରେ ୨ଟି ଏବଂ ଡି. ସଞ୍ଜୟ ୪୪ ଓ ରୋନିକ ମାଝି ୬୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ପୋଲିସ ଦଳର ଭୋଲେଶଙ୍କର ମାଝି ୨୬ ଓ ୩୨ ଏବଂ ବିଜୟ ବେହେରା ୪୮ ଓ ୭୧ତମ ମିନିଟରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ନିକଟରେ ଶେଷ ହୋଇଥିବା ଫାଓ ସୁପର କପ୍‌ର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଚାମ୍ପିୟନ ରାଇଜିଂ ଷ୍ଟାର ଦଳକୁ ଟ୍ରଫି ସହ ୧,୦୦,୦୦୦ଟଙ୍କା ଏବଂ ରନରଅପ୍ ବିଡ଼ାନାସୀ ଦଳକୁ ୫୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। କଟକ ଜିଲାପାଳ ଭବାନୀ ଶଙ୍କର ଚୟନି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍, ବିଶ୍ୱ ରଞ୍ଜନ ଘଡ଼େଇ, ଫାଓ ମହିଳା କମିଟି ଚେୟାରମ୍ୟାନ ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଫାଓ ସୁପର କପ୍ ଟ୍ରଫି ସହ ଅତିଥିଙ୍କ ଗହଣରେ ରାଇଜିଂ ଷ୍ଟାର ଦଳ।

# ଇଂଲଣ୍ଡ ଫୁଟ୍‌ବଲରେ ପ୍ରଥମ ମହିଳା କୋଚ୍

**ମାଞ୍ଚେଷ୍ଟର, ୫।୭(ପି.ଟି.)**

ଇଂଲଣ୍ଡରେ ଦିନକୁ ଦିନ ମହିଳା ଫୁଟବଲର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ତେବେ ପୁରୁଷ ଟିମ୍‌ରେ ମହିଳା କୋଚ୍ ବା ସପୋର୍ଟ ଷ୍ଟାଫଙ୍କ ଉପସ୍ଥିତି ନଗଣ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଭଳି ଏକ ପରସ୍ଥିତିରେ ଇତିହାସ ରଚିଛନ୍ତି ହାନ୍ନା ଡିଙ୍ଗଲି। ଫରେଷ୍ଟ ଗ୍ରୀନ୍ ପୁରୁଷ ଫୁଟବଲ କ୍ଲବ ଏହାର କୋଚ୍ ଭାବରେ ଡିଙ୍ଗଲିଙ୍କୁ ନିଯୁକ୍ତ ଦେଇଛି। ମଙ୍ଗଳବାର ଡନ୍‌କାନ ଫର୍ଗୁସନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଡିଙ୍ଗଲିଙ୍କୁ କେୟାରଟେକର କୋଚ୍ ଭାବରେ ନିଯୁକ୍ତ କରାଯାଇଛି। ପୂର୍ବରୁ ସେ କ୍ଲବ୍‌ର ଚତୁର୍ଥ ଡିଭିଜନ ଟିମ୍‌ର ମୁଖ୍ୟ କୋଚ୍ ରହିଥିଲେ। ପ୍ରଥମ ଇଂଲିଶ କ୍ଲବ ଭାବରେ ଫରେଷ୍ଟ ଗ୍ରୀନ୍ ରୋଭର୍ସ ହାନ୍ନାଙ୍କୁ ନିଯୁକ୍ତି ଦେଇଥିବା ବେଳେ ମ୍ୟାନେଜର ଭାବରେ ନିଜ ଦକ୍ଷତା ପ୍ରମାଣିତ କରିବା ପାଇଁ ତାଙ୍କ ନିକଟରେ ସୁଯୋଗ ରହିଛି।

କ୍ଲବ ପକ୍ଷରୁ କୌଣସି ସମୟର କଟକଣା ନ ଥିବାରୁ ଦଳକୁ ଆଗେଇ ନେବା ପାଇଁ ହାନ୍ନାଙ୍କ ନିକଟରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ମ୍ୟାନେଜର ତଥା ମୁଖ୍ୟ କୋଚ୍ ଭାବରେ


ହାନ୍ନା ଡିଙ୍ଗଲି

ସୁଯୋଗ ପାଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି କହିଛନ୍ତି ହାନ୍ନା ଡିଙ୍ଗଲି। ପ୍ରି ସିଜନ ବର୍ତ୍ତମାନ ଆରମ୍ଭ ହେଉଥିବା ବେଳେ ସମ୍ପୂର୍ଣ୍ଣ ସିଜନ ଆଗକୁ ରହିଛି। ଏହା ମୋ ପାଇଁ ଏବଂ ଇଂଲିଶ ଫୁଟବଲ ପାଇଁ ଏକ ଚମତ୍କାର ସମୟ। ଉନ୍ନତ ଏବଂ ପ୍ରଗତିଶୀଳ ଚିନ୍ତାଧାରା ରଖୁଥିବା ଏଭଳି କ୍ଲବ ସହିତ ଯୋଡି ହୋଇଥିବାରୁ ମୁଁ ଅତ୍ୟନ୍ତ ଉତ୍ସାହିତ ବୋଲି ସେ କହିଛନ୍ତି।

ଇଂଲଣ୍ଡରେ ମହିଳା ଫୁଟବଲର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ଦଳ ୟୁରୋ କପ ବିଜୟୀ ହୋଇ ମହିଳା ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମହିଳା ଏଫ୍‌ଏ କପ୍ ଫାଇନାଲକୁ ୭୭୩୯୦ ଦର୍ଶକ ଦେଖିଥିବା ବେଳେ ଏହା ଏକ ରେକର୍ଡ। ଚେଲ୍‌ସି ମହିଳା ଦଳର ମ୍ୟାନେଜର ଭାବରେ ଏମ୍ମା ହାୟେସ୍ ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି। ଫରେଷ୍ଟ ଗ୍ରୀନ୍ କ୍ଲବ ସର୍ବଦା ଚିରାଚରିତ ଧାରାରୁ କିଛି ଭିନ୍ନ କରିବାକୁ ପ୍ରୟାସ କରିଥାଏ। ଗ୍ଲସେଷ୍ଟରଶାୟାରରେ ଅବସ୍ଥିତ ଏହି ଟିମ୍‌ଟି ସୌରଶକ୍ତିର ବ୍ୟବହାର କରୁଥିବା ବେଳେ ଇଲେକ୍ଟ୍ରିକ୍ ବସ୍‌ରେ ଟିମ୍ ଯାତାୟାତ କରିଥାଏ। ଦଳର ସମସ୍ତେ ଭେଗାନ ଖାଦ୍ୟ(ଆମିଷ ଓ ଦୁଗ୍ଧଜାତ ବର୍ଜିତ) ଗ୍ରହଣ କରିଥାନ୍ତି। ଏପରି କି ଏହାର ପଡିଆ ସମ୍ପୂର୍ଣ୍ଣ ଅର୍ଗାନିକ ଏବଂ ପୁନଃନବୀକରଣ ବର୍ଷା ଜଳରେ ଏହାର ଷ୍ଟାଡିୟମ ପ୍ରସ୍ତୁତ କରାଯାଏ।

## ଟେନ୍‌ସନ୍‌ରେ ପବନ

ସାଉଥ୍‌ଷ୍ଟାର ପବନକଲ୍ୟାଣ ଏବେ ଟେନ୍‌ସନ୍‌ରେ। କାରଣ କ'ଣ ଜାଣନ୍ତି? ଅସଲ କଥା ହେଲା– ତାଙ୍କର ବୈବାହିକ ଜୀବନରେ ପୁଣି ଥରେ ମୋଡ଼ ଆସିଛି। ବର୍ତ୍ତମାନ ସୁଦ୍ଧା ତିନିଥର ବିବାହ କରିସାରିଥିବା



ଏହି ଅଭିନେତା ପୁଣି ଥରେ ଡିଭୋର୍ସ ଦେବାକୁ ଯାଉଛନ୍ତି ବୋଲି ଶୁଣିବାକୁ ମିଳୁଛି। ବର୍ତ୍ତମାନ ତାଙ୍କର ତୃତୀୟ ସ୍ତ୍ରୀ ଓ ପିଲା ଦୁବାଇରେ ରହୁଛନ୍ତି। ଏହା ପୂର୍ବରୁ ତାଙ୍କର ପ୍ରଥମ ବିବାହ ୧୧ବର୍ଷ, ଦ୍ୱିତୀୟ ବିବାହ ୩ବର୍ଷ ଏବଂ ତୃତୀୟ ବିବାହ ୧୦ବର୍ଷ ତିଷ୍ଠିଛି। ଏଭଳି କଥାକୁ ନେଇ ଆଲୋଚନାର ଶିରୋନାମା ପାଲଟିଛନ୍ତି ଏହି ଅଭିନେତା। କିନ୍ତୁ ଏଭଳି କଥା ବିଷୟରେ ପବନ ଏବଂ ତାଙ୍କର ତୃତୀୟ ସ୍ତ୍ରୀ ଅନ୍ନା କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।



ଐଶ୍ୱର୍ଯ୍ୟା

## ନାହିଁ ନାହିଁରେ ଐଶ୍ୱର୍ଯ୍ୟା

ଐଶ୍ୱର୍ଯ୍ୟା ରାୟ ବଚ୍ଚନ କାହାଠୁ ନିଜକୁ ଦୂରେଇ ରଖୁଥିଲେ। ଏକଥା ଜାଣିଲା ପରେ ମନରେ ତ ନିଶ୍ଚୟ ପ୍ରଶ୍ନ ଆସୁଥିବ, ହେଲେ ସେ ଆଉ କେହି ନୁହନ୍ତି ସେ ହେଲେ ମିଷ୍ଟର ପରଫେକ୍ଟନିଷ୍ଟ 'ଆମିର ଖାଁ'। ବଲିଉଡ୍‌ରେ ସବୁ ଅଭିନେତ୍ରୀ ଆମିରଙ୍କ ସହ ଅଭିନୟ କରିବାକୁ ସ୍ୱପ୍ନ ଦେଖୁଥିବା ବେଳେ କିନ୍ତୁ ଐଶ୍ୱର୍ଯ୍ୟା ସବୁବେଳେ ତାଙ୍କଠୁ ଦୂରେଇ ରହୁଥିଲେ। କାରଣ ଆମିରଙ୍କ ଗୋଟିଏ ଖରାପ ଅଭ୍ୟାସ ଥିଲା। ତାହା ଜାଣିବେନି, ସେ ଅଭ୍ୟାସଟି ହେଲା– ସେ ହିରୋଇନ୍‌ଙ୍କୁ ଥଟ୍ଟାମଜା କରନ୍ତି, ଯାହା ଐଶ୍ୱର୍ଯ୍ୟାଙ୍କୁ ବିଲ୍‌କୁଲ୍ ବି ପସନ୍ଦ ନ ଥିଲା। ମିଡିଆ ରିପୋର୍ଟ ଅନୁସାରେ – ଦିନେ ଆମିର, ଐଶ୍ୱର୍ଯ୍ୟା ଦୁହେଁ ମିଶି ଏକ ବିଜ୍ଞାପନ ଶୁଟ୍ କରୁଥିଲେ। ଏହି ଶୁଟିଂ ସେଟ୍‌ରେ ଆମିର ମଧ୍ୟ ଅନ୍ୟ ହିରୋଇନ୍‌ଙ୍କ ପରି ତାଙ୍କୁ ଥଟ୍ଟା ପରିହାସ କରିଥିଲେ, ଯାହା ତାଙ୍କୁ ଜମା ବି ପସନ୍ଦ ନ ଥିଲା। ସେହିଦିନଠାରୁ ଐଶ୍ୱର୍ଯ୍ୟା ଡିସାଇଡ୍ କରି ଦେଇଥିଲେ ଯେ ସେ କେବେ ବି ଆମିରଙ୍କ ସହ ଅଭିନୟ କରିବେ ନାହିଁ। ଐଶ୍ୱର୍ଯ୍ୟାଙ୍କୁ ପୋନିୟନ୍ ସେଲ୍‌ଭାନ୍–୨ରେ ଦେଖିବାକୁ ମିଳିଥିଲା ଯାହା ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତି ଲାଭ କରିଛି।

## ଧୋକା ପାଇବା ପରେ...



ବିଦ୍ୟା ବଲାନ୍

କଥାରେ ଅଛି ମଣିଷ ଧୋକା ଖାଇଲେ ଶିଖେ। ଆଉ ବା ଏଥିରୁ ବିଦ୍ୟା ବଲାନ୍ ବାଦ୍ ବା କିପରି ପଡ଼ିବେ। ସେ କେବେ କଳ୍ପନା କରି ନ ଥିଲେ ଯେ ଏଭଳି ପରିସ୍ଥିତିକୁ ସାମ୍ନା କରିବେ। ସମୟ ଏମିତି ବଦଳିଗଲା ଯେ ଶେଷରେ ତାଙ୍କୁ ମିଳିଲା କେବଳ ଧୋକା। ହେଲେ ଏଭଳି ଘଟଣା ଘଟିଛି ବିଦ୍ୟାଙ୍କ ରିଅଲ ନୁହେଁ ରିଲ୍ ଲାଇଫ୍‌ରେ। ଏକ କ୍ରାଇମ୍ ଥ୍ରିଲର ସିନେମାରେ ଗୁପ୍ତଚର ଭୂମିକାରେ ଅଭିନୟ କରୁଛନ୍ତି। ବର୍ତ୍ତମାନ ସେ ଏହାର ପ୍ରଚାର ପ୍ରସାରରେ ଲାଗି ପଡ଼ିଛନ୍ତି। ଏହି ଫିଲ୍ମର ଟାଇଟଲ୍ ରହିଛି 'ନିୟତ' ଯାହା ଶୁକ୍ରବାର ରିଲିଜ୍ ହେବାକୁ ଯାଉଛି।



## ସୋନୁଙ୍କ କନ୍ୟା ଖୋଜା ନିଶା

କେବଳ ଅଭିନୟ ନୁହେଁ ସମାଜସେବା ପାଇଁ ସୋନୁ ସୁଦ୍ ଚାରିଆଡ଼େ ପରିଚିତ। ବିଶେଷ ଭାବରେ କରୋନା ସମୟରେ ସୋନୁଙ୍କ ସହାୟତାକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ଏବେ ସୋନୁ କନ୍ୟାପାତ୍ରୀଟିଏ ଖୋଜିବାରେ ବ୍ୟସ୍ତ ଅଛନ୍ତି। ହେଲେ ଅସଲ କଥା ହେଲା– ସେ ନିଜ ପାଇଁ ଖୋଜୁ ନାହାନ୍ତି ବରଂ ନିକଟରେ ହିମାଚଳ ପ୍ରଦେଶରେ ଭେଟ ହୋଇଥିବା ଜଣେ ଯୁବକ ପାଇଁ କନ୍ୟା ଖୋଜୁଛନ୍ତି। କଥା କ'ଣ କି ନିକଟରେ ସେଠାରେ ଦୁହିଙ୍କ ଭିତରେ ଭେଟ ହୋଇଥିଲା। ଏପରିକି ଦୋସା ପ୍ରସ୍ତୁତ କରୁଥିବା ପିଲା ସହ ମିଶି ସୋନୁ ଦୋସା ପ୍ରସ୍ତୁତ କରି କିଛି ଲୋକଙ୍କୁ ଖୁଆଇଥିଲେ। ଦୋସା ପ୍ରସ୍ତୁତ କରୁଥିବା ଯୁବକ ସହ ଆଲୋଚନା ସମୟରେ ସେ ଜାଣିବାକୁ ପାଇଲେ ଯେ ସେ ଅବିବାହିତ। ତେଣୁ ତାଙ୍କ ଲାଗି ଏକ ମନଲାଖି କନ୍ୟା ଖୋଜି ବୁଲୁଛନ୍ତି ସୋନୁ। ଏପରିକି ନିଜ ସୋସିଆଲ ମିଡିଆରେ ସେ ଯୁବକଙ୍କ ଫଟୋକୁ ଅପ୍‌ଲୋଡ୍ କରି ପାତ୍ରୀଟିଏ ଖୋଜିବା ଲାଗି ଅନୁରୋଧ କରିଛନ୍ତି। ଦେଖାଯାଉ ସୋନୁଙ୍କର ଏହି କନ୍ୟା ଖୋଜା ମିଶନ୍ କେତେଦୂର ସକ୍‌ସେସ୍ ହେଉଛି।



ଧର୍ମେନ୍ଦ୍ର

## ନାକ ଅଗରେ ରାଗ

ରାମ ମାହେଶ୍ୱରୀଙ୍କ ନିର୍ଦ୍ଦେଶନାରେ 'କାଜଲ' ନାମକ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା ; ଯେଉଁଥିରେ ରାଜ କପୁର ଓ ଧର୍ମେନ୍ଦ୍ରଙ୍କୁ ଏକ ସଙ୍ଗରେ ଦେଖିବାକୁ ମିଳିଥିଲା। ସେ ସମୟରେ ଧର୍ମେନ୍ଦ୍ର ନିଜର ବଡି ପାଇଁ ବହୁ ଚର୍ଚ୍ଚାରେ ରହୁଥିଲେ। ଦିନେ ଏହି ବଡିକୁ ନେଇ ରାଜ କପୁର ଡାଇରେକ୍ଟରଙ୍କୁ ଯାଇ କହିଲେ, ଆପଣଙ୍କୁ ଫିଲ୍ମରେ ଅଭିନେତା ଦରକାର ନା ପହିଲ୍‌ବାନ୍। ପରେ ଏ କଥା ଶୁଣି ରାଗିଯାଇଥିଲେ ଧର୍ମେନ୍ଦ୍ର, ହେଲେ କିଛି କହି ନ ଥିଲେ। ପୁନର୍ବାର ରାଜ କପୁର ଧର୍ମେନ୍ଦ୍ରଙ୍କୁ ମାଙ୍କଡ଼ କହି ହସିବାକୁ ଲାଗିଲେ। ଏ କଥାରେ ଧର୍ମେନ୍ଦ୍ର ନିଜର ରାଗ ଉପରୁ କଣ୍ଟ୍ରୋଲ ହରାଇବସି ରାଜ କପୁରଙ୍କ ଶାର୍ଟ କଲର ଧରି ନେଇଥିଲେ। ଯଦି ସେ ସମୟରେ ଉପସ୍ଥିତ ଟିମ୍ ମେମ୍ବର ତାଙ୍କୁ ଅଟକାଇ ନ ଥାନ୍ତେ ତେବେ କଥା ଆଗକୁ ବଢ଼ିଯାଇଥାନ୍ତା।

## ଅତୀତରୁ...

- ଆଇଡିଆଲ୍ ପ୍ରଡକ୍ସନ, ସମ୍ବଲପୁର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମନ ଆକାଶ'। ରାସବିହାରୀ ମିଶ୍ରଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଉପେନ୍ଦ୍ର କୁମାର। ଶାନ୍ତିସ୍ୱରୂପ, ଲାବଣ୍ୟବତୀ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।
- ସୋମନାଥ ସାହୁଙ୍କ ପ୍ରଯୋଜିତ ଏବଂ ସୋନା ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଘରବାହୁଡ଼ା'। ସାମୁଏଲ ସାହୁ (ବାବି), ସୁଜାତା ଆନନ୍ଦ, ସୁଜିତ, ନିରଞ୍ଜନ, ହିମାଂଶୁ, ମମତା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।
- ନିଉ ଲାଇଫ ପ୍ରଡକ୍ସନ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ପୌରାଣିକ ଓଡ଼ିଆ ଚଳଚ୍ଚିତ୍ର 'କୃଷ୍ଣ ସୁଦାମା'। ଗୋବିନ୍ଦ ତେଜ ଏହାର ପ୍ରଯୋଜନା କରିବା ସହ ଅଭିନୟ ମଧ୍ୟ କରିଥିଲେ। ତାଙ୍କ ବ୍ୟତୀତ ଅନୀତା ଦାସ, ଶାନ୍ତିସ୍ୱରୂପ ଏବଂ ତ୍ରିପୁରା ମିଶ୍ର ମଧ୍ୟ କାଷ୍ଟିଂରେ ଥିଲେ।
- ଗଣେଶ ଲାଲ ଜୀଉଙ୍କ ପ୍ରଯୋଜିତ ଏବଂ



ଅନୀତା ଦାସ

ସାଧୁ ମେହେରଙ୍କ ନିର୍ଦ୍ଦେଶିତ 'ଅଭିମାନ'ର ନାୟକ ସାଜିଥିଲେ ଉତ୍ତମ ମହାନ୍ତି। ଏଥିରେ ରୀତା, ସାମୁଏଲ ସାହୁ (ବାବି), ସୁଜାତା ଆନନ୍ଦ ପ୍ରମୁଖ କଳାକାର ମଧ୍ୟ ଅଭିନୟ କରିଥିଲେ।
- ଓଡ଼ିଆ ସିନେମା 'ଏ ନୁହେଁ କାହାଣୀ'ର ନିର୍ଦ୍ଦେଶନା ଦେଇଥିଲେ କେ.ଏଚ୍.ଡି. ରାଓ। ଏହାର ବିଭିନ୍ନ ଭୂମିକାରେ ହୃଦୟାନନ୍ଦ, ମହାଶ୍ୱେତା ରାୟ, ବସନ୍ତ ଏବଂ ଜର୍ଜ ତିଆଡ଼ି ପ୍ରମୁଖ କଳାକାର ଅଭିନୟ କରିଥିଲେ।



ଆୟୁଷ୍ମାନ୍

## ନର୍ଭସ ଅଛନ୍ତି ଆୟୁଷ୍ମାନ୍

ଆୟୁଷ୍ମାନ୍ ଖୁରାନାଙ୍କୁ କିଏ ବା ନ ଜାଣେ। ସେ ଏକାଧାରରେ ଜଣେ ଅଭିନେତା ସହ ଗାୟକ ମଧ୍ୟ। ସେ ଏବେ ଗୋଟିଏ କଥାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। କଥା କ'ଣ କି ସେ ଲଣ୍ଡନର ପ୍ରତିଷ୍ଠିତ ବମ୍ବେଲୀ ଷ୍ଟାଡିୟମରେ ପ୍ରଥମଥର ପର୍‌ଫର୍ମ କରିବାକୁ ଯାଉଛନ୍ତି, ଯାହାକୁ ନେଇ ସେ ବେଶ୍ ଉତ୍ସାହିତ। ଆୟୁଷ୍ମାନ୍ କଥା ପ୍ରସଙ୍ଗରେ କୁହନ୍ତି– ଏଥିଲାଗି ମୁଁ ନିଜକୁ ଗର୍ବ ଅନୁଭବ କରୁଛି। ମୁଁ ଜଣେ ଅଭିନେତା ହିସାବରେ ମୋତେ ଟିକେ ନର୍ଭସ ଲାଗୁଛି। କାରଣ ଲଣ୍ଡନର ବମ୍ବେଲୀ ଷ୍ଟାଡିୟମରେ ଅଭିନୟ କରିବା ମୋ ପାଇଁ ଏକ ଚ୍ୟାଲେଞ୍ଜ। ତଥାପି ମୁଁ ସେଠାରେ ମୋର ବେଷ୍ଟ ପର୍‌ଫର୍ମାନ୍ସ ଦେବି ବୋଲି ନିହାତି ଚେଷ୍ଟା କରିବି। ସେଠାରେ ଆୟୁଷ୍ମାନ୍‌ଙ୍କ ସହ ହ୍ରିତିକ୍ ରୋଶନ ମଧ୍ୟ ପର୍‌ଫର୍ମ କରିବାର ଯୋଜନା ରହିଛି। ଏହି ପର୍‌ଫର୍ମଟି ଆୟୋଜିତ ହେବ ସେପ୍ଟେମ୍ବର ୨୦୨୩ରେ।

## ଏତେଦିନ ପରେ...

ସୁସ୍ମିତାଙ୍କ ଖୁସି କହିଲେ ନ ସରେ। କଥା କ'ଣ କି ସେ ଚାହୁଁଥିବା ମନଲାଖି ଭୂମିକାଟି ତାଙ୍କୁ ମିଳିଯାଇଛି। ଖୁବ୍‌ଶୀଘ୍ର ତାଙ୍କୁ ଏକ ୱେବ୍‌ସିରିଜରେ ଦେଖିବାକୁ ମିଳିବ। ଜାଣିଛନ୍ତି ସେ ଏଥିରେ ଜଣେ ଟ୍ରାନ୍ସଜେଣ୍ଡର ଭୂମିକାରେ ଅଭିନୟ କରିବେ। ଟ୍ରାନ୍ସଜେଣ୍ଡର ଗୌରୀ ସାବନ୍ତଙ୍କୁ ନେଇ ଏକ ୱେବ୍‌ସିରିଜ ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବା ଯୋଜନା ରହିଛି। ଏଥିରେ ସୁସ୍ମିତା ସେନ୍‌ଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହି ୱେବ୍ ସିରିଜଟି ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହେବ। ଏହି ୱେବ୍‌ସିରିଜର ନାମ 'ତାଲି'। ସୋସିଆଲ ମିଡିଆରେ ତାଙ୍କର ଏକ ଫଟୋ ଘୂରି ବୁଲୁଛି, ଯେଉଁଥିରେ ତାଙ୍କୁ ଭିନ୍ନ ଗେଟ୍‌ଅପ୍‌ରେ ଦର୍ଶକ ଦେଖିବାକୁ ପାଇବେ। ସେ ଏଥିରେ ନିଜ ମଥାରେ ଏକ ଲାଲରଙ୍ଗର ବିନ୍ଦି ପିନ୍ଧିବେ। ଏହି ୱେବ୍‌ସିରିଜରେ ତାଙ୍କର ଏକ ଡାଇଲଗ୍ ରହିଛି– "ତୁ ମୁଶ୍‌କିଲ୍ ଦେ ଭଗବାନ୍ ମୈଁ ଆସାନ୍ କରୁ, ...ତୁ ଲାଖ ଗିରାଦେ ବିଜ୍‌ଲି ମୁଝ୍‌ପେ, ମୈଁ ତୋ ସତରଙ୍ଗ ବନୁଁ, ମୈଁ ତୋ ତାଲି ବଜାତି ନେହିଁ, ବଜୱାତୀ ହୁଁ"। ଏହି ସିରିଜର ମୋଶନ ପୋଷ୍ଟର ଦେଖିବା ପରେ ତାଙ୍କ ପ୍ରଶଂସକଙ୍କ ମନରେ ଉତ୍ସୁକତା ବଢ଼ିଯାଇଛି। ଦେଖାଯାଉ, ସେ ଏଥିରେ କେତେଦୂର ସକ୍‌ସେସ୍ ହେଉଛନ୍ତି ତାହା ରିଲିଜ୍ ହେଲା ପରେ ହିଁ ଜଣାପଡ଼ିବ।



ସୁସ୍ମିତା

## ମୃଣାଳଙ୍କ ଶାଢ଼ି ଗେଟ୍‌ଅପ୍

ଟିଭି ଇଣ୍ଡଷ୍ଟ୍ରିରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ମୃଣାଳ ଏବେ ଶାଢ଼ି ଗେଟ୍‌ଅପ୍‌ରେ ଘୂରି ବୁଲୁଛନ୍ତି। ସେ ନିଜ ଅଭିନୟ ଦମ୍ କେବଳ ବଲିଉଡ୍‌ରେ ନୁହେଁ ଦକ୍ଷିଣ ଭାରତୀୟ ଇଣ୍ଡଷ୍ଟ୍ରିରେ ମଧ୍ୟ ଦେଖାଇ ସାରିଛନ୍ତି। ତାଙ୍କର ୨୦୨୨ରେ 'ସୀତା ରାମମ୍' ନାମକ ତେଲୁଗୁ ଚଳଚ୍ଚିତ୍ରଟି ହିଟ୍ ସାବ୍ୟସ୍ତ ହେବା ପରେ ସେ ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ର ସାଇନ୍ କରିବାରେ ଲାଗି ପଡ଼ିଛନ୍ତି। ନିକଟରେ ସେ ବିଜୟ ଦେବରକୋଣ୍ଡାଙ୍କ ସହ ଏକ ସିନେମା ସାଇନ୍ କରିଛନ୍ତି। ତାଙ୍କର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ନାନୀ ୩୦'ରେ ନିଜର ଫାଷ୍ଟ ଲୁକ୍ ଫଟୋଟି ସେ ଫ୍ୟାନ୍‌ଙ୍କ ସହ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହାକୁ ନେଇ ଚର୍ଚ୍ଚା ଏବେଠୁ ଆରମ୍ଭ ହୋଇଗଲାଣି। ଏଥିରେ ସେ ପାରମ୍ପରିକ ଦକ୍ଷିଣ ଭାରତୀୟ ଶାଢ଼ି ପିନ୍ଧିବା ସହ ବହୁ ସୁନ୍ଦର ଦେଖାଯାଉଥିଲେ। ସେ ଯେଉଁ ଶାଢ଼ି ପିନ୍ଧିଥିଲେ ତାହାର ରଙ୍ଗ ଥିଲା ପର୍ପଲ। ଏହି ଚଳଚ୍ଚିତ୍ରରେ ତାଙ୍କ ଅପୋଜିଟ୍‌ରେ ନାୟକ ସାଜିଛନ୍ତି ନାନୀ। ଚଳଚ୍ଚିତ୍ରଟିକୁ ନିର୍ଦ୍ଦେଶନା ଦେଇଛନ୍ତି ସୌରଭ। ଏହି ଚଳଚ୍ଚିତ୍ରଟି ଇମୋଶନ ସହ ଫ୍ୟାମିଲି ଡ୍ରାମାରେ ଭରପୂର ହୋଇରହିଛି।



ମୃଣାଳ

# ତୃତୀୟ ରାଉଣ୍ଡରେ କାସାଟକିନା

ୱିମ୍ବେଲଡନ, ୫।୭

ବର୍ଷା ଯୋଗୁ କ୍ରମାଗତ ତୃତୀୟ ଦିବସରେ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ଅନେକ ମ୍ୟାଚ ବାଧାପ୍ରାପ୍ତ ହୋଇଛି। କେବଳ ଇନ୍‌ଡୋରରେ ଖେଳଗୁଡ଼ିକ ସମ୍ଭବ ହୋଇପାରିଛି। ଅଲ୍ ଇଂଲଣ୍ଡ କ୍ଲବର କେବଳ ସେଣ୍ଟର କୋର୍ଟ ଓ କୋର୍ଟ ନଂ-୧ରେ ଛାତ ଅଛି। ତେଣୁ ସେଠାରେ ଥିବା ଗ୍ରାସ୍‌କୋର୍ଟରେ ମ୍ୟାଚ ଖେଳାଯାଉଛି। ବୁଧବାର ମହିଳା ସିଙ୍ଗଲ୍ସର ଦ୍ୱିତୀୟ

**ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ**

ରାଉଣ୍ଡରେ ଡାରିଆ କାସାଟକିନା ବିଜୟ ହାସଲ କରିଛନ୍ତି। ସେହିପରି ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି ସ୍ଲୋଆନେ ଷ୍ଟିଫେନ୍ସ। କାସାଟକିନା ୬-୦, ୬-୨ରେ ଜୋଡି ଆନା ବୁରାଗେଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଷ୍ଟିଫେନ୍ସ ୬-୨, ୬-୩ ସେଟ୍‌ରେ ରିବେକା ପିଟରସନଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚଗୁଡ଼ିକ ମଧ୍ୟରେ ସୋରାନା ସିର୍ଷ୍ଟିଆ ୬-୧, ୨-୬, ୬-୩ରେ ଟାଟ୍‌ଜାନା ମାରିଆଙ୍କୁ ହରାଇଥିବାବେଳେ ଇଲିସାବେଟା କୋକିଆରେଟୋ ୬-୩, ୬-୪ରେ କାମିଲା ଓସୋରିଓଙ୍କୁ, ଆନେଟ କୋଣ୍ଟାଭେଟ ୬-୪, ୬-୪ରେ ଲୁକ୍ରେଜିଆ ଷ୍ଟିଫାନିନିଙ୍କୁ, ଜ୍ୟାକଲିନ କ୍ରିଷ୍ଟିଆନ ୬-୩, ୬-୪ରେ ଲୁସିଆ ବ୍ରୋଞ୍ଜେଟିଙ୍କୁ, ଡୋନା ଭେକିକ୍ ୬-୨, ୬-୩ରେ ଝାଙ୍ଗ୍ ଶୁଇଙ୍କୁ ପରାସ୍ତ କରିଛନ୍ତି।



ରିଟର୍ନ ଶଟ୍ ଖେଳିବା ଅବସରରେ ଡାରିଆ କାସାଟକିନା।

### ଡିମିଟ୍ରୋଭଙ୍କ ସହଜ ବିଜୟ

ପୁରୁଷ ସିଙ୍ଗଲ୍ସରେ ଗ୍ରିଗୋର ଡିମିଟ୍ରୋଭ୍ ସହଜ ବିଜୟ ସହ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ବୁଧବାର ସେ ଶୋ ଶିମାବୁକୁରୋଙ୍କୁ ୬-୧, ୬-୨, ୬-୧ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଟୁର୍ ଡି ଫ୍ରାନ୍ସରୁ ଓହରିଲେ ସାଞ୍ଚେଜ

**ପାଉ (ଫ୍ରାନ୍ସ), ୫।୭ (ଏପି):** ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ୪ର୍ଥ ଷ୍ଟେଜ ଅବସରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି ପୂର୍ବତନ ପ୍ୟାରିସ-ନାଇସ୍ ଚାମ୍ପିୟନ ଲୁଇସ ଲିଅନ ସାଞ୍ଚେଜ। ତାଙ୍କ କାନ୍ଧ ହାଡ଼ ଭାଙ୍ଗିଛି। ଫଳରେ ସେ ଟୁର୍ ଡି ଫ୍ରାନ୍ସର ଅବଶିଷ୍ଟ ରେସ୍‌ରୁ ଓହରି ଯାଇଛନ୍ତି। ୪ର୍ଥ ଷ୍ଟେଜର ଶେଷ ଭାଗରେ ଅନେକ ରାଇଡର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସ୍ପାନିଶ୍ ରାଇଡର ସାଞ୍ଚେଜ ଅନ୍ୟତମ। ସାଞ୍ଚେଜ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଅସ୍ତ୍ରୋପଚାର କରାଇବେ ବୋଲି ଅସ୍ତାନା-କ୍ୱାଜାକସ୍ତାନ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ପ୍ରବୀଣ କୁମାର

**ମୀରଟ, ୫।୭ (ପି.ଟି.):** ପୂର୍ବତନ ଭାରତୀୟ କ୍ରିକେଟର ପ୍ରବୀଣ କୁମାର ଓ ତାଙ୍କ ପୁଅ ଏକ କାର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରବୀଣଙ୍କ ଏସ୍‌ୟୁଭି କାର୍ ମଙ୍ଗଳବାର ରାତିରେ ଏକ ଟ୍ରେଲର(ଟ୍ରକ୍) ସହିତ ଧକ୍କା ହୋଇଥିଲା। ଏହି ଦୁର୍ଘଟଣା ଭାରତୀୟ ଦଳର ଉଇକେଟ କିପର ବ୍ୟାଟର ରିଷଭ ପନ୍ତଙ୍କ ଦୁର୍ଘଟଣା ମନେପକାଇ ଦେଇଥିଲା। ବାଘପତ ରୋଡ୍‌ର ମୁଲତାନ ନଗର ବାସିନ୍ଦା ପ୍ରବୀଣ ନିଜ ପୁଅ ସହିତ ପାଣ୍ଡବ ନଗରରୁ ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା। କମିଶନର ଅଫିସ ସମ୍ମୁଖରେ ପଛଆଡୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରେଲର ତାଙ୍କ କାରକୁ ଧକ୍କା ଦେଇଥିଲା। ଟ୍ରେଲର ଡ୍ରାଇଭର ନାମରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଗିରଫ ମଧ୍ୟ କରାଯାଇଛି। ବଲ୍‌କୁ ଉଭୟ ପାର୍ଶ୍ୱକୁ ସୁଇଂ କରିବାରେ ମାହିର ଥିବା ୩୬ ବର୍ଷୀୟ ପ୍ରବୀଣ ଭାରତ ପାଇଁ ୬ ଟେଷ୍ଟ, ୬୮ ଦିନିକିଆ ଓ ୧୦ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଦୁର୍ଘଟଣା ପରେ ସେ ଓ ତାଙ୍କ ପୁଅ ସୁରକ୍ଷିତ ଥିବା ପ୍ରବୀଣ କହିଛନ୍ତି। ଭଗବାନଙ୍କ ଦୟାରୁ ବିଶେଷ କିଛି କ୍ଷତି ହୋଇ ନାହିଁ, କାର୍‌ଟି ବଡ ଥିବାରୁ ସେମାନେ ବର୍ତ୍ତି ଯାଇଥିବା ପ୍ରବୀଣ ପ୍ରକାଶ କରିଛନ୍ତି। ତେବେ କାର୍‌ଟି କ୍ଷତିଗ୍ରସ୍ତ ହୋଇଥିବା ପ୍ରବୀଣ କହିଛନ୍ତି। ଗତ ଡିସେମ୍ବର ମାସରେ ଭାରତୀୟ ଉଇକେଟକିପର ବ୍ୟାଟର ରିଷଭ ପନ୍ତଙ୍କ କାର ଏକ ଡିଭାଇଡରରେ ପିଟି ହୋଇ ଏଥିରେ ନିଆଁ ଲାଗି ଯାଇଥିଲା। ବର୍ତ୍ତମାନ ପନ୍ତ ରିହାବ୍‌ରେ ରହିଛନ୍ତି। ପ୍ରବୀଣ କୁମାରଙ୍କ ଅନ୍ତର୍ଜାତୀୟ କ୍ୟାରିୟର ମାତ୍ର ୫ ବର୍ଷ ରହିଥିଲେ ହେଁ ବେଶ୍ ପ୍ରଭାବଶାଳୀ ରହିଥିଲା।

# ଶତକ ଟେଷ୍ଟ ଖେଳିବେ ସ୍ମିଥ୍

ହେଡିଙ୍ଗଲି, ୫।୭

ଇଂଲଣ୍ଡ ବିପକ୍ଷ ଆଶେସ ସିରିଜ୍‌ର ତୃତୀୟ ମ୍ୟାଚ୍ ହେଡିଙ୍ଗଲିରେ ଖେଳାଯିବ। ଏହି ମ୍ୟାଚରେ ନିଜର ଶତକୀୟ ଟେଷ୍ଟ ଖେଳିବେ ଷ୍ଟିଭେନ୍ ସ୍ମିଥ୍। ଅଷ୍ଟ୍ରେଲିଆର ଅନ୍ୟତମ ଶ୍ରେଷ୍ଠ ବ୍ୟାଟରଙ୍କ ଆଭରେଜ କେବଳ କିମ୍ବଦନ୍ତୀ ସାର୍ ଡନ୍ ବ୍ରାଡମ୍ୟାନଙ୍କ ଠାରୁ ପଛରେ ରହିଛି। ଜଣେ ଲେଗ୍ ସ୍ପିନର ଓ ନିମ୍ନକ୍ରମ ବ୍ୟାଟର ଭାବରେ କ୍ୟାରିୟର ଆରମ୍ଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବ୍ୟାଟର ଭାବରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡିବାରେ ସମର୍ଥ ହୋଇଥିଲେ। ୯୯ ଟେଷ୍ଟ ଖେଳି ୩୨ ଶତକ ସହିତ ସେ ସ୍କୋର କରି ସାରିଛନ୍ତି ୯୧୧୩ ରନ୍। ୧୪ ବର୍ଷ ଧରି ନିରନ୍ତର କ୍ରିକେଟ ଖେଳି ଆସୁଥିବା ସ୍ମିଥ୍ ସ୍ୟାଣ୍ଡ ପେପର ଗେଟ୍ ସ୍କାଣ୍ଡାଲରେ ଏକ ବର୍ଷ କ୍ରିକେଟରୁ ବାସନ୍ଦ ମଧ୍ୟ ହୋଇଥିଲେ। ତେବେ ଆସନ୍ତୁ ନଜର ପକାଇବା ତାଙ୍କ କ୍ରିକେଟ ଯାତ୍ରାର ପରିସଂଖ୍ୟାନ ଉପରେ.....

**୯୧୧୩:** ବିଶ୍ୱର ଏକମାତ୍ର କ୍ରିକେଟର ଭାବରେ ୯୯ ମ୍ୟାଚ୍‌ରେ ସେ ୯୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ୯୯ ଟେଷ୍ଟ ମ୍ୟାଚର ୧୭୫ ଇନିଂସରୁ ସେ ଏହି ରନ୍ ସ୍କୋର କରିଛନ୍ତି। ବ୍ରାଏନ୍ ଲାରା ୯୯ ମ୍ୟାଚ୍‌ରୁ ୮୮୩୩ ରନ୍ ସହ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**୫୯.୫୬:** ଟେଷ୍ଟ କ୍ରିକେଟରେ ସ୍ମିଥଙ୍କ ଆଭରେଜ ରହିଛି ୫୯.୫୬। ସାର୍ ଡନ୍ ବ୍ରାଡମ୍ୟାନଙ୍କ ପରେ ଏହା ବିଶ୍ୱ କ୍ରିକେଟରେ ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ। ବ୍ରାଡମ୍ୟାନ ୫୨ ଟେଷ୍ଟ ଖେଳି ୯୯.୯୪ ଆଭରେଜରେ ରନ୍ ସ୍କୋର କରିଥିଲେ। କେନ୍ ବାରିଙ୍ଗଟନ୍ ୫୮.୬୭ର ଆଭରେଜ୍ ସହିତ ତୃତୀୟ ସ୍ଥାନରେ ରହିଛନ୍ତି। ଏହା ସହିତ ସ୍ମିଥଙ୍କ ଘରୋଇ ଆଭରେଜ ୬୪.୫୧ ରହିଥିବା ବେଳେ ବିଦେଶ ମାଟିରେ ତାଙ୍କର ଆଭରେଜ ୫୫.୬୦ ରହିଛି।

**୩୨:** ୯୯ ଟେଷ୍ଟ ଖେଳି ସାରିଥିବା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ଶତକ ରେକର୍ଡ ନିଜ ନାମରେ ରଖିଛନ୍ତି ଷ୍ଟିଭ୍ ସ୍ମିଥ୍। ସେ ୯୯ ଟେଷ୍ଟରୁ ୩୨ ଶତକ ହାସଲ କରିଛନ୍ତି। ୯୯ ମ୍ୟାଚ ଖେଳିବା ପରେ ସଚିନ୍ ତେନ୍ଦୁଲକର, ମାଥ୍ୟୁ ହେଡେନ୍ ଓ ସୁନୀଲ ଗାଭାସ୍କରଙ୍କ ଶତକ ସଂଖ୍ୟା ୩୦ ଥିଲା।

**୧୬୦:** ୯୯ ଟେଷ୍ଟ ଖେଳିବା ପରେ ସ୍ମିଥ୍ ନେଇଛନ୍ତି ୧୬୦ କ୍ୟାଚ୍। ମ୍ୟାଚ୍ ପିଛା ସେ ୧.୬ କ୍ୟାଚ୍ ଧରିଥାନ୍ତି। ୬୨ ମ୍ୟାଚରୁ ୧୧୦ କ୍ୟାଚ୍ ନେଇଥିବା ବବ୍ ସିମ୍ପସନ୍ ପ୍ରତି ମ୍ୟାଚ୍ ପିଛା ୧.୮ଟି କ୍ୟାଚ୍ ନେଇ ପ୍ରଥମ ସ୍ଥାନରେ ରହିଛନ୍ତି।



ଷ୍ଟିଭେନ ସ୍ମିଥ।




72198 21111 | BAJAJ FINANCE LTD - AF | BAJAJ SECURE - AMC • ROAD SIDE ASSISTANCE

*ସର୍ତ୍ତ ଓ ନିୟମାବଳୀ ଲାଗିବ। *କ୍ୟାଶ୍‌ବ୍ୟାକ୍ ପଲସର୍ 150 Twin Disc ପ୍ରକାର ସକାଶେ ପ୍ରଯୁଜ୍ୟ। #ପଲସର୍ 125 Neon ପ୍ରକାର ପାଇଁ ପ୍ରାରମ୍ଭିକ ମୂଲ୍ୟ ଓ ଡାଉନ୍ ପେମେଣ୍ଟ। ପ୍ରୋସେସିଙ୍ଗ ଫୀସ୍ ଓ ଅନ୍ୟାନ୍ୟ ଚାର୍ଜେସ୍ ଡାଉନ୍ ପେମେଣ୍ଟ ବହିର୍ଭୂତ ଅଟେ ଏବଂ ତାହା କ୍ରେଡିଟ୍ ପାରାମିଟର୍ସ ପୂରଣ ହେବା ଆଧାରିତ। ଫାଇନାନ୍ସିଅରଙ୍କ ନିଜସ୍ୱ ନିର୍ଣ୍ଣୟ ଉପରେ ଫାଇନାନ୍ସ ନିର୍ଭର କରେ। ବଜାଜ ଅଟୋ ବିନା ଅଗ୍ରୀମ୍ ସୂଚନାରେ ଯେକୌଣସି ବା ସବୁ ଅଫରକୁ ପ୍ରତ୍ୟାହାର କରିବାର ଅଧିକାର ରଖୁଛି। ପ୍ରଦର୍ଶିତ ଷ୍ଟଣ୍ଟସ, ଏକ୍ସପର୍ଟଙ୍କ ଦ୍ୱାରା ପ୍ରୋଫେସନାଲ୍ ସୁପରଭିଜନ୍ ଅନ୍ତର୍ଗତ, ସାଧାରଣ ଜନତା ବା ସାଧାରଣ ସଡ଼କ ଠାରୁ ଅନ୍ୟତ୍ର ନିୟନ୍ତ୍ରିତ ଓ ଆବଦ୍ଧ ପରିବେଶରେ କରାଯାଇଛି। ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ। ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ। ଏଏମ୍‌ସି ବିଶେଷ ମଡେଲ୍ସ ଆଉ ବିଶେଷ ପ୍ରଦେଶ ମାନଙ୍କରେ ଉପଲବ୍ଧ। ଅଧିକ ବିବରଣୀ ପାଇଁ ବଜାଜ ଡୀଲରଙ୍କୁ ସମ୍ପର୍କ କରନ୍ତୁ। ରୋଡ୍ ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଅନ୍ତର୍ଭୁକ୍ତ ଅଟେ।

Authorised Dealers for BAJAJ Auto Ltd.: Jeypore: DURRANI TRADERS 9124212491 • Bhawanipatna KALINGA BAJAJ 8763863692 • Bolangir URBASI BAJAJ 7381052046 • Rayagada SITA RAMA BAJAJ – 7205631185. Authorised Service Centre: Authorised Service Centre: Authorised Service Centre: Junagarh 9437092196, Muniguda 9124600099, Padampur 9668826075 Rajkhariar 9437072917, Khariar Road 9437188542, Titilagarh 9658050722, Bangamunda 6372790284 Patnagarh 9937301752, Umorkote 9556165165, Gaisilet 9937517018, Saintala-8114662939 / 9658030100, M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200, Kotpad 9437791919, Simliguda 8328854352, Nabrangpur 9022149263, Malkangiri 7894323080, Baliguda 7008301945.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ